## ଚିକେନ ଗୁପଚୁପ

ଆବଶ୍ୟକ ସାମଗ୍ରୀ : ଚିକେନ୍, ଲୁଣ, ଲଙ୍କା ଗୁଣ୍ଡ, ଜିରା ଗୁଣ୍ଡ, ଧନିଆ ଗୁଣ୍ଡ, କଟା ପିଆଜ, ପିଆଜ, ଅଦା, ରସୁଣ ପେଷ୍ଟ, କଲର ପାଉଡର, ସୋରିଷ ତେଲ, ଚିକେନ ପାଉଡର, ଗରମ ମସଲା ଓ ବଜାରରେ ମିଳୁଥିବା ଶୁଖା ଗୁପଚୁପ

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ବଜାରରେ ମିଳୁଥିବା ଶୁଖା ଗୁପଚୁପକୁ ଆ ।ଣି ତାକୁ ଛାଣି ଏକ ପାତ୍ରରେ ରଖି ଦିଅନ୍ତୁ। ପରେ ଛୋଟ ଛୋଟ ପିସ୍ ହୋଇଥିବା ଚିକେନକୁ ଭଲ ଭାବେ ଧୋଇ ଦିଅନ୍ତୁ। ଏହା ପରେ କରେଇରେ ସୋରିଷ ତେଲ ଗରମ କରନ୍ତୁ। ସେଥିରେ କଟା ପିଆଜ ପକାଇ ଭାଜନ୍ତୁ। ପିଆଜ ଲାଲ ହୋଇଯିବା ପରେ ସେଥିରେ ପିଆଜ, ଅଦା ଓ ରସୁଣ ପେଷ୍ଟ ପକାନ୍ତୁ। ତାକୁ ଭଲ ଭାବରେ କଷନ୍ତୁ। ଏହା ପରେ ସେଥିରେ ଲଙ୍କା ଗୁଣ୍ଡ, ଜିରା ଗୁଣ୍ଡ ଓ ଧନିଆ ଗୁଣ୍ଡ, ଚିକେନ କରି ପାଉଡର ପକାନ୍ତୁ। ଏହା ସହ କିଛି କଲର ପାଉଡର ପକାଇ ଭଲ ଭାବରେ କଷନ୍ତୁ । ଏବେ ସେଥିରେ ସ୍ୱାଦ ଅନୁଯାୟୀ ଲୁଣ ଓ ହଳଦୀ ପକାନ୍ତୁ୍ୟ ମସଲା ଭଲ ଭାବେ କଷି ହୋଇଯିବା ପରେ ପ୍ଲେଟରେ ଥିବା ଚିକେନ୍ ପକାଇ କଷନ୍ତୁ। ଗ୍ୟସକୁ ସିମ୍ କରି ସିଝିବା ପାଇଁ କିଛି ସମୟ ଛାଡି ଦିଅନ୍ତୁ। ଏହା ସିଝିବା ପରେ ସେଥିରେ ଗରମ ମସଲା ପକାଇ ଓହ୍ଲାଇ ଦିଅନ୍ତୁ। ଏଥର ପ୍ରସ୍ତୁତ ହୋଇଗଲା ଗୁପଚୁପ ପାଇଁ ଚିକେନ୍ ମସଲା। ଏହାପରେ ପୁଦିନା ପତ୍ର,ରେ ଲୁଣ ମିଶାଇ ତାକୁ ଗ୍ରାଇଣ୍ଡିଂ କରି ଚଟଣୀ ପ୍ରସ୍ତୁତ କରନ୍ତି। ଏହା ପରେ ଛଣା ଗୁପଚୁପରେ ଚିକେନ ମସଲା ପୂରକୁ ପୁରାନ୍ତୁ। ସେଥିରେ ଟିକିଏ ପୁଦିନା ଚଟଣି ପକାଇ ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ଚିକେନ ଗୁପଚୁପ।



**ଖବର**

# ସେପ୍ଟେମ୍ବର ୬ରେ ଆଇ ଲଭ୍ ୟୁ ୨



ମୁକ୍ତିଲାଭ କରିବ ସଂଜୟ ନାୟକ (ଟୁଟୁ)ଙ୍କ ପ୍ରଯୋଜିତ 'ଆଇ ଲଭ୍ ୟୁ ୨'। ନିର୍ମାତାଙ୍କ ସୂଚନା ଅନୁଯାୟୀ, 'ଆଇ ଲଭ୍ ୟୁ ୨' ସେପ୍ଟେମ୍ବର ୬ ତାରିଖରେ ସାରା ଓଡ଼ିଶାରେ ମୁକ୍ତିଲାଭ କରିବ। ଏବେ ନିର୍ମାତା ଫିଲ୍ମର ପ୍ରଚାର କାମ ଜୋରସୋରରେ ଚଳାଇଛନ୍ତି। ଏହାର ହୋର୍ଡିଂ କଟକ-ଭୁବନେଶ୍ୱର ଏବଂ ଆଉ କେତେକ ପ୍ରମୁଖ ସହରରେ ଦେଖିବାକୁ ମିଳିଲାଣି। ସୁଧାଂଶୁ ମୋହନ ସାହୁଙ୍କ ନିର୍ଦ୍ଦେଶିତ ଏହି ଛବିରେ ନୂଆ ନାୟକନାୟିକାଙ୍କୁ

ଗଣେଶ ପୂଜା ଅବସରରେ ମୁକ୍ତିଲାଭ କରିବ ସଂଜୟ ନାୟକ (ଟୁଟୁ)ଙ୍କ ପ୍ରଯୋଜିତ 'ଆଇ ଲଭ୍ ୟୁ ୨'। ନିର୍ମାତାଙ୍କ ସୂଚନା ଅନୁଯାୟୀ, 'ଆଇ ଲଭ୍ ୟୁ ୨' ସେପ୍ଟେମ୍ବର ୬ ତାରିଖରେ ସାରା ଓଡ଼ିଶାରେ ମୁକ୍ତିଲାଭ କରିବ। ଗଣେଶ ପୂଜା ଅବସରରେ ଦେଖିବାକୁ ପାଇବେ ସିନେପ୍ରେମୀ। ଏଥିରେ ନାୟକ ସଂଜୟ ଓ ଗୀତା

ଭୂମିକାରେ ଯଥାକ୍ରମେ ଆଦିତ୍ୟ ଓ ଅପ୍ସରା ରାଣୀ ଅଭିନୟ କରିଛନ୍ତି। ଏହାଛଡ଼ା ବବି ମିଶ୍ର, ସନ୍ତୁ, ସୁନୀଲ କୁମାର ଓ ମିତାଲି ସରଘରିଆ ବି ନଜର ଆସିବେ। 'ଆଇ ଲଭ୍ ୟୁ ୨'ରେ ଆଦିତ୍ୟ ଓ ଅପ୍ସରାଙ୍କ ଯୋଡ଼ି ସଙ୍ଗକୁ ସୁନୀଲ-ମିତାଲିଙ୍କ ଯୋଡ଼ି ବି ଅଛନ୍ତି।ପ୍ରିୟବ୍ରତ ପଣ୍ଡା ଏହାର ଚିତ୍ରନାଟ୍ୟ ଓ ସଂଳାପ ରଚନା କରିଛନ୍ତି। ପ୍ରେମ ଆନନ୍ଦ ଏହାର ସଙ୍ଗୀତକାର ଏବଂ ଦୀପକ କୁମାର ଫିଲ୍ମର ସିନେମାଟୋଗ୍ରାଫର୍।ଏହି ସିନେମାରେ ଦର୍ଶକ ରୋମାନ୍ସ ସଙ୍ଗକୁ କମେଡି ଓ ଆକ୍ସନର ଧମାକା ବି ଦେଖିବାକୁ ପାଇବେ। ଏହାର ଅଧିକାଂଶ ସୁଟିଂ କଶ୍ମୀରର ବିଭିନ୍ନ ଲୋକେସନ୍ରେ କରାଯାଇଛି। 'ଆଇ ଲଭ୍ ୟୁ ୨'ର ଟିଜର୍କୁ ଯେଉଁଭଳି ଦର୍ଶକ ପସନ୍ଦ କରିଛନ୍ତି, ସିନେମାକୁ ଅନୁରୂପ ଭଲପାଇବା ଦେବେ ବୋଲି ଆଶା ରଖିଛନ୍ତି ପ୍ରଯୋଜକ।

## ଭାଗ୍ୟ ଚମକାଇବ ଦୁବ ଘାସ

ଅନେକ ସମୟରେ ଆର୍ଥିକ ସମସ୍ୟା ଲାଗି ରହୁଥିବା ଦେଖାଯାଏ। ଏହି କାରଣରୁ ଘରେ କଳହ ପରିସ୍ଥିତି ମଧ୍ୟ ସୃଷ୍ଟି ହୋଇଥାଏ। ତେବେ ଏକ ସରଳ ବାସ୍ତୁ ଉପାୟ ଆପଣାଇବା ଦ୍ୱାରା ଆର୍ଥିକ ସମସ୍ୟା ଦୂର ହୋଇଥାଏ। ଜାଣନ୍ତୁ..

ଦୁବ ଘାସ ଭାଗ୍ୟରେ ପରିବର୍ତ୍ତନ ଆଣିଥାଏ। ଘରର ଦକ୍ଷିଣ-ପୂର୍ବ କୋଣରେ ଦୁବ ଘାସ ଲଗାଇବା ଦ୍ୱାରା ଘରେ ସକରାତ୍ମକ ଶକ୍ତି ପ୍ରବେଶ କରିଥାଏ।ଦୁବ ଘାସର ସଠିକ ଭାବେ ଯତ୍ନ ନିଅନ୍ତୁ। ଏହା ସବୁଜ ଶ୍ୟାମଳା ହୋଇ ରହିଲେ ଘରେ ସୁଖଶାନ୍ତିରେ ବୃଦ୍ଧି ଓ ଉନ୍ନତି ହୋଇଥାଏ। ପରିବାର ସଦସ୍ୟଙ୍କ ମଧ୍ୟରେ ଉତ୍ତମ ସମ୍ପର୍କ ସହ କାର୍ଯ୍ୟରେ ସଫଳତା ପ୍ରାପ୍ତି ହୋଇଥାଏ।

ଘରେ ଆର୍ଥିକ ସ୍ଥିତିରେ ଉନ୍ନତି ପାଇଁ ଦୁବ ଘାସକୁ ଘରର ଈଶାନ୍ୟ କୋଣରେ ଲଗାନ୍ତୁ। ଏହାସହ ମନ୍ଦିର ନିକଟରେ ମଧ୍ୟ ଦୁବ ଘାସ ଲଗାଇପାରିବେ। ଏହାଦ୍ୱାରା ଆମଦାନୀରେ ବୃଦ୍ଧି,କର୍ମକ୍ଷେତ୍ରରେ ସଫଳତା ଓ ଉନ୍ନତି



# ବୈଦିକ ଦାହ ସଂସ୍କାର ପରମ୍ପରା

ମହାଭାରତର ଶାନ୍ତିପର୍ବରେ ଉଲ୍ଲେଖ ରହିଛି ଯେ ଯେଉଁ ବ୍ୟକ୍ତି ସୂର୍ଯ୍ୟଙ୍କ ଉତ୍ତର ଦିଗ ଆଡ଼କୁ ଗମନ (ଉତ୍ତରାୟଣ ହେବା ସମୟରେ) ସମୟରେ ମୃତ୍ୟୁବରଣ କରିଥାଏ କିମ୍ବା ଅନ୍ୟ କୌଣସି ଶୁଭ ନକ୍ଷତ୍ର ଏବଂ ମୁହୂର୍ତ୍ତରେ ମରିଥାଏ ସେ ପୁଣ୍ୟଲାଭ କରି ସ୍ୱର୍ଗ ପ୍ରାପ୍ତି କରେ । ମୃତ୍ୟୁ ଯୁଗ ଯୁଗ ଧରି ଏକ ରହସ୍ୟ ପାଲଟିଛି । ଏହି ରହସ୍ୟ ଆଜି ମଧ୍ୟ ଜାରି ରହିଛି । ବୈଦିକ ପରମ୍ପରାରେ ଥିବା ବିଶ୍ୱାସ ଅନୁଯାୟୀ, ଶରୀର ପଞ୍ଚଭୂତ ଅର୍ଥାତ୍ ଅଗ୍ନି, ବାୟୁ, ଜଳ, ପୃଥିବୀ ଏବଂ ଆକାଶ ତତ୍ତ୍ୱରୁ ସୃଷ୍ଟି ହୋଇଥାଏ । ତେଣୁ ଶରୀରରୁ ଆତ୍ମା ତ୍ୟାଗ କରି ଚାଲିଯିବା ପରେ ହିନ୍ଦୁ ଧର୍ମୀୟ ମାନ୍ୟତା ଅନୁଯାୟୀ, ଶବରେ ଅଗ୍ନି ସଂଯୋଗ କରି ଦାହସଂସ୍କାର କରାଯାଏ । ଏପରି କରିବା ପଛରେ କାରଣଟି ହେଉଛି ବ୍ୟକ୍ତି ମୃତ୍ୟୁବରଣ କରିବା ପରେ ଶରୀରରେ ଥିବା ହାନିକାରକ କୀଟାଣୁ ଅଗ୍ନିରେ ପୋଡ଼ି ହୋଇ ନଷ୍ଟ ହୋଇଯାଆନ୍ତି । ଏହାଦ୍ୱାରା ପରିବେଶ ସୁରକ୍ଷିତ ରହିଥାଏ । ଏଥିସହିତ ଶରୀର ଅଗ୍ନିରେ ଦାହ ହେବା କାରଣରୁ ପୁଣିଥରେ ପଞ୍ଚଭୂତରେ ଲୀନ ହୋଇଯାଏ । ବୈଦିକ କାଳରେ ଶବ ଦାହ କରିବା ସମୟରେ ଅନେକ ମନ୍ତ୍ର ଉଚ୍ଚାରଣ କରାଯାଉଥିଲା । ଏହିସବୁ ମନ୍ତ୍ର ଅଥର୍ବ ବେଦରେ ଉଲ୍ଲେଖ ରହିଛି । ଚିତା ଜଳାଯିବା ସହିତ ଅଗ୍ନିକୁ ପ୍ରଜ୍ୱଳିତ କରିବା ଲାଗି ଏହିସବୁ ମନ୍ତ୍ର ଉଚ୍ଚାରଣ କରାଯାଉଥିଲା ।




# ପବିତ୍ର କୈଳାସ ମାନସରୋବର



ପୁରାଣରେ ବର୍ଣ୍ଣିତ ଅଛି– ଦେବୀ ସତୀଙ୍କ ମୃତଦେହକୁ ଧରି ପାଗଳପ୍ରାୟ ଘୂରି ବୁଲୁଥିବା ମହାଦେବଙ୍କ କ୍ରୋଧ ଶାନ୍ତ କରିବା ଲାଗି ଭଗବାନ ବିଷ୍ଣୁ ସୁଦର୍ଶନ ଚକ୍ର ପ୍ରେରଣ କଲେ । ସୁଦର୍ଶନ ମାତା ସତୀଙ୍କ ଶରୀରକୁ ୫୧ ଖଣ୍ଡରେ ପରିଣତ କଲା । ଏହି ଖଣ୍ଡ ସବୁ ବିଛାଡ଼ି ହୋଇ ବିଭିନ୍ନ ସ୍ଥାନରେ ଛିଟିକି ପଡ଼ିଲା । ଏହି ଖଣ୍ଡଗୁଡ଼ିକ ମଧ୍ୟରୁ ମାତା ସତୀଙ୍କ ଡାହାଣ ହାତ ଖସିପଡ଼ିଥିବା ସ୍ଥାନଟି ପବିତ୍ର କୈଳାସ ପର୍ବତ ପାଦଦେଶରେ ରହିଛି । ଏହି ସ୍ଥାନ ଏବେ ତିବ୍ବତ ସୀମା ଅଧୀନ ହିମାଳୟ ପର୍ବତମାଳାର କୈଳାସ ମାନସରୋବର ନିକଟରେ ରହିଛି । ଯାହା ମାନସ ରୂପରେ ପ୍ରସିଦ୍ଧ । ଏଠାରେ ମାତା ଶକ୍ତିଙ୍କୁ ଦାକ୍ଷାୟିନୀ ରୂପରେ ପୂଜା କରାଯାଇଥାଏ । ମହାଦେବଙ୍କ ଭୈରବ ସ୍ୱରୂପ ମଧ୍ୟ ଏଠାରେ ରହିଛନ୍ତି । ଯାହାଙ୍କୁ ଅମର ନାମରେ ଆରାଧନା କରାଯାଇଥାଏ । ତେବେ ଏଠାରେ ମାତା ଶକ୍ତିଙ୍କ କୌଣସି ମନ୍ଦିର ନଥିବା ଜଣାଯାଏ । ଏକ ପ୍ରସ୍ତରରେ ମାତାଙ୍କୁ ପୂଜା କରାଯାଇଥାଏ । ପବିତ୍ର ମାନସରୋବର ଯାତ୍ରାରେ ଯାଉଥିବା ଶ୍ରଦ୍ଧାଳୁମାନେ ଏଠାରେ ମାତା ଶକ୍ତି ଓ ଭଗବାନ ଶିବଙ୍କ କୃପା ଲାଭ କରିଥାନ୍ତି । ତେବେ ଏହି ଯାତ୍ରା ପାଇଁ ଭକ୍ତମାନଙ୍କୁ ଅଶେଷ କଷ୍ଟ ଉଠାଇବାକୁ ପଡ଼ିଥାଏ । ବରଫାବୃତ ହିମାଳୟ ପର୍ବତର ବିଯୁକ୍ତ ତାପମାତ୍ରାରେ ଭକ୍ତମାନଙ୍କୁ ମାନସରୋବର ନିକଟରେ ପହଞ୍ଚିବାକୁ ହୋଇଥାଏ । ସଡ଼କ ଓ ବାୟୁପଥରେ ମାନସରୋବର ଯାତ୍ରା ସମ୍ଭବ ହୋଇାଥାଏ । ମାନସରୋବର ବର୍ତ୍ତମାନ ତିବ୍ବତ୍ ସୀମାରେ ଯାଉଥିବାରୁ ଭାରତ ସରକାରଙ୍କ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଏହି ଯାତ୍ରାର ଆୟୋଜନ କରାଯାଇଥାଏ । ଜୁନ୍ ମାସରୁ ସେପ୍ଟେମ୍ବର ପର୍ଯ୍ୟନ୍ତ ଆୟୋଜିତ ହେଉଥିବା ଏହି ଯାତ୍ରା ପାଇଁ ସ୍ୱତନ୍ତ୍ର ଆବେଦନ ଏବଂ ଡାକ୍ତରୀ ପରୀକ୍ଷା କରାଇବାକୁ ହୋଇଥାଏ । କୁହାଯାଏ ମାନସରୋବରରେ ସ୍ନାନ କଲେ ମନୁଷ୍ୟର ସମସ୍ତ ପାପ କ୍ଷୟ ହୋଇଥାଏ ଏବଂ ମୃତ୍ୟୁପରେ ତା'କୁ ଶିବଲୋକ ପ୍ରାପ୍ତି ହୁଏ। ସୃଷ୍ଟିକର୍ତ୍ତା ବ୍ରହ୍ମା ସୃଷ୍ଟି ସର୍ଜନା କରିବା ସମୟରେ ଏହି ସରୋବରର କଳ୍ପନା କରି ଏହାର ସୃଷ୍ଟି କରିଥିଲେ । ସେଥିପାଇଁ ଏହାକୁ ମାନସ ସରୋବର ବା ମାନସରୋବର କୁହାଯାଇଥାଏ । କୈଳାସ ମହାଦେବଙ୍କ ନିବାସସ୍ଥଳ ବୋଲି ପୁରାଣରେ ବର୍ଣ୍ଣିତ ।

# ଓଜନ କମାଇଦେବ 'କାକୁଡି ଡାଏଟ୍'

କୌଣସି ବ୍ୟକ୍ତି ଶରୀରର ଅଧିକ ଓଜନ ପସନ୍ଦ କରନ୍ତି ନାହିଁ। ମୋଟାପଣ କେବଳ ବ୍ୟକ୍ତିର ସୌନ୍ଦର୍ଯ୍ୟ ନଷ୍ଟ କରି ନଥାଏ ନାହିଁ ବରଂ ଅନେକ ରୋଗର କାରଣ ମଧ୍ୟ



ହୋଇଥାଏ। ତେଣୁ ଓଜନ କମାଇବା ପାଇଁ ବିଶେଷଜ୍ଞମାନେ ବିଭିନ୍ନ ପ୍ରକାରର ଖାଦ୍ୟ ଅନୁସରଣ କରିବାକୁ ପରାମର୍ଶ ଦେଇଥାନ୍ତି। ଯେଉଁଥିରେ କାକୁଡି ମଧ୍ୟ ଅନ୍ତର୍ଭୁକ୍ତ। କିନ୍ତୁ ଏହି ଡାଏଟ୍ ଅନୁସରଣ କରିବା ପୂର୍ବରୁ, ଜାଣି ରଖନ୍ତୁ କିଛି ଗୁରୁତ୍ୱପୂର୍ଣ୍ଣ ଜିନିଷ। ଓଜନ ହ୍ରାସ କରିବାରେ କାକୁଡି ଡାଏଟ୍ ଅନେକ ସାହାଯ୍ୟ କରିଥାଏ। ଏହି ଡାଏଟ୍ କୁ ଅନୁସରଣ କରୁଥୁବା ଲୋକମାନେ ଅତି ସହଜରେ ୭ ରୁ ୧୪ ଦିନ ମଧ୍ୟରେ ୭ କିଲୋଗ୍ରାମ ପର୍ଯ୍ୟନ୍ତ ଓଜନ ହ୍ରାସ କରିଥାନ୍ତି। ଏହି ଡାଏଟ୍ ରେ କାକୁଡି ତୁଳନାରେ ଅନ୍ୟ ଫଳ ଏବଂ ପନିପରିବାକୁ ସର୍ବନିମ୍ନ ସ୍ତରରେ ରଖିବାକୁ ପରାମର୍ଶ ଦିଆଯାଇଥାଏ। ଉଦାହରଣ ସ୍ୱରୂପ, ଏହି ଖାଦ୍ୟରେ ମୁଖ୍ୟତଃ କିଛି ପ୍ରୋଟିନ୍ ଯୁକ୍ତ ଖାଦ୍ୟ ଯଥା ଅଣ୍ଡା, ଚିକେନ୍, ମାଛ ଏବଂ ବାଦାମ ସାମିଲ କରାଯାଇଥାଏ। କାକୁଡି ଡାଏଟ୍ ଅନୁସରଣ କରୁଥିବା ବ୍ୟକ୍ତିଙ୍କୁ ଅଧିକାଂଶ ଖାଦ୍ୟରେ କାକୁଡି ଖାଇବାକୁ ପରାମର୍ଶ ଦିଅ ।ଯାଇଥାଏ। ଏହି ଡାଏଟ୍ ଅନୁଯାୟୀ, ଯେତେବେଳେ ବି ବ୍ୟକ୍ତିକୁ ଭୋକଲାଗେ, ସେ କାକୁଡି ଖାଇବା ଉଚିତ। କାକୁଡିରେ କ୍ୟାଲୋରୀ କମ୍ ଥିବାରୁ ଆ ।ପଣ ଯେତେ ଇଚ୍ଛିବେ ଖାଇପାରିବେ। ଏହା ବ୍ୟତୀତ କାକୁଡିରେ ପ୍ରୋଟିନ୍ କମ୍ ରହିଥାଏ, ତେଣୁ ଏହି ଡାଏଟ୍ କୁ ରୁଟିନ୍ ରେ ସାମିଲ କରିବାବେଳେ କାକୁଡି ସହିତ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ଯେପରିକି ଅଣ୍ଡା, ମାଂସ, ପନିର, ଏବଂ ବାଦାମକୁ ମଧ୍ୟ ଅନ୍ତର୍ଭୁକ୍ତ କରିବା ଉଚିତ। କାକୁଡି ଡାଏଟରେ କମ୍ କ୍ୟାଲୋରୀ ଥିବା ହେତୁ ଏହା ଜଣେ ବ୍ୟକ୍ତିଙ୍କୁ କିଛି ସମୟ ପାଇଁ ଓଜନ ହ୍ରାସ କରିପାରେ, କିନ୍ତୁ ଯେମିତି ବ୍ୟକ୍ତି ନିଜର ପୁରୁଣା ଡାଏଟ୍ ଅନୁସରଣ କରିବା ଆରମ୍ଭ କରେ, ତା'ର ଓଜନ ମଧ୍ୟ ପୁଣି ବଢିଯାଇଥାଏ। ଏହା ବିଶେଷକରି ସେତେବେଳେ ହୋଇଥାଏ ଯେତେବେଳେ ଜଣେ ବ୍ୟକ୍ତି ପୁନର୍ବାର ଖାଇବା ଏବଂ ପିଇବା ଅଭ୍ୟାସ ଉପରେ ନିୟନ୍ତ୍ରଣ ହରାଇ ନିଜ ଡାଏଟ୍ରେ ପୁଷ୍ଟିକର ସମ୍ବନ୍ଧୀୟ ଜିନିଷକୁ ସାମିଲ କରିନଥାଏ। ତେଣୁ, ବଢୁଥିବା ଓଜନକୁ ନିୟନ୍ତ୍ରଣ କରିବା କିମ୍ବା କମାଇବା ସହିତ ନିଜ ସ୍ୱାସ୍ଥ୍ୟକୁ ମଧ୍ୟ ଆହୁରି ଉନ୍ନତ ରଖିବା ପାଇଁ, ଆପଣଙ୍କ ଖାଦ୍ୟରେ ବିଭିନ୍ନ ପ୍ରକାରର ଖାଦ୍ୟ ଅନ୍ତର୍ଭୁକ୍ତ କରନ୍ତୁ।

# ମୁଖ୍ୟ ଶାସନ ସଚିବଙ୍କ ବିଶ୍ୱ ଦକ୍ଷତା କେନ୍ଦ୍ର ପରିଦର୍ଶନ

**ଭୁବନେଶ୍ୱର,୧।୯ (ମହାଭାରତ):** ଆଜି ରାଜ୍ୟ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଭୁବନେଶ୍ୱର ମଞ୍ଚେଶ୍ୱରଠାରେ ଓଡ଼ିଶା ସରକାରଙ୍କ ପକ୍ଷରୁ ସ୍ଥାପନ କରାଯାଇଥିବା ବିଶ୍ୱ ଦକ୍ଷତା କେନ୍ଦ୍ର ପରିଦର୍ଶନ କରିଛନ୍ତି। ଓଡ଼ିଶାର ଯୁବପିଙ୍କୁ ଶିଳ୍ପ ଉପଯୋଗୀ ତାଲିମ ପ୍ରଦାନ ସହିତ ସେମାନଙ୍କ ଦକ୍ଷତାକୁ ବ୍ୟାପକ କରିବା ପାଇଁ ସ୍ଥାପିତ ଏହି କେନ୍ଦ୍ର ଯୁବପିଙ୍କ ଦକ୍ଷତା ବିକାଶ ଦିଗରେ ବିଶେଷ ସହାୟକ ହେଉଛି। ଆଗାମୀ କାଲିର ଶିଳ୍ପ ଦୁନିଆ। ପାଇଁ ଦକ୍ଷ ମାନବ ସମ୍ବଳ ସୃଷ୍ଟି ଦିଗରେ ଏହି କେନ୍ଦ୍ର ପ୍ରମୁଖ ଭୂମିକା ନେଉଛି ବୋଲି ମୁଖ୍ୟ ଶାସନ ସଚିବ ଶ୍ରୀ ଆହୁଜା ପ୍ରକାଶ କରିଛନ୍ତି। ମୁଖ୍ୟ ଶାସନ ସଚିବ ଆଜି ବିଶ୍ୱ ଦକ୍ଷତା କେନ୍ଦ୍ରର ପରିଦର୍ଶନ କରି କେନ୍ଦ୍ରରେ ଚାଲୁ ରହିଥିବା ବିଭିନ୍ନ ପ୍ରଶିକ୍ଷଣ ଓ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ । ଏହି ଗସ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ଶ୍ରୀ ଆହୁଜାଙ୍କ ସହ ଓଡ଼ିଶାର ମାନ୍ୟବର ରାଜ୍ୟପାଳ ତଥା ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ଏନ. ବି. ଏସ୍ ରାଜପୁତ ଯୋଗ ଦେଇଥିଲେ।



ବିଶ୍ୱ ଦକ୍ଷତା କେନ୍ଦ୍ରରେ 'ସ୍କୁଲ ଅଫ୍ ଇଞ୍ଜିନିୟରିଂ' ଓ 'ସ୍କୁଲ ଅଫ୍ ସର୍ଭିସେସ୍' ବିଭାଗ ଅଧୀନରେ ଥିବା ମୋଟ ୭ଟି ପାଠ୍ୟକ୍ରମରେ ଛାତ୍ରଛାତ୍ରୀଙ୍କୁ ପ୍ରାକ୍ଟିକାଲ ସୁବିଧା ଦେବା ପାଇଁ ଅନ୍ତର୍ଜାତୀୟ ମାନର ପରୀକ୍ଷାଗାର (ଲାବୋରେଟୋରୀ) ସ୍ଥାପନ କରାଯାଇଛି। ଏହି ଅବସରରେ ମୁଖ୍ୟ ଶାସନ ସଚିବ ବିଭିନ୍ନ ଲାବୋରେଟୋରୀ ବୁଲି ଦେଖିଥିଲେ। ତାଲିମ ପାଠ୍ୟକ୍ରମରେ ଏହା କିପରି ସହାୟକ ହେଉଛି ସେ ବିଷୟରେ ମୁଖ୍ୟ ଶାସନ ସଚିବ ଛାତ୍ରଛାତ୍ରୀ ଓ ପ୍ରଶିକ୍ଷକଙ୍କଠାରୁ ପଚାରି ବୁଝିଥିଲେ। ବିଶ୍ୱ ଦକ୍ଷତା କେନ୍ଦ୍ରରେ ତାଲିମ ପାଠ୍ୟକ୍ରମ ଶେଷ ହେବା ପରେ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ନିଯୁକ୍ତି କାର୍ଯ୍ୟକ୍ରମ ଜରିଆରେ ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରର ପ୍ରମୁଖ କମ୍ପାନୀରେ ନିଯୁକ୍ତି ସୁଯୋଗ ଦିଆଯାଉଛି।ମୁଖ୍ୟ ଶାସନ ସଚିବ ଏ ବିଷୟରେ ଜାଣିବା ସହିତ ଏଭଳି ପଦକ୍ଷେପକୁ ପ୍ରଶଂସା କରିଥିଲେ। ମୁଖ୍ୟ ଶାସନ ସଚିବ କହିଥିଲେ ଯେ, ''ଓଡ଼ିଶାର ଯୁବପିଢ଼ିଙ୍କ ଭିତରେ ଯେଉଁ ଅନନ୍ୟ ଦକ୍ଷତା ରହିଛି, ଏହାକୁ ଶାଣିତ କରିବା ସହିତ ଆଗାମୀ କାଲିର ଆଧୁନିକ ଶିଳ୍ପ ଦୁନିଆ। ପାଇଁ ଆବଶ୍ୟକ ଯୁବ ମାନବ ସମ୍ବଳ ପ୍ରସ୍ତୁତି ଦିଗରେ ବିଶ୍ୱ ଦକ୍ଷତା କେନ୍ଦ୍ର ପ୍ରମୁଖ ଭୂମିକା ଗ୍ରହଣ କରୁଛି। ଫଳରେ ଓଡ଼ିଶାରେ ଦକ୍ଷତା ବିକାଶ କ୍ଷେତ୍ରରେ ଏକ ଅନୁକୂଳ ପରିବେଶ ସୃଷ୍ଟି ହୋଇପାରିଛି। ରାଜ୍ୟ ସରକାରଙ୍କ 'ସ୍କିଲ୍ଡ ଇନ୍ ଓଡ଼ିଶା' କାର୍ଯ୍ୟକ୍ରମ ଅଧୀନରେ ଓଡ଼ିଶାର ଯୁବପିଢ଼ିଙ୍କ ଦକ୍ଷତାକୁ ବିଶ୍ୱସ୍ତରୀୟ କରିବା ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଉଛି। ଏହି ଅବସରରେ ମୁଖ୍ୟ ଶାସନ ସଚିବ ଶ୍ରୀ ଆହୁଜା ଓଡ଼ିଶା ଦକ୍ଷତା ବିକାଶପ୍ରାଧିକରଣ ଏବଂ ବିଶ୍ୱ ଦକ୍ଷତା କେନ୍ଦ୍ରର ବରିଷ୍ଠ ଅଧିକାରୀମାନଙ୍କ ସହିତ ବିଭିନ୍ନ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ବିଷୟରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ ଏବଂ ବିଶ୍ୱ ଦକ୍ଷତା କେନ୍ଦ୍ରର ସିଇଓ ଶ୍ରୀମତୀ ରଶ୍ମିତା ପଣ୍ଡା, ବିଭାଗୀୟ ଅତିରିକ୍ତ ସଚିବ ତଥା ବିଶ୍ୱ ଦକ୍ଷତା କେନ୍ଦ୍ରର ସିଓଓ ଶ୍ରୀଯୁକ୍ତ ପିନାକୀ ପଟ୍ଟନାୟକ, ଅଧକ୍ଷ ଟି ଅମ୍ବିରାଜା, ଉପାଧ୍ୟକ୍ଷା ଜିତାମିତ୍ର ଶତପଥୀ, ସ୍କୁଲ ଅଫ୍ ଇଞ୍ଜିନିୟରିଂ ଏବଂ ସ୍କୁଲ ଅଫ୍ ସର୍ଭିସେସର ନିର୍ଦ୍ଦେଶକଙ୍କ ସହ ଅନ୍ୟ ଅଧିକାରୀମାନେ ଯୋଗ ଦେଇଥିଲେ।

# ବାଘ ଛାଲ ଜବତ : ୭ ଗିରଫ



**ଭୁବନେଶ୍ୱର,୧।୯ (ମହାଭାରତ):** ଭୁବନେଶ୍ୱରରେ ଏକ କାଳରପତରିଆ। ବାଘ ଛାଲ ଜବତ କରିଛି ଭୁବନେଶ୍ୱର ନଗର ବନଖଣ୍ଡ। ୭ ଜଣ ଶିକାରୀଙ୍କ ସମେତ ଦଲାଲଙ୍କୁ ମଧ୍ୟ ଗିରଫ କରିଛି ପୋଲିସ ଯ ଏହି କାଳରପତରିଆ। ବାଘ ବୌଦ୍ଧ ବଧେଲା ଜଙ୍ଗଲରେ ଶିକାର ହୋଇଥିବା ସୂଚନା ମିଳିଛି । ମାଙ୍କଡ଼ ପାଇଁ ରଖାଯାଇଥିବା ଫାଶରେ ପଡ଼ି ବାଘର ମୃତ୍ୟୁ ହେଇଥିଲା।

ବାଘ ଛାଲକୁ ଆଣି ଭୁବନେଶ୍ୱର ତମାଣ୍ଡୋ କାଶୀପୁର ମୌଜା ବାଲିଆପଡ଼ାରେ ବିକ୍ରି କରିବାକୁ ଡିଲ୍ ହୋଇଥିଲା। ବୈକୁଣ୍ଠ ନାମକ ବ୍ୟକ୍ତି ଏହି ଡିଲ୍ କରୁଥିବା ବେଳେ ଓଆଇଏସ୍ଏଫ୍ ଯବାନ ପପୁ ସାହୁ ବି ଏହି ଡିଲ୍ରେ ସାମିଲ ଥିଲା ଯ ପପୁ ଶିକାରୀ ଆଉ ଦଲାଲ ଭିତରେ ମଧ୍ୟସ୍ଥି ସାଜିଥିଲା ଯ ପପୁର ଏକ ବିରାଟ ନେଟୱାର୍କ ସାରା ରାଜ୍ୟରେ କାମ କରୁଥିବା ନଗର ବନଖଣ୍ଡ ଅଧିକାରୀ ଅଜି କୁମାର ଶତପଥୀ ସୂଚନା ଦେଇଛନ୍ତି । ଗିରଫ ଅଭିଯୁକ୍ତ ହେଲେ ବିଭୂତି ଭୂଷଣ ନାୟକ, ସନ୍ତୋଷ ସାହୁ, ଓଆଇଏସ୍ଏଫ୍ ଯବାନ ପପୁ ସାହୁ, ସନତ ଉର୍ମା, ପ୍ରବୀଣ କୁମାର ପ୍ରଧାନ, ଅମ୍ବି ମଲ୍ଲିକ, କବିରାଜ ସ୍ୱାଇଁ ।

# ସେର୍ଭୋଟେକ୍ ପାୱାର ସିଷ୍ଟମ ଏଏନଇଆରଟି ପାଇଁ ୧୨ ଇଭି ଚାର୍ଜିଂ ଷ୍ଟେସନ ନିର୍ମାଣ କରିବ

**ଭୁବନେଶ୍ୱର,୧।୯ (ମହାଭାରତ):** ଭାରତର ସର୍ବବୃହତ୍ ଇଭି ଚାର୍ଜର ନିର୍ମାତା ସେର୍ଭୋଟେକ୍ ପାୱାର ସିଷ୍ଟମ୍ ଲିମିଟେଡ୍ କେରଳ ସରକାରଙ୍କ ଶକ୍ତି ବିଭାଗର ନୂତନ ଓ ନବୀକରଣଯୋଗ୍ୟ ଶକ୍ତି ଗବେଷଣା ଓ ପ୍ରଯୁକ୍ତି ବିଦ୍ୟା ଏଜେନ୍ସି ଠାରୁ ୧୨ଟି ଇଭି ଚାର୍ଜିଂ ଷ୍ଟେସନ୍ ସ୍ଥାପନ ପାଇଁ ଯଥେଷ୍ଟ ଚୁକ୍ତି ହାସଲ କରିଛି। ଏହି ଚୁକ୍ତି ଅନୁଯାୟୀ ସେର୍ଭୋଟେକ୍ କେରଳ ମୋଟର ଯାନ ବିଭାଗର ବିଭିନ୍ନ ସ୍ଥାନରେ ୩୦ କିଲୋୱାଟ୍ ଫାଷ୍ଟ ଡିସି ଇଭି ଚାର୍ଜର ସହିତ ୧୨ଟି ଇଲେକ୍ଟ୍ରିକ୍ ଯାନ (ଇଭି) ଚାର୍ଜିଂ ଷ୍ଟେସନ୍ ନିର୍ମାଣ କରିବ। ଏହି ଚୁକ୍ତିରେ ସର୍ଭୋଟେକ୍ ଯୋଗାଣ, କାର୍ଯ୍ୟକ୍ଷମ ଏବଂ ଇଭି ଚାର୍ଜିଂ ଷ୍ଟେସନ ନିର୍ମାଣ ଅନ୍ତର୍ଭୁକ୍ତ । ଏହି ପାଇଲଟ୍ ପ୍ରୋଜେକ୍ଟ ଯାହାର କାର୍ଯ୍ୟକାରିତା ଆରମ୍ଭ ହୋଇସାରିଛି ତାହା ପ୍ରଥମ ପର୍ଯ୍ୟାୟରେ ୪ଟି ଇଭି ଚାର୍ଜିଂ ଷ୍ଟେସନ ସ୍ଥାପନ ସହିତ ପର୍ଯ୍ୟାୟକ୍ରମେ କାର୍ଯ୍ୟକାରୀ ହେବ ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ୮ଟି ଇଭି ଚାର୍ଜିଂ ଷ୍ଟେସନ ସ୍ଥାପନ କରାଯିବ ।

ସେର୍ଭୋଟେକ୍ ପାୱାର ସିଷ୍ଟମ୍ ଲିମିଟେଡ୍ର ନିର୍ଦ୍ଦେଶିକା ସାରିକା ଭାଟିଆ କହିଛନ୍ତି, "ଏଏନ୍ଇଆରଟି ପାଇଁ ଏହି ପାଇଲଟ୍ ପ୍ରୋଜେକ୍ଟରେ କାମ କରି ଆମେ ଆନନ୍ଦିତ। ଏକ ଅଗ୍ରଣୀ ଇଭି ଚାର୍ଜିଂ ଖେଳାଳି ଭାବରେ ଯିଏ ଭାରତକୁ ସବୁଜ ପରିବହନ ଦିଗରେ ପରିବର୍ତ୍ତନ କରିବା ଦିଗରେ ବହୁତ ସକ୍ରିୟ ଭାବରେ କାର୍ଯ୍ୟ କରୁଛନ୍ତି, ଏହି ପଦକ୍ଷେପ ଆମକୁ ଭାରତକୁ ଏକ ଇଭି ଚାଳିତ ରାଷ୍ଟ୍ର ଭାବରେ ଦେଖିବାର ଆମର ସାମୂହିକ ସ୍ୱପ୍ନକୁ ହାସଲ କରିବାର ନିକଟତର କରିଛି । ଆମେ କେରଳଠାରୁ ଆରମ୍ଭ କରି ଅନ୍ୟ ରାଜ୍ୟକୁ ମଧ୍ୟ ଆମର ସବୁଜ ପାଦଚିହ୍ନ ସୃଷ୍ଟି କରିବାକୁ ଯୋଜନା କରୁଛୁ ।

# ମାଛ ଦର ୩୦୦ ଟପିଲା

**ଭୁବନେଶ୍ୱର,୧।୯ (ମହାଭାରତ):** ଚିକେନ୍ ଛାଡ଼ି ମାଛ ଦୋକାନ ମୁହାଁ ଗ୍ରାହକ। ବାର୍ଡ ଫ୍ଲୁ ଆତଙ୍କ ପରେ ଲୋକମାନେ ଚିକେନ୍ ଖାଇବା ନେଇ ଭୟଭୀତ ହୋଇପଡିଛନ୍ତି। ଫଳରେ ମାଛ ଦୋକାନରେ ଭିଡ ଜମୁଛି। ଏହାର ଫାଇଦା ଉଠାଉଛନ୍ତି ମାଛ ଦୋକାନୀ। କିଲୋ ପ୍ରତି ଦେଢ଼ ଶହ/ଦୁଇ ଶହ ଟଙ୍କାରୁ ଏକାଥରେ ରେଟ୍ ଏବେ ଦ୍ୱିଗୁଣା ବିଯାଇଛି। ପୂର୍ବରୁ ରୋହି ଓ ଭାକୁର କିଲୋ ଜିଅନ୍ତା ୨୦୦ ଟଙ୍କା ରହୁଥିବାବେଳେ ମଲା ମାଛ ୧୨୦ ରୁ ୧୫୦ ଟଙ୍କା ରହୁଥିଲା। ହେଲେ ଆଶ୍ୟକତାକୁ ଦେଖି ବେପାରୀ ଏବେ ମାଛ ଦାମ ୩୦୦ ଟଙ୍କା ଉପରେ ବିକୁଛନ୍ତି। ସେପଟେ କମିଛି ଚିକେନ୍ ରେଟ୍। ୧୦୦ରୁ ୧୨୦ ଟଙ୍କା ଦରରେ ବିକ୍ରି ହେଉଛି ଚିକେନ। ଏକ ପକ୍ଷରେ ଚିକେନ ଦୋକାନୀ ହାତ ଟେକି ବସିଥିବା ବେଳେ ମାଛ ବେପାରୀ ହୋଇଛନ୍ତି ଲାଲେଲାଲ।

# କୁଖ୍ୟାତ କ୍ରିଷ୍ଣା ଗ୍ୟାଙ୍ଗର ୮ ଲୁଟେରା ଗିରଫ

**ଭୁବନେଶ୍ୱର,୧।୯ (ମହାଭାରତ):** ପୁରୀରୁ ଆସି ରାଜଧାନୀରୁ ବାଇକ୍ ଲୁଟୁଥିବା କୁଖ୍ୟାତ କ୍ରିଷ୍ଣା ଗ୍ୟାଙ୍ଗ୍ ଶେଷରେ କମିସନରେଟ୍ ପୁଲିସ ପଞ୍ଝାରେ ପଡ଼ିଛି। ସ୍ପେସାଲ୍ ସ୍କ୍ୱାଡ୍ ଓ ବଡ଼ଗଡ଼ ଥାନା ପୁଲିସ ମିଳିତ ଅପରେସନ୍ କରି ୮ ଲୁଟେରାଙ୍କୁ କାବୁ କରିଛି । ସେମାନେ ହେଲେ ଗ୍ୟାଙ୍ଗ୍ ମୁଖିଆ। କୋଣାର୍କ ଅଞ୍ଚଳର କ୍ରିଷ୍ଣା କାଣ୍ଡି ଓରଫ ରାହୁଲ୍ କାଣ୍ଡି(୨୪), ପୁରୀ ତାଳବଣିଆ। ଅଞ୍ଚଳର ସୁଦର୍ଶନ ଦାସ ଓରଫ ସୁଜି(୩୬), କୋଣାର୍କ ଚନ୍ଦ୍ରଭାଗା ଅଞ୍ଚଳର ରାମଚନ୍ଦ୍ର ବେହେରା(୨୮), ସାନଜ ବେହେରା ଓରଫ ସନିଆ।(୨୯), ଜଗନ ରାଉତ(୨୨), କୋଣାର୍କ ରାମଚଣ୍ଡୀ ଅଞ୍ଚଳର ଦୀପକ କୁମାର ସାହୁ ଓରଫ ଦିଲୁ(୨୫), ପୁରୀ ଗୋପ ଅଞ୍ଚଳର ଆକାଶ ବାରିକ(୨୩) ଓ ପିପିଲି ଅଞ୍ଚଳର ସତ୍ୟରଂଜନ ଭୋଇ ଓରଫ ମନ୍ତା(୨୮)। ପୁଲିସ ସେମାନଙ୍କ ନିକଟରୁ ୩୧ଟି ବାଇକ୍, ଗୋଟିଏ ବାଇକ୍ ଇଂଜିନ୍, ୫ ମାଷ୍ଟର କି' ଓ ମୋବାଇଲ୍ ଫୋନ୍ ଜବତ କରିଛି। ପ୍ରାୟ ୬ମାସ ହେଲା କମିସନରେଟ୍ ପୁଲିସ ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟିଥିବା ଏହି ଗ୍ୟାଙ୍ଗ୍ ସମ୍ପର୍କରେ ଆଜି ପୁଲିସ ସେବାଭବନରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ପୁଲିସ କମିସନର ସଞ୍ଜୀବ ପଣ୍ଡା ଓ ଡିସିପି ପ୍ରତୀକ ସିଂ ସୂଚନା ଦେଇଛନ୍ତି। ୬ମାସ ହେଲା ଏହି ଗ୍ୟାଙ୍ଗ ରାଜଧାନୀରେ ସକ୍ରିୟ ଥିଲା। ବଡ଼ଗଡ଼, ଲିଙ୍ଗରାଜ, ଧଉଳି, କ୍ୟାପିଟାଲ୍, ଲକ୍ଷ୍ମୀସାଗର ଆଦି ଥାନା ଅଞ୍ଚଳରୁ ଏହି ଗ୍ୟାଙ୍ଗ୍ ବାଇକ୍ ଚୋରି କରୁଥିଲା। ଗ୍ୟାଙ୍ଗର ସଦସ୍ୟମାନେ ଦଳବଳ ହୋଇ ଗୋଟିଏ ବାଇକରେ ୨ଜଣ ଲେଖାଏଁ ଆସୁଥିଲେ ଏବଂ ଫେରିବା ବେଳେ ସମସ୍ତେ ଗୋଟିଏ ଗୋଟିଏ ବାଇକ୍ ଧରି ଫେରୁଥିଲେ। ମଲ୍, କୋର୍ଟ ଓ ଜନଗହଳି ଅଞ୍ଚଳକୁ ଟାର୍ଗେଟ୍ କରୁଥିଲେଯ ମାଷ୍ଟର କି'ରେ ବାଇକ୍ ଲକ୍ ଖୋଲି ଚୋରି କରୁଥିଲେ। ବାଇକ୍ ଚୋରି ନେଇ ବିଭିନ୍ନ ଥାନାରେ ବାରମ୍ବାର ଅଭିଯୋଗ ହେବା ପରେ ସ୍ପେସାଲ୍ ସ୍କ୍ୱାଡ୍ ଗ୍ୟାଙ୍ଗକୁ ଠାବ କରିବା ପାଇଁ ଯୋଜନା କରିଥିଲା। ଯେଉଁ ସବୁସ୍ଥାନରୁ ବାଇକ୍ ଚୋରି ହୋଇଥିଲା, ପୁଲିସ ସେହିସବୁ ସ୍ଥାନରୁ ସିସିଟିଭି ଫୁଟେଜ୍ ସଂଗ୍ରହ କରିଥିଲା। ପୁରୀ, କଟକ, ଖୋର୍ଦ୍ଧା ଆଦି ସହରରୁ ମିଳିଥିବା ବିଭିନ୍ନ ବାଇକ୍ ଚୋରୀ ସଂକ୍ରାନ୍ତୀୟ ସିସିଟିଭି ଫୁଟେଜ୍ ମେଳ କରିବା ପରେ ପୁଲିସକୁ କ୍ରିଷ୍ଣା ଗ୍ୟାଙ୍ଗ୍ ବାବଦରେ ସୁରାକ ମିଳିଥିଲା। କିନ୍ତୁ ଏହି ଗ୍ୟାଙ୍ଗର କୌଣସି ସଦସ୍ୟ ରାଜଧାନୀରେ ରହୁନଥିବାରୁ ସେମାନଙ୍କୁ ଧରିବା ସହଜ ନଥିଲା। ସେମାାନେ ପୁରୀରୁ ଆସୁଥିଲେ ଏବଂ ଠାବ କରିଥିବା ବାଇକ୍ ଉଠାଇ ଛୁ' ମାରୁଥିଲେ। ତେଣୁ ପୁଲିସ ଉତ୍ତରା ଛକ, ସାମନ୍ତରାପୁର ଛକ, ଟଙ୍କପାଣି ରୋଡ୍ ଆଦି ଅଞ୍ଚଳର ସିସିଟିଭି ଫୁଟେଜ୍କୁ ରୀତିମତ ଯାଞ୍ଚ କରିବା ଆରମ୍ଭ କରିଥିଲା। ବୁଧବାର ଅପରାହ୍ଣରେ କ୍ରିଷ୍ଣା ଏକ ବାଇକ୍ ଯୋଗେ ଟଙ୍କପାଣି ରୋଡ୍ରେ ବୁଲୁଥିବା ଜଣାପଡ଼ିଥିଲା। ତେଣୁ ବଡ଼ଗଡ଼ ଥାନା ପୁଲିସ ଓ ସ୍ପେସାଲ୍ ସ୍କ୍ୱାଡ୍ ତୁରନ୍ତ ଉକ୍ତ ଅଞ୍ଚଳରେ ସାଦା ପୋଷାକରେ ଖେଦି ଯାଇଥିଲେ। ଶେଷରେ କ୍ରିଷ୍ଣାକୁ ବଡ଼ଗଡ଼ ଅଞ୍ଚଳରେ କାବୁ କରାଯାଇଥିଲାଯ ଥାନାକୁ ନେଇ ଜେରା କରିବା ପରେ ସେ ସତ ମାନିଯାଇଥିଲା।



# କୋରାପୁଟ-ସିଙ୍ଗାପୁର ରୋଡ୍ (ରାୟଗଡ଼ା) ରେଳ ଲାଇନ ଦୋହରୀକରଣ କାର୍ଯ୍ୟରେ ଅଗ୍ରଗତି

**ଭୁବନେଶ୍ୱର,୧।୯ (ମହାଭାରତ):** କୋରାପୁଟ-ସିଙ୍ଗାପୁର ରୋଡ୍ (ରାୟଗଡା) ରେଳ ଲାଇନରେ ୧୬୫କିଲୋମିଟର ଦୈର୍ଘ୍ୟରେ ଚାଲୁ ରହିଥିବା ଦୋହରୀକରଣ କାର୍ଯ୍ୟ ଗୁରୁତ୍ୱପୂର୍ଣ୍ଣ ଇଞ୍ଜିନିୟରିଂ ଆହ୍ୱାନ ସତ୍ତ୍ୱେ କ୍ରମାଗତ ଭାବରେ ଅଗ୍ରଗତି କରିଚାଲିଛି। ରେଳ ସଂଯୋଗୀକରଣ ବୃଦ୍ଧି ଏବଂ ଆଞ୍ଚଳିକ ବିକାଶକୁ ପ୍ରୋତ୍ସାହନ କରିବା ପାଇଁ ଜଟିଳ ଭୌଗଳିକ ଏବଂ ପ୍ରତିକୂଳ ପରିବେଶ ପରିସ୍ଥିତି ସତ୍ତ୍ୱେ ପ୍ରକଳ୍ପଟି ଗୁରୁତ୍ୱପୂର୍ଣ୍ଣ।

ଏହି ପ୍ରକଳ୍ପର ୨୨.୯୪ କିଲୋମିଟର ଦୈର୍ଘ୍ୟ ଲକ୍ଷ୍ମୀପୁର ଏବଂ ଟିକିରି ମଧ୍ୟରେ ରେଳ ଲାଇନ ଦୋହରୀକରଣ କାର୍ଯ୍ୟକୁ ସଫଳତାର ସହ ସମାପ୍ତ କରାଯାଇ କାର୍ଯ୍ୟକ୍ଷମ ହୋଇଛି। ଏକ ପ୍ରମୁଖ ଭୂସ୍ଖଳନ ପ୍ରବଣ ଅଞ୍ଚଳ ଟିକିରି ଏବଂ ଭାଲୁମାସ୍କା ଷ୍ଟେସନ ମଧ୍ୟରେ ୪୫.୪୬ କିଲୋମିଟର ଦୂରତା ବିଶିଷ୍ଟ ରେଳ ସେକ୍ସନ ମଧ୍ୟରେ ଟନେଲ ଏବଂ ସେତୁ ନିର୍ମାଣ ପାଇଁ ମଧ୍ୟ ଟେଣ୍ଡର ଆହ୍ୱାନ କରାଯାଇଅଛି। ଲକ୍ଷ୍ମୀପୁର ରୋଡ୍ ଏବଂ ବାଇଗୁଡା ମଧ୍ୟରେ ୨୭.୮୨ କିଲୋମିଟର ଦୈର୍ଘ୍ୟ ରେଳ ଲାଇନ ଚଳିତ ଆର୍ଥିକ ବର୍ଷ ମଧ୍ୟରେ ଶେଷ ହେବାକୁ ଲକ୍ଷ୍ୟ ରଖାଯାଇଛି।

କୋରାପୁଟ-ରାୟଗଡା ରେଳ ମାର୍ଗରେ ଭୂସ୍ଖଳନ ହେବାର ଅନେକ ଅଞ୍ଚଳ ଅନ୍ତର୍ଭୁକ୍ତ। ବିଶେଷକରି ଟିକିରି-ଭାଲୁମାସ୍କା ରେଳ ସେକ୍ସନ ପ୍ରମୁଖ ଭୂସ୍ଖଳନ ପ୍ରବଣ ଅଞ୍ଚଳରେ ଅବସ୍ଥିତ। ବର୍ତ୍ତମାନ କୋରାପୁଟ-ରାୟଗଡା ରେଳ ମାର୍ଗରେ ୩୬ଟି ଟନେଲ୍ ଥିବାବେଳେ ଦୋହରୀକରଣ କାର୍ଯ୍ୟରେ ୩୨ଟି ଟନେଲ ନିର୍ମାଣ କରାଯିବାକୁ ଯୋଜନା କରାଯାଇଅଛି। ସେଥିମଧ୍ୟରେ ଟିକିରି ଏବଂ ଭାଲୁମାସ୍କା ମଧ୍ୟରେ ୧୯ ଗୋଟି, ଭାଲୁମାସ୍କା ଏବଂ ସିଙ୍ଗାପୁର ରୋଡ୍ ମଧ୍ୟରେ ୯ ଗୋଟି ଏବଂ ବାଇଗୁଡା ଏବଂ ଲକ୍ଷ୍ମୀପୁର ରୋଡ୍ ମଧ୍ୟରେ ୪ ଗୋଟି ଟନେଲ ଅନ୍ତର୍ଭୁକ୍ତ। ଏହି କାର୍ଯ୍ୟରେ ଉଚ୍ଚ ପର୍ବତ ଶୃଙ୍ଗ ସହିତ ଖାଇ ଅନ୍ତର୍ଭୁକ୍ତ। ଗୋଟିଏ ପାର୍ଶ୍ୱରେ ପାହାଡ ଦ୍ୱାରା ସୀମାନ୍ତ ଥିବାବେଳେ ଅନ୍ୟ ପାର୍ଶ୍ୱରେ ୧୦୦ ମିଟରରୁ ଅଧିକ ଖାଇ ଅବସ୍ଥିତ ଓ ଗଭୀର ଉପତ୍ୟକା ଅବସ୍ଥିତ ଥିବା ଦ୍ୱାରା ଏହି ପ୍ରକଳ୍ପର ନିର୍ମାଣ ଉଭୟ ଏକ ବଡ଼ ଆହ୍ୱାନ ଏବଂ ବିପଜ୍ଜନକ ଅଟେ। ଏହି ପ୍ରକଳ୍ପର ଦୀର୍ଘତମ ଟନେଲ୍, ୨ କିଲୋମିଟର ଦୈର୍ଘ୍ୟ ଯାହା ଆବଶ୍ୟକ ଇଞ୍ଜିନିୟରିଂର ମାପକାଠି ପ୍ରଦର୍ଶନ କରିବ। ଏହି ରେଳ ଲାଇନ ପ୍ରକଳ୍ପ ଏକ ଘାଟ ସେକ୍ସନ ଏବଂ ସଂରକ୍ଷିତ ଜଙ୍ଗଲ ଅଞ୍ଚଳ ଦେଇ ଅତିକ୍ରମ କରୁଥିବାରୁ ପରିବେଶର ପ୍ରଭାବକୁ କମ୍ କରିବାକୁ ଯତ୍ନଶୀଳ ଯୋଜନା ଏବଂ କାର୍ଯ୍ୟକାରିତା ଆବଶ୍ୟକ କରୁଅଛି।

କୋରାପୁଟ-ସିଙ୍ଗାପୁର ରୋଡ୍ ରେଳ ଲାଇନ ମାର୍ଗ ଏହାର ଚମତ୍କାର ଦୃଶ୍ୟ ଦୃଶ୍ୟ ପାଇଁ ପ୍ରସିଦ୍ଧ ଯାହା ୟୁରୋପୀୟ ଦେଶମାନଙ୍କ ସହିତ ପ୍ରତିଦ୍ୱନ୍ଦ୍ୱିତା କରେ। ଏହି ରେଳ ଲାଇନର ଦୋହରୀକରଣ ହେବା କେବଳ ରେଳ ପରିବହନର ଦକ୍ଷତା ଏବଂ କ୍ଷମତା ବୃଦ୍ଧି କରିବ ନାହିଁ ବରଂ ଏହି ଅଞ୍ଚଳରେ ପର୍ଯ୍ୟଟନ ପାଇଁ ନୂତନ ସୁଯୋଗ ମଧ୍ୟ ସୃଷ୍ଟି କରିବ। ଉନ୍ନତ ରେଳ ସଂଯୋଗ ଏହି ଅଞ୍ଚଳକୁ ଅଧିକ ପର୍ଯ୍ୟଟକଙ୍କୁ ଆକର୍ଷିତ କରିବ ବୋଲି ଆଶା କରାଯାଏ, ଯାହା ଦ୍ୱାରା ପର୍ଯ୍ୟଟକ ମାନେ ଭାରତର ଏହି ଅଞ୍ଚଳର ଚମତ୍କାର ଦୃଶ୍ୟ ଏବଂ ସାଂସ୍କୃତିକ ସମୃଦ୍ଧତାକୁ ଅନୁଭବ କରିବେ।

# ଜିଆରଏମ ଓଭରସିଜର ଆମ୍ବାସାଡର ହେଲେ ସଲମାନ

**ଭୁବନେଶ୍ୱର,୧।୯ (ମହାଭାରତ):** ପ୍ରସିଦ୍ଧ ଭାରତୀୟ ବାସମତୀ ଚାଉଳ ରପ୍ତାନିକାରୀ ତଥା ଏଫ୍ଏମ୍ସିଜି କ୍ଷେତ୍ରର ପ୍ରମୁଖ ଖେଳାଳି ଜିଆରଏମ୍ ଓଭରସିଜ୍ ଲିମିଟେଡ୍ ବଲିଉଡ୍ ସୁପରଷ୍ଟାର ସଲମାନ ଖାନ୍ଙ୍କୁ ଏହାର ବାସମତୀ ରାଇସ୍ ଆଣ୍ଡ ଗହମ ଫ୍ଲୋର୍ (ଆଟା)ର ବ୍ରାଣ୍ଡ ଆମ୍ବାସାଡର ଭାବେ ନିଯୁକ୍ତ କରିବା ନେଇ ବେଶ୍ ଖୁସି ପ୍ରକାଶ ପାଇଛି। ଜିଆରଏମର ଲୋକମାନଙ୍କ ମଧ୍ୟରେ ସଲମାନ ଖାନଙ୍କ ଲୋକପ୍ରିୟତା ବଜାର ଭୌଗୋଳିକ ସ୍ଥିତି ଏବଂ ଜନସଂଖ୍ୟାକୁ ଟାର୍ଗେଟ କରିଥାଏ ଯାହା ୧୦ ଗୁଣ ସହିତ ସମ୍ପୂର୍ଣ୍ଣ ଭାବେ ମେଳ ଖାଉଛି । ସଲମାନ୍ ଖାନ୍ କେବଳ ଜଣେ ପ୍ରିୟ ଅଭିନେତା ନୁହଁନ୍ତି; ସେ ଜଣେ ସାଂସ୍କୃତିକ ଆଇକନ୍ ଯାହାର ସମଗ୍ର ଭାରତ ଏବଂ ବାହାରେ ବ୍ୟାପକ ପ୍ରଶଂସକ ଅଛନ୍ତି ।

# ୧୩୦ କେଜି ଗଞ୍ଜେଇ ଜବତ : ୫ ଗିରଫ

**ଭୁବନେଶ୍ୱର,୧।୯ (ମହାଭାରତ):** କମିସନରେଟ ପୋଲିସ ସ୍ପେସିଆଲ କ୍ରାଇମ୍ ୟୁନିଟ ପଞ୍ଝାରେ ଗଞ୍ଜେଇ ମାଫିଆ।। ଗତକାଲି ରାତିରେ ସ୍ପେସିଆଲ କ୍ରାଇମ୍ ୟୁନିଟ ୫ ଜଣ ଗଞ୍ଜେଇ ମାଫିଆଙ୍କୁ ଗିରଫ କରିଛି । ସେମାନଙ୍କ ଠାରୁ ୨ଟି ଦାମୀ ଗାଡ଼ି,୧୩୦ କେଜି ଗଞ୍ଜେଇ ଜବତ କରାଯାଇଛି। ମାଷ୍ଟର ମାଇଣ୍ଡ ହେଲା ପୁଷ୍କର ଶ୍ରୀଚନ୍ଦନ , ଶିକ୍ଷାଗତ ଯୋଗ୍ୟତା ବିଟେକ ଇଞ୍ଜିରିୟର।



କନ୍ଧମାଳରୁ ୩ ହଜାର ଟଙ୍କାରେ ଗଞ୍ଜେଇ ଆଣି କୋଲକାତାରେ ୮ ହାଜର ଟଙ୍କାରେ ବିକ୍ରି କରୁଥିଲା। କନ୍ଧମାଳ ଫିରିଙ୍ଗରୁ ଗଞ୍ଜେଇ ଆଣି ଖୋର୍ଦ୍ଧା ,ଭୁବନେଶ୍ୱର ବାମିଖାଲରେ ଭଡ଼ା ଘରେ ଗଞ୍ଜେଇ ଷ୍ଟକ୍ କରି ରଖୁଥିଲା। ପରେ ସୁଯୋଗ ଦେଖି କୋଲକାତା ଚାଲାଣ କରୁଥିଲା। ଗଞ୍ଜେଇ ଟଙ୍କାରେ ହୋଣ୍ଡା ଆମେଜ୍ ଗାଡ଼ି କିଣି ଗଞ୍ଜେଇ ବେପାର କରୁଥିଲା ପୁଷ୍କର। ୨ ମାସ ରିଲ୍ସ କରୁଥିଲା ପୁଷ୍କର। ରିଲ୍ସ ପାଇଁ କୋଲକାତାରୁ ମଡେଲ ଆଣୁଥିଲା ପୁଷ୍କର।

ଯୁବତୀଙ୍କୁ ଦେଉଥିଲା ମୋଟା ଅଙ୍କର ଟଙ୍କା। ଓଡ଼ିଶାରୁ କୋଲକାତା ଗଞ୍ଜେଇ ନେବା ପାଇଁ ଗାଡ଼ି ଭଡ଼ା ୧ ଲକ୍ଷ ଟଙ୍କା ନେଉଥିଲେ । ନିଜ ନାଁରେ ହେଲା ଗଞ୍ଜେଇ ବେପାରରେ ସାମିଲ ଥିଲେ ପୁରା ଟିମ୍ । ୨ଜଣ ଜଙ୍କିଆର ,ଜଣେ ଯାଜପୁରର , ୨ ଜଣ ପଶ୍ଚିମବଙ୍ଗର ଅଭିଯୁକ୍ତ।ଗଞ୍ଜେଇ ବିକ୍ରି କରି କାହାକୁ କେତେ ଟଙ୍କା ଦେଇଛି ସେ ସବୁର ତଦନ୍ତ କରୁଛି ପୋଲିସ।

# ୧୭ ବିଶ୍ୱବିଦ୍ୟାଳୟରେ ୧୧୮୭ ପଦବି ଖାଲି

**ଭୁବନେଶ୍ୱର,୧।୯ (ମହାଭାରତ):** ରାଜ୍ୟରେ ଥିବା ୧୭ ବିଶ୍ୱବିଦ୍ୟାଳୟରେ ୧୧୮୭ ପଦବି ଖାଲି ପଡ଼ିଛି। ଏହି ଖାଲି ପଦବି ପୂରଣ ପାଇଁ ସରକାର ପଦକ୍ଷେପ ନେଉଛନ୍ତି। ଏହି ପଦବି ପୂରଣ ପାଇଁ ସରକାର ପଦକ୍ଷେପ ନେଉଛନ୍ତି । ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ବିଧାନସଭାରେ ଏହି ତଥ୍ୟ ରଖିଛନ୍ତି। ରାଜ୍ୟର ୧୭ଟି ବିଶ୍ୱବିଦ୍ୟାଳୟରେ ୧୯୧୧ଟି ମଞ୍ଜୁରୀପ୍ରାପ୍ତ ଅଧ୍ୟାପକ ପଦବି ରହିଛି। ଏଥିରୁ ୭୨୪ଟି ପଦବିରେ ଅଧ୍ୟାପକ ଓ ଅଧ୍ୟାପିକା କାର୍ଯ୍ୟ କରୁଛନ୍ତି।

୧୧୮୭ଟି ପଦବି ଖାଲି ପଡ଼ିଛି । ୨୨୫ଟି ପ୍ରଫେସର ପଦବି ଖାଲି ପଡ଼ିଥିବାବେଳେ ୪୦୧ଟି ଆସୋସିଏଟ ପ୍ରଫେସର ପଦବି ଖାଲି ଅଛି। ସେହିଭଳି ୫୬୧ଟି ସହକାରୀ ପ୍ରଫେସର ପଦ ଫାଙ୍କା ଅଛି ବୋଲି ଉଚ୍ଚ ଶିକ୍ଷା ମନ୍ତ୍ରୀ ଉତ୍ତର ରଖିଛନ୍ତି। ଖାଲି ପଦବି ପୂରଣ ପାଇଁ ସରକାର ପଦକ୍ଷେପ ନେଉଛନ୍ତି। ୧୪୯୭ଟି ଅଧ୍ୟାପକ ପଦବି ପୂରଣ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏବେ ୬୭୫ ଅତିଥି ଅଧ୍ୟାପକଙ୍କୁ ନେଇ ପାଠପଢା ଚାଲିଛି । ବିଭିନ୍ନ ଜିଲ୍ଲାରେ ଥିବା ୬୬ଟି ସରକାରୀ ମହାବିଦ୍ୟାଳୟରେ ମୋଟ ୨୩୯୮ଗୋଟି ମଞ୍ଜୁରିପ୍ରାପ୍ତ ଅଧ୍ୟାପକ ପଦବି ରହିଛି। ଏବେ ୧୬୭୪ଜଣ କାମ କରୁଛନ୍ତି। ୨୪୯ଜଣ ଓଡ଼ିଶା ଶିକ୍ଷା ସେବା ଅଧିକାରୀ ବିଭିନ୍ନ ବିଶ୍ୱବିଦ୍ୟାଳୟରେ ଓ ଷ୍ଟାଣ୍ଡ ଏଲୋନ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନିୟୋଜିତ ଅଛନ୍ତି। ମୋଟ ୪୭୫ଟି ପଦବି ଖାଲି ରହିଛି । ଏଥିରୁ ୩୮୫ଟି ଅଧ୍ୟାପକ ପଦବି ପୂରଣ ପାଇଁ ଓପିଏସସି ବିଜ୍ଞପ୍ତି ବାହାର କରିଛି । ସରକାରୀ ଡିଗ୍ରୀ କଲେଜରେ ଖାଲିଥିବା ଅଧ୍ୟାପକ ପଦବି ପୂରଣ ପାଇଁ ଓପିଏସ୍ସିକୁ ଚୟନ ପାଇଁ କୁହାଯାଇଛି।

# ଟୟୋଟା କିର୍ଲୋସ୍କର ୩୫% ସ୍ଥିର ଅଭିବୃଦ୍ଧି

**ଭୁବନେଶ୍ୱର,୧।୯ (ମହାଭାରତ):** ଟୟୋଟା କିର୍ଲୋସ୍କର ମୋଟର (ଟିକେଏମ) ଅଗଷ୍ଟ ୨୦୨୪ରେ ୩୦,୮୭୯ ୟୁନିଟର ହୋଲସେଲ ରିପୋର୍ଟ କରି ଏହାର ଦୃଢ଼ପ୍ରଦର୍ଶନ ଜାରି ରଖିଛି। ଏହା ପୂର୍ବ ବର୍ଷ ତୁଳନାରେ ୩୫% ମାସର ଅଭିବୃଦ୍ଧି ଅଟେ ଯାହା ଭାରତୀୟ ଅଟୋମୋବାଇଲ ଶିଳ୍ପରେ ବ୍ରାଣ୍ଡର ସୁଦୃଢ଼ ଉପସ୍ଥିତିକୁ ଆହୁରି ବଳିଷ୍ଠ କରିପାରିଛି। ଅଗଷ୍ଟ ୨୦୨୩ରେ, ଟିକେଏମ ୨୨,୯୧୦ ୟୁନିଟ ବିକ୍ରି କରିଥିଲା। ଅଗଷ୍ଟ ୨୦୨୪ରେ, ଟିକେଏମ୍ ଘରୋଇ ବିକ୍ରିରେ ୨୮,୫୮୯ ୟୁନିମ୍ଲକ୍ଷ୍ୟ ହାସଲ କରିଥିଲା। ରପ୍ତାନୀ କ୍ଷେତ୍ରରେ ୨୨୯୦ ୟୁନିଟ ଲକ୍ଷ୍ୟରେ ପହଂଚିଥିଲା। ଯାହା ଭାରତ ତଥା ଅନ୍ତର୍ଜାତୀୟସ୍ତରରେ ଉଚ୍ଚମାନର ଯାନ ବିତରଣ ପାଇଁ କମ୍ପାନୀର ପ୍ରତିବଦ୍ଧତାକୁ ପ୍ରତିଫଳିତ କରିଥିଲା।

ଅତିରିକ୍ତ ଭାବରେ, କ୍ୟାଲେଣ୍ଡର ବର୍ଷର ପ୍ରଥମ ଆଠ ମାସରୁ ପ୍ରଦର୍ଶନ (ସିୱାଇ) ଗତ ବର୍ଷ ସମାନ ଅବଧିରେ ୪୫% ଅଭିବୃଦ୍ଧି ସହିତ ଆଶାଠାରୁ ଅଧିକ ଅତିକ୍ରମ କରିଚାଲିଛି। ଜାନୁଆରୀରୁ ଅଗଷ୍ଟ ୨୦୨୪ ମଧ୍ୟରେ କମ୍ପାନୀ ୨,୧୨,୭୮୫ ୟୁନିଟ ବିକ୍ରି କରିଥିବାବେଳେ ସିୱାଇ ୨୦୨୩ରେ ରେକର୍ଡ ୧,୪୭,୧୯୨ ୟୁନିଟ ବିକ୍ରି କରିପାରିଛି।

ଶକ୍ତିଶାଳୀ ବିକ୍ରୟ ପ୍ରଦର୍ଶନ ଉପରେ ମନ୍ତବ୍ୟ ଦେଇ ଟୟୋଟା କିର୍ଲୋସ୍କର ମୋଟରର ବିକ୍ରୟ-ସେବା-ବ୍ୟବହୃତ କାର ବ୍ୟବସାୟର ଉପ-ସଭାପତି ସାବରୀ ମନୋହର କହିଲେ, ପାର୍ବଣ ଋତୁ ପାଖେଇ ଆସିବା ସହିତ ଆମର ଉତ୍ପାଦର ଚାହିଦା ବଢ଼ିଚାଲିଛି। ଆମର ସମସ୍ତ ଡିଲରସିପ ମଧ୍ୟରେ ଆଗ୍ରହ ଏବଂ ଅଧିକ ଫୁଟଫଲ ଏସୟୁଭି ଏବଂ ଏମପିଭିଗୁଡିକ ଆମର ବିକ୍ରୟ ସଂଖ୍ୟାରେ ଯଥେଷ୍ଟ ଅବଦାନ ଜାରି ରଖିଛନ୍ତି। ଏହି ସେଗମେଂଟ ଯାନଗୁଡିକ ପାଇଁ ଏକ ବଢୁଥିବା ପସନ୍ଦକୁ ପ୍ରତିଫଳିତ କରିଥାଏ। କୌତୂହଳର ବିଷୟ, ଏହି ଧାରା ପ୍ରମୁଖ ସହରାଂଚଳ କେନ୍ଦ୍ରରେ ସୀମିତ ନୁହେଁ ବରଂ ଟିୟର-୨ ଏବଂ ଟିୟର-୩ ବଜାରରେ ବିସ୍ତାର ହୋଇଛି। ଯାହା ଆମର ଅଫର ପାଇଁ ଗ୍ରାହକଙ୍କ ଗ୍ରହଣୀୟତାକୁ ଦର୍ଶାଉଛି। ବଜାର ଆବଶ୍ୟକତାର ପ୍ରତିକ୍ରିୟା ଭାବରେ, ଆମେ ଅଗଷ୍ଟରେ ଇନୋଭା ହାଇକ୍ରୋସ ଜେଡ୍ଏକ୍ସ ଏବଂ ଜେଡ୍ଏକ୍ସ (ଓ) ମଡେଲଗୁଡିକ ପାଇଁ ବୁକିଂ ଖୋଲିଥିଲୁ। ଯାହା ଉଭୟ ସେଲଫ୍-ଚାର୍ଜିଂ ଶକ୍ତିଶାଳୀ ହାଇବ୍ରିଡ ଇଲେକ୍ଟ୍ରିକ(ଏସଏଚଇଭି) ଏବଂ ପେଟ୍ରୋଲ୍ ଭାରିଆଂଟ୍ରେ ଉପଲବ୍ଧ।

# ସ୍ମାର୍ଟ ମିଟର ବନ୍ଦ ନକଲେ ଗଣ ଆନ୍ଦୋଳନ

**ଭୁବନେଶ୍ୱର,୧।୯ (ମହାଭାରତ):** ବରଗଡ଼ ଜିଲ୍ଲାର ବିଭିନ୍ନ ବ୍ଲକରେ ସ୍ମାର୍ଟ ବିରୋଧି ଆନ୍ଦୋଳନ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରୁଥିବା ଚାଷୀମାନଙ୍କର ଗଣଆନ୍ଦୋଳନକୁ ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ଉପଭୋକ୍ତା ମହାସଂଘ ପକ୍ଷରୁ ଆଜି ଏକ ଜରୁରୀ ବୈଠକରେ ଦୃଢ ସମର୍ଥନ ଜ୍ଞାପନ କରାଯାଇଛି । ଉପଭୋକ୍ତା ମହାସଂଘର ରାଜ୍ୟ ଅଧ୍ୟକ୍ଷ ପଞ୍ଚାନନ କାନୁନ୍ଗୋଙ୍କ ଅଧ୍ୟକ୍ଷତାରେ ମହାସଂଘ ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ବୈଠକରେ ଏହାର ଆବାହକ ରବି ବେହେରା ସ୍ମାର୍ଟ ମିଟର ବିରୁଦ୍ଧରେ ବରଗଡ଼ରେ ମୁଣ୍ଡ ଟେକିଥିବା ଚାଷୀ ଆନ୍ଦୋଳନ ଉପରେ ଆଲୋକପାତ କରିଥିଲେ । ଏହି ବୈଠକରେ ଉପସ୍ଥିତ ସିପିଆଇ (ଏମ୍-ଏଲ୍) ଲିବରେସନ୍ର ରାଜ୍ୟ ସମ୍ପାଦକ ଯୁଧିଷ୍ଠିର ମହାପାତ୍ର ନିଜର ମତାମତ ଦେଇ ଯେପର୍ଯ୍ୟନ୍ତ ସ୍ମାର୍ଟ ମିଟରକୁ ଟାଟା ପାୱାର ସଠିକ୍ ବୋଲି ପ୍ରମାଣିତ ନ କରିଛନ୍ତି, ସେ ପର୍ଯ୍ୟନ୍ତ ମିଟର ଲଗାଇବା ସ୍ଥଗିତ ରଖିବାକୁ ଆହ୍ୱାନ ଦେଇଥିଲେ । ସିପିଏମ୍ ପକ୍ଷରୁ ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ସୁରେଶ ପାଣିଗ୍ରାହୀ ଯୋଗଦେଇ ସ୍ମାର୍ଟ ମିଟର ଓଡ଼ିଶା ବାସୀଙ୍କୁ ଟାଟା ପାୱାରର ଶୋଷଣର ଏକ ଜାଲ ବୋଲି ମତବ୍ୟକ୍ତ କରିବା ସହିତ ତୁରନ୍ତ ସ୍ମାର୍ଟ ମିଟର ଲଗାଇବା ବନ୍ଦ ରଖିବାକୁ ଦାବି କରିଥିଲେ ।

ଅଧ୍ୟକ୍ଷ ଶ୍ରୀ କାନୁନ୍ଗୋଙ୍କ ଅଧ୍ୟକ୍ଷରେ ଅନୁଷ୍ଠିତ ଏହି ବୈଠକରେ ବରିଷ୍ଠ ସାମ୍ବାଦିକ ରବି ଦାସ ଟାଟା ପାୱାରର ସ୍ମାର୍ଟ ମିଟର ବସାଇବାକୁ ବିରୋଧ କରିବା ସହିତ ରାଜ୍ୟ ସରକାର ଏଥିରେ ହସ୍ତକ୍ଷେପ କରିବାକୁ ଆହ୍ୱାନ ଦେଇଥିଲେ । ତାହା ନ ହେଲେ ଆଗାମୀ ଦିନ ଯେଉଁ ଗଣ ଆନ୍ଦୋଳନ ମୁଣ୍ଡ ଟେକିବ ସେଥିପାଇଁ ଉପଭୋକ୍ତା ମହାସଂଘ ଦାୟୀ ରହିବ ବୋଲି ନାହିଁ ବୋଲି ମତବ୍ୟକ୍ତ କରିଥିଲେ । ଏଠାରେ ଉଲ୍ଲେଖଥାଉକି, ଟାଟା ପାୱାର ଓଡ଼ିଶାରେ ବିଦ୍ୟୁତ୍ ସେବା ଗ୍ରହଣ କରିବା ଦିନଠାରୁ ଟାଟା ପାୱାରର ଶୋଷଣରେ ରାଜ୍ୟବାସୀ ତ୍ରାହି ତ୍ରାହି ଡାକ ଦେଲେଣି । ଓଡ଼ିଶା ଏକ ବିଦ୍ୟୁତ୍ ବଳକା ରାଜ୍ୟ ହୋଇଥିଲେ ସୁଦ୍ଧା ଅନ୍ୟ ରାଜ୍ୟ ଅପେକ୍ଷା ଏଠାରେ ବିଜୁଳି ମହଙ୍ଗା ହେବାରେ ଲାଗିଛି । ଖାଲି ସେତିକି ନୁହେଁ ଟାଟା ପାୱାର ବିଦ୍ୟୁତ୍ ପରିଚାଳନା ଦାୟିତ୍ୱ ହାତକୁ ନେବା ପୂର୍ବରୁ ବିଜୁଳି କମ୍ପାନୀମାନେ ଯେଉଁ ମିଟର ସବୁ ଲଗାଇଥିଲେ ତାକୁ ହଟାଇ ନୂଆ ସ୍ମାର୍ଟ ମିଟର ବସଉଛି । ଟାଟା ପାୱାରର ଏହି ସ୍ମାର୍ଟ ମିଟର ଯୋଗୁଁ ଯେଉଁମାନଙ୍କର ମାସକୁ ବିଜୁଳି ବିଲ୍ ୫୦୦ ରୁ ୭୦୦ ଟଙ୍କା ଆସୁଥିଲା ତାହା ୧୦୦୦ ରୁ ୧୨୦୦ ଟଙ୍କାରେ ପହଞ୍ଚିଛି ।

# ଭୁଲ୍‌ରୁ ଶିକ୍ଷା

ସବୁ ପ୍ରକାର ସଫଳତା ସତ୍ତ୍ୱେ ହାସିନାଙ୍କ ଗୋଟିଏ ଭୁଲ ଯୋଗୁ ସବୁ ଗଡ଼ବଡ଼ ହୋଇଗଲା । ତାହା ହେଲା ସଂରକ୍ଷଣ ବିବାଦ । ସରକାରୀ ଚାକିରୀ ବିଶେଷ କରି ଉଚ୍ଚ ପଦପଦବୀରେ ସଂରକ୍ଷଣକୁ ବିରୋଧ କରି ଛାତ୍ରମାନେ ରାସ୍ତାକୁ ଓହ୍ଲାଇଲେ । ଛାତ୍ରମାନଙ୍କର ଅଭିଯୋଗ ଥିଲା ଯେ, ସିଭିଲ ସର୍ଭିସ ଭଳି ଉଚ୍ଚ ପଦପଦବୀରେ ସଂରକ୍ଷଣ ବ୍ୟବସ୍ଥା ଲାଗୁ ହେବା ଫଳରେ ମେଧାବୀ ଛାତ୍ରଛାତ୍ରୀମାନେ ଅନ୍ୟାୟର ଶୀକାର ହେଉଛନ୍ତି । ସଂରକ୍ଷଣ ଏକ ଅସ୍ଥାୟୀ ବ୍ୟବସ୍ଥା । ଏହାକୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଲାଗୁ କରାଯାଇପାରିବ ନାହିଁ । ୧୯୭୧ର ମୁକ୍ତି ଆନ୍ଦୋଳନର ଯୋଦ୍ଧାଙ୍କ ଦାୟାଦଙ୍କ ପାଇଁ ହାସିନା ସରକାର ଯେଉଁ ସଂରକ୍ଷଣ ବ୍ୟବସ୍ଥା କରିଥିଲେ ତାହାସବୁଦିନ ପାଇଁ ବଜାୟ ରହିବାର ଯଥାର୍ଥତା ନଥିଲା । ଏହି କଥାକୁ ହାସିନା ବୁଝିବା ଆବଶ୍ୟକ ଥିଲା । ଯଦି ଛାତ୍ରମାନଙ୍କ ଦାବି ଏବଂ କ୍ଷୋଭକୁ ଅନୁଭବ କରି ସେ ମୂଳରୁ କିଛି ପଦକ୍ଷେପ ନେଇଥାଆନ୍ତେ ତେବେ ଆଜି ତାଙ୍କୁ ଦେଶଛାଡ଼ି ପଳାୟନ କରିବାର ଆବଶ୍ୟକତା ପଡ଼ିନଥାନ୍ତା । ବାଂଲାଦେଶରେ ଏହି ଛାତ୍ର ଆନ୍ଦୋଳନ ହଠାତ ଆରମ୍ଭ ହେଲା ଏବଂ ନିଁଆ ଭଳି ବ୍ୟାପିଗଲା । ମାସକ ଭିତରେ ୩ଶହରୁ ଅଧିକ ପ୍ରାଣ ହରାଇଲେ । କୋଟି କୋଟି ଟଙ୍କାର ସରକାରୀ ସମ୍ପତ୍ତି ନଷ୍ଟ ହେଲା । ପରିସ୍ଥିତିକୁ ନିୟନ୍ତ୍ରଣ କରିବାରେ ହାସିନା ସରକାର ସମ୍ପୂର୍ଣ୍ଣ ବ୍ୟର୍ଥ ହେଲେ । ତେଣୁ ସେନା ବାହିନୀକୁ ଏଥିରେ ହସ୍ତକ୍ଷେପ କରିବାକୁ ପଡ଼ିଲା । ବାଂଲାଦେଶ ଇତିହାସରେ ଏହା ଏକ ନୂଆ ଅଧ୍ୟାୟ ସୃଷ୍ଟି କରିଛି । ବାଂଲାଦେଶ ଘଟଣାରୁ ଭାରତର ରାଜନୈତିକ ଦଳମାନେ ଶିଖିବା ଉଚିତ । ସଂରକ୍ଷଣ ଭଳି ଏକ ସମ୍ବେଦନଶୀଳ ଏବଂ ସ୍ପର୍ଶକାତର ପ୍ରସଙ୍ଗକୁ ଅଧିକ ଉଖୁରାଇବା ଅନୁଚିତ । ଭି ପି ସିଂହ ଯେତେବେଳେ ମଣ୍ଡଳ କମିଶନ ସୁପାରିସ କାର୍ଯ୍ୟକାରୀ କରିବାକୁ ନିଷ୍ପତ୍ତି ନେଲେ ସେତେବେଳେ ଭାରତରେ ଏହି ଭଳି ହିଂସାତ୍ମକ ଛାତ୍ର ଆନ୍ଦୋଳନ ହୋଇଥିଲା । ସେତେବେଳେ ଭି ପି ସିଂହ ସରକାରର ପତନ ପଛରେ ଏହା ହିଁ ମୁଖ୍ୟ କାରଣ ଥିଲା । ଭି ପି ସିଂହଙ୍କ ମଣ୍ଡଳ ରାଜନୀତିର ଜବାବ ଦେବାକୁ ଯାଇ ବିଜେପି ମନ୍ଦିର ପ୍ରସଙ୍ଗ ଉଠାଇଲା ଏବଂ ଆଡଭାନୀଜୀ ରଥଯାତ୍ରା ଆରମ୍ଭ କଲେ । ପରବର୍ତ୍ତୀ ସମୟରେ କ'ଣ ହେଲା ତାହା ସମସ୍ତେ ଜାଣନ୍ତି । ଏବେ କଂଗ୍ରେସ ଦେଶରେ ଜାତିଭିତ୍ତିକ ଜନଗଣନା ଏବଂ ଜନସଂଖ୍ୟାରେ ଯେଉଁ ଜାତିର ଅନୁପାତ ଯେତିକି ସେହି ଜାତିକୁ ସେତିକି ସଂରକ୍ଷଣ ସୁବିଧା ମିଳିବା ଉଚିତ ବୋଲି କହିଛି । ରାହୁଲ କହିଛନ୍ତି ଯେ, କଂଗ୍ରେସ କ୍ଷମତାକୁ ଆସିଲେ ସମ୍ବିଧାନ ସଂଶୋଧନ କରି ସଂରକ୍ଷଣ ସର୍ବୋଚ୍ଚ ସୀମାକୁ ୫୦%ରୁ ଅଧିକ କରିବ । ପୁଣି ଘରୋଇ ଚାକିରୀରେ ସଂରକ୍ଷଣ, ରାଜ୍ୟ ସ୍ତରରେ ସ୍ଥାନୀୟ ଲୋକଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥା କରିବା ସପକ୍ଷରେ କଂଗ୍ରେସ ମତବ୍ୟକ୍ତ କରିଆସୁଛି । କର୍ଣ୍ଣାଟକ ବିଧାନସଭାରେ ନିକଟରେ ଏକ ବିଲ୍ ଗୃହୀତ ହୋଇଥିଲା । କିନ୍ତୁ ବିଭିନ୍ନ ଦିଗରୁ ଚାପର ସମ୍ମୁଖୀନ ହୋଇ ସରକାର ଏହାକୁ କାର୍ଯ୍ୟକାରୀ କରିପାରିଲେ ନାହିଁ । ବିଲରେ ଏହି ବ୍ୟବସ୍ଥା ଥିଲା ଯେ, ରାଜ୍ୟରେ ଯେଉଁସବୁ ଘରୋଇ ସଂସ୍ଥା ଶିଳ୍ପ ପ୍ରତିଷ୍ଠା କରିବେ, ସେଥିରେ ୭୦% ନିଯୁକ୍ତି କେବଳ ସ୍ଥାନୀୟ ଲୋକଙ୍କୁ ମିଳିବ । ବେଙ୍ଗାଲୁରୁ ହେଉଛି ଏକ ଆଇଟି ସିଟି । ଦେଶର ବିଭିନ୍ନ ରାଜ୍ୟର ଯୁବକ ଯୁବତୀମାନେ ଏଠାରେ ନିଜ ଯୋଗ୍ୟତା ବଳରେ ଚାକିରୀ କରିଛନ୍ତି । କର୍ଣ୍ଣାଟକର ପ୍ରଗତିରେ ସେମାନଙ୍କର ମଧ୍ୟ ଅବଦାନ ରହିଛି । ସେମାନଙ୍କୁ ବାଦ ଦେଇ ରାଜ୍ୟ ଆଗେଇ ପାରିବ ନାହିଁ । ନିବେଶକାରୀମାନେ ରାଜ୍ୟରୁ ହଟିଯିବେ । ଏହାକୁ ଅନୁଭବ କରିବା ପରେ ସିଦ୍ଧରାମେୟା ସରକାର ପଛକୁ ହଟିଲେ । ନଚେତ ପରିସ୍ଥିତି ଅଣାୟତ ହୋଇଥାଆନ୍ତା । ଯଦି ସଂରକ୍ଷଣ ସୀମା ୫୦%ରୁ ଅଧିକ ହେବ ତେବେ ଭାରତରେ ଜାତି ଭିତ୍ତିରେ ଗୃହଯୁଦ୍ଧ ଲାଗିବା ଆଶଙ୍କା ରହିଛି ।

# ଦୂତଙ୍କୁ କଷ୍ଟଦେବା ଶାସ୍ତ୍ର ବିରୁଦ୍ଧ


“ ପୋଲିସ ପ୍ରଶାସନରେ ପ୍ରତି ଥାନାଦାରଙ୍କ ମାର୍ଫତ ରାଜକାନୁନ ବିବରଣୀ ଜଣାଇ କାମରେ ଲଗାଉଛନ୍ତି । ନେତାମାନେ ଏମ୍.ପି ହେଲେ ଦଲ୍ଲୀରେ, ଏମଏଲଏ ହେଲେ ରାଜଧାନୀରେ ରହି ତାଙ୍କର ପ୍ରତିନିଧିଙ୍କ ଦ୍ୱାରା ନିର୍ବାଚନ ମଣ୍ଡଳୀରେ ସ୍ୱ ସ୍ୱ ଇପସିତ ଉନ୍ନତିକରଣ ଫରମାନ ଲଗାଇ କାର୍ଯ୍ୟ କରୁଛନ୍ତି । ଦିଲ୍ଲୀର ବାଦଶାମାନେ ସର୍ବତ୍ର ଯିବା ସମ୍ଭବ ନଥିଲା ତାଙ୍କର ଆଦେଶରେ ଦେଶ ସାରା ବାଦଶା କାନୁନ ଜାହିରି କରୁଥିଲେ ।



।। ଅଜୟ କୁମାର ବେହେରା ।।


ରାମାୟଣରେ ଦୁଇଟି ଦୂତଙ୍କର ବିଶେଷ ତଥ୍ୟ ରହିଛି ପ୍ରଥମ ହନୁମାନ ଦ୍ୱିତୀୟ ଅଙ୍ଗଦ । ପ୍ରଭୁ ଶ୍ରୀରାମଙ୍କ ସେ ଥିଲେ ଦୂତ ବା ଦୌତ୍ୟ ପ୍ରତିନିଧି । ଦୁଇ ମୁଖ୍ୟଙ୍କ ମଧ୍ୟରେ ପରସ୍ପର ଭାବ ଆଦାନ ପ୍ରଦାନ କରିବା ପାଇଁ ମାଧ୍ୟମ ଏଇ ଦୂତ । ଏକ ସ୍ଥାନରୁ ଅନ୍ୟ ସ୍ଥାନ ନିଶ୍ଚେ କିଛି ଦୂର ପ୍ରତି ସ୍ଥାନରେ ଆଚରଣ ଲୋକଚାର କିନ୍ତୁ ନିୟମ କାନୁନ, ଧର୍ମାଚରଣ, କଥିତ ଭାଷା ଓ ଲିଖିତ ଭାଷା ଭିନ୍ନ ହୋଇଥାଏ । ଏକ ରାଜ୍ୟ ମଧ୍ୟରେ ଭାଷା ଭିନ୍ନ ଏବେ ଜଣାପଡୁଛି । ରାଜ୍ୟରୁ ରାଜ୍ୟାନ୍ତର ଭାଷା ମଧ୍ୟ ଏପରି ହୋଇଥାଏ । ଦେଶରୁ ଦେଶାନ୍ତର ଭାଷା ସଂସ୍କୃତି ନିଶ୍ଚେ ଭିନ୍ନ । କଟକ ଭାଷା ପଶ୍ଚିମ ଓଡ଼ିଶା ଦକ୍ଷିଣ ଓଡ଼ିଶା, ଉତ୍ତର ଓଡ଼ିଶାର କଥିତ ତଫାତ ଭାଷା ଏବେ ପଡୁଛି । ଉତ୍ତର ଭାରତର ହିନ୍ଦୀଭାଷା ମାତ୍ର ତାମିଲନାଡୁରେ ତାମିଲଭାଷା ଆନ୍ଧ୍ରରେ, କର୍ଣ୍ଣାଟକ, କେରଳରେ ମହାରାଷ୍ଟ୍ର, ଗୁଜୁରାଟରେ ଭିନ୍ନ ଭିନ୍ନ ଭାଷା । ଯଦି ଏକ ରାଜ୍ୟର ଜଣେ କର୍ତ୍ତା । ଅନ୍ୟ ରାଜ୍ୟର କର୍ତ୍ତାଙ୍କ ନିକଟକୁ କୌଣସି ସମ୍ବନ୍ଧ ସ୍ଥାପନ ପାଇଁ ଚେଷ୍ଟା କରନ୍ତି ଏପାଇଁ ସେ ଭାଷା ଜ୍ଞାତ ହେବା ଦରକାର । ଏଥିପାଇଁ ଦୋଭାଷୀ ବା ବହୁଭାଷୀ ଜ୍ଞାନ ଥିବା ବ୍ୟକ୍ତିର ଆବଶ୍ୟକ । ଯେ ଜଣଙ୍କର ଭାଷା ଅନ୍ୟ ଜଣଙ୍କୁ ବୁଝାଇବାରେ କଷ୍ଟ ହୁଏନାହିଁ । ଶ୍ରୀରାମଙ୍କ ଘର ହିନ୍ଦୀ ଭାଷୀ ଅଯୋଧ୍ୟା, ରାବଣଙ୍କର ଘର ଲଙ୍କା ଯେଉଁଠି ହିନ୍ଦୀ ଅବଧି ଭାଷା ଯାହା ତାମିଲଭାଷା ଓ ସିଂହଳୀ ଭାଷା । ଏହି କ୍ଷେତ୍ରରେ ଯାଇଥିବା ଦୂତ କେମିତି ତାଙ୍କୁ ବୁଝାଇବେ ? ଏହା ଏକ ସମୟ, ଏକ ଭାଷାର ତତସମ ଶବ୍ଦ ଅନ୍ୟଙ୍କର ବୋଧ ଭାଷାରେ ବୁଝାଇବା ପାଇଁ ଦୋଭାଷୀ କଥକଙ୍କର ନିହାତି ଦୁଇ ଭାଷାର ଅଭିଧାନ ଜ୍ଞାନ ଥିବା ଦରକାର । ଦୁଇ ରାଜ୍ୟ ବା ଦୁଇ ଦେଶର ମାଧ୍ୟମିକ ରାଜ୍ୟ ଦୁଇ ସୀମା ଭାଷା ପାଇଁ ଅନେକ ଲୌକିକ ଜ୍ଞାନ ଆହରଣ କରିଥାନ୍ତି । ଏ ସମୟରେ ଶୁଦ୍ଧ ହିନ୍ଦୀ ଓ ତାମିଲ ସିଂହଳୀ ଭାଷାରେ ଦୁଇ ପକ୍ଷ କଥୋପକଥନ ହେଲେ କେବେ ଭାବ ବୁଝି ହେବନାହିଁ ଏଥିପାଇଁ ଅନେକ ସ୍ଥଳରେ ମାଧ୍ୟମ ଭାଷା ଇଂରାଜୀ ରହିଛି । ଭାରତରେ ଜାତୀୟ ଭାଷା ପୂର୍ବରୁ ସଂସ୍କୃତ ଭାଷା ଥିଲା ହେଲେ ଗଣତନ୍ତ୍ର ପ୍ରାସନରେ ହିନ୍ଦୀ ଭାଷାକୁ ଜାତୀୟ ଭାଷା କରାଯାଇଛି । ଏହାବାଦ ଅନେକ ଆଞ୍ଚଳିକ ଲିଖିତ ଓ କଥିତ ଭାଷା ଅଛି, ପୂର୍ବେ ସ୍ଥିର ଲିଖିତ ଭାଷା ନଥିଲା ଓ ପ୍ରତ୍ୟେକ ଭାଷାକୁ ଅନ୍ୟ ଭାଷାରେ କିପରି ବୁଝାଯାଇ ଭାବ ପ୍ରକାଶ କରାଯାଇ ପାରିବ ଏ ସମସ୍ୟା ଥିଲା । ଅନେକ ଭାଷାରେ ଠାର ଭାଷା ଅଛି, ଆମ ଓଡ଼ିଆ ଭାଷାରେ କରଣୀ ଭାଷା ଥିଲା । ଲୋକେ ଦର୍ପଣୀ ଭାଷା ଓ ଶଶିଠାରରେ ଭାଷା ବୁଝିବା ଥିଲା । ମାତ୍ର ଆଉ ଏକ ଭାଷା ରହିଛି ଯାହା ଶଣୀରର ଅଙ୍ଗଭଙ୍ଗୀର ଭାଷା ଓ ହୃଦୟର ଭାଷା ଯେତେବେଳେ ବିଦେଶୀ ସମୁଦ୍ର ଜଳପଥରେ ଜଳଯାତ୍ରାରେ ଆସି ଭାରତ ଭୂଖଣ୍ଡରେ ପହଞ୍ଚି ଥିଲେ ସେମାନଙ୍କୁ ସାଗର ତଟଲୋକେ ଶତ୍ରୁ ଭାବି କିଛି କ୍ଷେପଣ କରି (ଇଟା, ପଥର, ଟେକା) ଫୋପାଡ଼ି ବ୍ୟସ୍ତ କରୁଥିଲେ ହେଲେ ତାଙ୍କ ପାଖରେ ରକ୍ଷା ପାଇବାକୁ ତତ୍କାଳ କିଛି ଉପାୟ ନଥିଲା ସେମାନେ ସଙ୍ଗରେ ନେଇ ଆସିଥିବା ଆଳୁକୁ ଫିଙ୍ଗି ଥିଲେ । ସ୍ଥାନୀୟ ବାସିନ୍ଦାମାନେ ଏହା କ'ଣ ? ଜାଣିବା ପାଇଁ ତାଙ୍କୁ ପଚାରିବା ଚେଷ୍ଟା କଲେ ତାପରେ ଆସିଲା ମିତ୍ରତା ଓ ଆଳୁର ପ୍ରୟୋଗ ଚାଷ ଇତ୍ୟାଦି । ଏମିତି ହାକିମୀ ଚିକିତ୍ସାର ଉପକାର ନମିଳିବା ସ୍ଥଳେ ପାଶ୍ଚାତ୍ୟ କନ୍ୟାର ଦାରୁଣ ରୋଗ ଆରୋଗ୍ୟ କାରଣରୁ ଏଥିରେ ବ୍ରିଟିଶ ଦୂତମାନେ ଭାରତରେ ରାଜ୍ୟ ଅନୁକମ୍ପା ପାଇଥିଲେ ।

ଚକ୍ଷୁ ଦ୍ୱାରା ଅନେକ ଭାଷା ପ୍ରେମୀଯୁଗଳ ମଧ୍ୟରେ ବୁଝାପଡ଼େ । ଅନେକ ଯୁବତୀଙ୍କୁ ଇଙ୍ଗିତ ଚକ୍ଷୁରେ ଦୁଷ୍ଟ ଅଭଦ୍ର ଯୁବକ ଦେଇଥାନ୍ତି । ତ୍ରେତା ଯୁଗରେ ଋଷିମୂନୀମାନେ ଥିଲେ । ଋଷିମାନେ ସଂସ୍କୃତ ଭାଷାରେ ସବୁ ଶାସ୍ତ୍ର ଲେଖିଛନ୍ତି ଓ ପଢୁଥିବା ବେଦ ବା ପ୍ରୟୋଗ କରୁଥିବା ବେଦମନ୍ତ୍ର ସଂସ୍କୃତରେ ଥିଲା ସେମାନେ ତାଙ୍କର ଛାତ୍ର ମାନଙ୍କୁ ସଂସ୍କୃତ ମାର୍ଫତ ପଢ଼ାଉଥିଲେ । ଏମିତିକି ଶ୍ରୀରାମ ଓ ତାଙ୍କର ଭାଇମାନେ ସଂସ୍କୃତରେ ପଢ଼ିଛନ୍ତି । ରାବଣ, କୁମ୍ଭକର୍ଣ୍ଣ, ବିଭୀଷଣ ଆଦି ଋଷିକୁମାର, ବିଶ୍ରବା ଋଷିଙ୍କର ସେମାନେ ସନ୍ତାନ ଏମାନେ ବି ସଂସ୍କୃତ ପାଠ କରିଛନ୍ତି । ହେଲେ ତାଙ୍କର ମାମୁଁଘର ଭାଷା ଥିଲା ଭିନ୍ନ ଆଚାର, ବ୍ୟବହାର, ଜୀବନଧାରଣର ମାନ ଥିଲା ଭିନ୍ନ ଖାଦ୍ୟ ଭକ୍ଷଣ ଥିଲା ଭିନ୍ନ । ହନୁମାନ ଜଣେ ଏମିତି ବ୍ୟକ୍ତି ସେ ପ୍ରଖ୍ୟାତ ସଂସ୍କୃତ ପଣ୍ଡିତ ଜ୍ଞାନୀ ମାନଙ୍କର ଅଗ୍ରଗଣ୍ୟ । ଅନେକ ଭାଷାରେ ଜ୍ଞାତ ଥିଲେ ହେଲେ ଏକ ଶବ୍ଦର ନାନାଦି ଅର୍ଥ ବିଶ୍ଳେଷଣ ଥିବାରୁ ରାବଣ ସହିତ ତାଙ୍କର ଯୁକ୍ତିତର୍କ ହୋଇଥିଲା । ହନୁମାନଙ୍କ ବୋଧରେ ରାବଣଙ୍କ ଭାଷା ଶୈଳୀ ପ୍ରୟୋଗ ଜାଣି ତାର ଅନେକ କଥାରେ ହଁ ଭରି ନିଜ ଲାଞ୍ଜରେ ଅଗ୍ନୀ ସଂଯୋଗ ପାଇଁ ରାଜି ହୋଇଥିଲେ ଯାହା ହନୁମାନ ଜଣେ ଦୂତ ସେ ଅବଧ୍ୟ ତାଙ୍କୁ ରାବଣ ବିକଳାଙ୍ଗ ଚେଷ୍ଟା ଭାବନା ଓଲଟ ହୋଇ ସ୍ୱର୍ଣ୍ଣଲଙ୍କା ଦଗ୍ଧୀଭୂତ ହୋଇଥିଲା । ରାବଣ ଦୂତକୁ କଷ୍ଟ ଦେଇ ଶ୍ରୀରାମଙ୍କୁ ନିଜ ବଳ ପରାକ୍ରମ ସୂଚନା ଦେବା ଚିନ୍ତା ଫସର ଫାଟି ଯାଇଥିଲା । ମନ୍ତ୍ରୀ ସଚିବ ସବୁରାଜା ପ୍ରଶାସକଙ୍କର ରହିଛି । ରାଜହତ ଅଛନ୍ତି, ରାଜ ପ୍ରତିନିଧି ଅଛନ୍ତି । ରାଜଧାନୀ ସଦାବ୍ୟସ୍ତ ରାଜା ବା ମୁଖ୍ୟ ପ୍ରଶାସକ କେବେ ସର୍ବତ୍ର ଚାହିଁଲେ ବି ଯାଇ ନପାରନ୍ତି । ଏପାଇଁ ଅତି ଦରକାରୀ କାମରେ ଚିଫ ସେକ୍ରେଟାରୀ, ଜିଲ୍ଲା କଲକ୍ଟେର, ତହସିଲଦାର, ବିଡ଼ିଓଙ୍କୁ ତାଙ୍କର ଆଦେଶ ଫରମାନ ପ୍ରୟୋଗ ପାଇଁ ସଦା ଲଗାଉଛନ୍ତି । ପୋଲିସ ପ୍ରଶାସନରେ ପ୍ରତି ଥାନାଦାରଙ୍କ ମାର୍ଫତ ରାଜକାନୁନ ବିବରଣୀ ଜଣାଇ କାମରେ ଲଗାଉଛନ୍ତି । ନେତାମାନେ ଏମ୍.ପି ହେଲେ ଦଲ୍ଲୀରେ, ଏମଏଲଏ ହେଲେ ରାଜଧାନୀରେ ରହି ତାଙ୍କର ପ୍ରତିନିଧିଙ୍କ ଦ୍ୱାରା ନିର୍ବାଚନ ମଣ୍ଡଳୀରେ ସ୍ୱ ସ୍ୱ ଇପସିତ ଉନ୍ନତିକରଣ ଫରମାନ ଲଗାଇ କାର୍ଯ୍ୟ କରୁଛନ୍ତି । ଦିଲ୍ଲୀର ବାଦଶାମାନେ ସର୍ବତ୍ର ଯିବା ସମ୍ଭବ ନଥିଲା ତାଙ୍କର ଆଦେଶରେ ଦେଶ ସାରା ବାଦଶା କାନୁନ ଜାହିରି କରୁଥିଲେ । ବ୍ରିଟିଶ ରାଜ୍ୟର ପ୍ରତିନିଧି ଭାରତରେ ଲର୍ଡ଼ ଥିଲେ ଏଇ ଲର୍ଡମାନେ ଜମିଦାର ରାଜାଙ୍କ ଦ୍ୱାରା ଖଜଣା କର ଆଦାୟ କରୁଥିଲେ । ଲୋକେ ରାଜ ଭୟରେ ବାଧ୍ୟ ହୋଇ କର ବାନ୍ଧୁଥିଲେ ନ ହେଲେ କାର୍ଯ୍ୟାନୁଷ୍ଠାନ ଜମି ବା ରାଜ୍ୟ ତାଲୁକ ନିଲାମ ହେଉଥିଲା ଅତଏବ ରାଜ ପ୍ରତିନିଧି ସଦା ଥିଲେ ଏବେ ଅଛନ୍ତି । ଜଣେ ରାଜ୍ୟ ମୁଖ୍ୟଙ୍କ ଯାତ୍ରାପଥରେ ଯେତେ ନିରାପତ୍ତାରକ୍ଷୀ କାମ କରନ୍ତି ତାଙ୍କର ଆଦେଶ ଜାହିର କରିବା ପାଇଁ ସେତେ ଦରକାର ନାହିଁ । ତାପରେ ମନ୍ତ୍ରଣା ଦାତାଙ୍କୁ ମୂଳ ଆଦେଶ ଦେଇ ତାହା କେମିତି କାମ କରିବ ଏହା ତାଙ୍କ ବୁଦ୍ଧି କରାମତିରେ କହିବାକୁ ପରାମର୍ଶ ଦେଇଥାନ୍ତି । ଦୂତ ବିଶ୍ୱାସର ପାତ୍ର ବା ଯାତ୍ରୀ, ସ୍ତ୍ରୀଲୋକ ଦୂତୀ କାର୍ଯ୍ୟ କରିପାରନ୍ତି । ରାଜ ଅନ୍ତଃପୁରର ଅଳି ଅଳି ରାଜକୁମାରୀ ସହ ଭିନ୍ନ ଦେଶର ରାଜକୁମାର ସମ୍ବନ୍ଧ ଦୂତୀମାନେ କରୁଥିଲେ । ହଂସଦୂତ, ମେଘଦୂତ ସମ୍ବନ୍ଧରେ ସଂସ୍କୃତ କାବ୍ୟରେ ଉଦାହରଣ ଅଛି, ଶ୍ରୀକୃଷ୍ଣ ଶ୍ରୀରାଧାଙ୍କ ମଧ୍ୟରେ ସମ୍ବନ୍ଧ ଦୂତୀଙ୍କ ଦ୍ୱାରା ହେଉଥିଲା । ଯୋଗବଳାଙ୍କ ମଧ୍ୟରେ ଦୂତୀ ଥିଲେ । ଦୂତୀ କାର୍ଯ୍ୟରେ ମାଲୁଣୀ, ବାରିକଆଣି, ଧୋବଣୀ ବ୍ୟବହାରରେ ଆସୁଥିଲେ । ପାରାପକ୍ଷୀ ଦୂତ କାର୍ଯ୍ୟ କରିବା ସମସ୍ତେ ଜାଣନ୍ତି । ଏବେ ମଧ୍ୟ ପାରାପକ୍ଷୀ ଦୂତ କାମରେ ଆସୁଛନ୍ତି । ନିମନ୍ତ୍ରଣ କରିବା କାର୍ଯ୍ୟ ଦୂତ ଦ୍ୱାରା କରାଯାଏ ଏ କାମ ନାପିତମାନେ ତୁଲାଉ ଥିଲେ । ଡାକ ବିଭାଗ ଦୂତକାର୍ଯ୍ୟ କରୁଛନ୍ତି । ପ୍ରେରକ ଗ୍ରାହକ ମଧ୍ୟରେ ଯୋଗସୂତ୍ର ଡାକ ବିଭାଗ କରି ଆସୁଛି । ମୁଦ ଚିଠି, ଖୋଲାଚିଠି, ବେରିଂ ଚିଠି, ରେଜେଷ୍ଟ୍ରି ଚିଠି, ପାର୍ସଲ, ମନିଅର୍ଡ଼ର ସବୁ ଗ୍ରାହକ ପାଇବା ଦୂତ ଦ୍ୱାରା ହିଁ ସାଧିତ ହେଉଛି । ଏବେ ଟେଲିଗ୍ରାମ ବାର୍ତ୍ତା । ବିଲୁପ୍ତ ମାତ୍ର ଦିନେ ଟେଲିଗ୍ରାମ ନେଇ ବାର୍ତ୍ତାବହ ମାନେ ଉଦ୍ଦିଷ୍ଟ ବ୍ୟକ୍ତିକୁ ଦେଉଥିଲେ । ଯୁଦ୍ଧ ଭୂମିରେ କୂଟନୀତି ପ୍ରୟୋଗ ପାଇଁ ଦୂତ ପ୍ରେରଣ ହୁଏ । ଏହି ଦୂତମାନେ ମଧ୍ୟ ରକ୍ତପାତ ସମୟ ଅର୍ଥ କ୍ଷୟ, ବଳ କ୍ଷୟରୁ ତ୍ରାହି କରିପାରନ୍ତି । ମନ୍ତ୍ରପୁତ ତୀର ବି ଦୂତ କାମ କରେ । ତରଣୀ ସେନ ଓ ଶ୍ରୀରାମଙ୍କ ପ୍ରଥମ ତୀର ଏପରି ପ୍ରୟୋଗରେ ଥିଲା ।

ଏସମୟରେ ମୋବାଇଲ ଫୋନ ଏ କାର୍ଯ୍ୟ ତୁଲାଉଛନ୍ତି ହେଲେ ଏଥିରେ ଗୋପନୀୟତାର ବିଶ୍ୱାସ ଲୁଟ ସମ୍ଭବନା ଆସିଗଲାଣି । ଯୁଗେ ଯୁଗେ ବିଶ୍ୱାସ ଘାତକ ଅଛନ୍ତି । ମନୁଷ୍ୟ ସ୍ୱ ସ୍ୱାର୍ଥ ପାଇଁ ପିଶାଚ ରାକ୍ଷସ ସମୟକୁ ହୋଇପାରେ ଏ ଯୁଗରେ ଏହାବାଦ ଯାଇନାହିଁ । ବିଶ୍ୱସନୀୟ ବ୍ୟକ୍ତି ବାଛିବା ଅତି କଠିନ । ତେବେ କିଛି ସତ୍ୟ ବି ରହିଛି ବୋଲି ଦୁନିଆ ତିଷ୍ଠି ରହିଛି । ଦୂତ ପ୍ରତିନିଧି ରାଜ କର୍ମଚାରୀ ରାଜାଙ୍କ ପରି ଶକ୍ତିଶାଳୀ ମୂଳ ଫାଇଲରୁ ଆଦେଶ ବିଳମ୍ବ ବା ନହୋଇ ପାରିବା ରାଜକର୍ମଚାରୀଙ୍କ ଦ୍ୱାରା ହିଁ ହୋଇପାରେ । ଫାଇଲ ଗାଏବ ଠିକ ସମୟକୁ ହୋଇପାରେ । ପୂର୍ବେ ଜାତିଆଣ ଭାବ ଟାଣ ଥିଲା, ଗ୍ରାମର ଚଉକିଆ ଜଣେ ତତ୍କାଳ ନିମ୍ନ ଜାତିର ବା ଭିନ୍ନ ଧର୍ମର ରହୁଥିଲେ ସେ ଯାଇ ଥାନାର ଦାରୋଗା ବା ମୁଖ୍ୟକର୍ତ୍ତାଙ୍କୁ ଗଣ୍ଡଗୋଳ କର୍ତ୍ତା, ଚୋର, ରାହାଜନୀକାରୀ ଅପରାଧି ଖବର ଜଣାନ୍ତି । ଥାନାରୁ ଚଉକିଆଙ୍କୁ ଆଦେଶ ମିଳିଥାଏ ଅଭିଯୁକ୍ତକୁ ଧରି ଥାନାକୁ ନେଇଯିବା ପାଇଁ । କାହାରି ଘରକୁ ତତ୍କାଳ ଚୌକିଆ ଗଲେ ତାକୁ ଘର ଅଟକ, ଜାତି ଅଟକ, କରାଯାଉଥିଲା । ନିଆଁ, ପାଣି ବନ୍ଦ କରାଯାଉଥିଲା । ଅତଏବ କେହି ଅପରାଧ ନକରିବା ପାଇଁ ଏକ ବଡ଼ ଉପାୟ ତତ୍କଳା ଥିଲା, ଚୌକିଆ ଗ୍ରାମକୁ ଆସିଲେ ଅତଏବ ଗ୍ରାମରେ ଜଳୁଥିଲା, ଯାହା ଏ ସମୟରେ ଖୋଦ ଏସ.ପି, ଡି.ଜି. ଆସିଲେ ବି ଏପରି ହେଉନାହିଁ । ଧର୍ମ ଭୟ ଓ ସାମାଜିକ ବନ୍ଧନ ଭୟ, ଅପରାଧିକରଣ ବିରୋଧି ଥିଲା । ରାଜ ପ୍ରତିନିଧି ଦୂତ ସମ୍ମାନନୀୟ, ପୁରାଣରେ ବିଭିନ୍ନ ପର୍ଯ୍ୟାୟରେ ଦୂତ ପ୍ରେରଣ କରାଯିବା ଉଦାହରଣ ଅଛି । ଇତିହାସରେ ଅଛି, ଏ ସମୟରେ ଏପରି ବିଭିନ୍ନ ପ୍ରକାରରେ କରାଯାଉଛି ।

# କଳା ଅବତାର, ଅଂଶାବତାର ଓ ରାମାବତାର


।। ଡା.ଦିଲ୍ଲୀପ କୁମାର ମହାରଣା ।।


ଭଗବାନଙ୍କର କଳା ବା ଅଂଶ ନେଇ ଯଦି କୌଣସି ଅବତାର ପୃଥିବୀରେ ଅବତୀର୍ଣ୍ଣ ହୁଅନ୍ତି ତାହେଲେ ତାଙ୍କୁ ଭଗବାନଙ୍କର କଳା ଅବତାର ବୋଲି କୁହାଯାଏ । ଭଗବାନଙ୍କର କଳା ବା ଅଂଶ ନେଇ ଯଦି କୌଣସି ଅବତାର ପୃଥିବୀରେ ଅବତୀର୍ଣ୍ଣ ହୁଅନ୍ତି ତାହେଲେ ତାଙ୍କୁ ଭଗବାନଙ୍କର କଳାବତାର ବୋଲି କୁହାଯାଏ । ଭଗବାନଙ୍କର ଯେତେ ଗୁଡ଼ିଏ ଅବତାର ଅଛି ତା ମଧ୍ୟରୁ ଅଂଶାବତାର ବା କଳାବତାର ଅଧିକ । କଳାବତାର ଓ ଅଂଶାବତାର ମଧ୍ୟରେ ସାମ୍ୟ ସୁସ୍ପଷ୍ଟ । ଏ ସମ୍ପର୍କରେ ଭାଗବତରେ ଯଥେଷ୍ଟ ଆଲୋଚନା କରାଯାଇଛି । ଭାଗବତ ଦଶମସ୍କନ୍ଦ ପଞ୍ଚମ ଅଧ୍ୟାୟ ୨୪ ପଦରେ ଶେଷନାଗଙ୍କୁ କଳାବତାର ବୋଲି ବର୍ଣ୍ଣନା କରାଯାଇଥିଲା ବେଳେ ଏକାଦଶ ସ୍କନ୍ଦ ଦ୍ୱିତୀୟ ଅଧ୍ୟାୟ ପ୍ରଥମ ପଦରେ ଅଂଶାବତାର ବୋଲି କୁହାଯାଇଛି ତେଣୁ ଅଂଶାବତାର ଓ କଳାବତାର ଭିତରେ ଶବ୍ଦର ପାର୍ଥକ୍ୟ ପରିଲକ୍ଷିତ ହେଲେ ମଧ୍ୟ ଅର୍ଥଗତ ସାମ୍ୟ ସୁସ୍ପଷ୍ଟ । କଳାବତାର ବା ଅଂଶାବତାର ପ୍ରାଚୀନତା ଦେଖିବାକୁ ଗଲେ ମନେ ହୁଏ ଯେ ଏହା ବହୁ ପ୍ରାଚୀନ କାଳରୁ ସାହିତ୍ୟର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖିତ । ସେଥିରେ ଅବତାର ସହିତ କଳାରୂପ ଓ କଳାଶକ୍ତିର ମଧ୍ୟ ବ୍ୟବହାର ହୋଇଛି ।

ବିଷ୍ଣୁଙ୍କର ଅବତାର ମଧ୍ୟରେ ହେଉଛି ସପ୍ତମ ଅବତାର । ଏହି ଅବତାର ସମ୍ପୂର୍ଣ୍ଣ ମାନବ ଅବତାର । ଜଣେ ପ୍ରତାପୀ ମେଧା, ପ୍ରଜ୍ଞାଦୀପ୍ତ, ସ୍ଥିତପ୍ରଜ୍ଞା, ବିଚକ୍ଷଣ ଓ ବୀର ଭାବରେ ରାମାବତାର ଚିତ୍ରିତ ହୋଇଛି । ଧର୍ମର ପ୍ରତିଷ୍ଠା ଏବଂ ଅଧର୍ମ ବିରୁଦ୍ଧରେ ସଂଗ୍ରାମ ତଥା ଦୁଷ୍ଟ ସଂହାର ପାଇଁ ଭଗବାନ ମାନବ ଦେହରେ ଅବତୀର୍ଣ୍ଣ ହୁଅନ୍ତି । ଏହି ମୌଳିକ କାରଣ ଲାଗି ରାମଅବତାରର ପ୍ରୟୋଜନ । ଅତ୍ୟାଚାରୀ ରାବଣର ଅତ୍ୟାଚାରରେ ଜର୍ଜରିତ ଧରଣୀକୁ ଉଦ୍ଧାର କରିବା ପାଇଁ ଏବଂ ସତ୍ୟ ଧର୍ମ ନ୍ୟାୟର ପ୍ରତିଷ୍ଠା ପାଇଁ ରାବଣର ବିନାଶ ପାଇଁ ବିଷ୍ଣୁଙ୍କର ରାମଚନ୍ଦ୍ର ଅବତାର ।

ପ୍ରାଚୀନ ଯୁଗଠାରୁ ଆରମ୍ଭ କରି ଆଜି ପର୍ଯ୍ୟନ୍ତ ଭାରତୀୟ ସାହିତ୍ୟରେ ଯେଉଁ ଦୁଇଜଣ କାବ୍ୟ ନାୟକ ସାହିତ୍ୟକୁ ଋଦ୍ଧିମନ୍ତ କରିପାରିଛନ୍ତି ସେମାନେ ହେଲେ ରାଘବ ଶ୍ରୀରାମଚନ୍ଦ୍ର ଏବଂ ବାସୁଦେବ ଶ୍ରୀକୃଷ୍ଣ । ଭାରତୀୟ ସଂସ୍କୃତି ମୁଖ୍ୟତଃ ଏହି ଦୁଇଜଣଙ୍କୁ କେନ୍ଦ୍ର କରି ଗତି କରିଆସିଛି । ରାମଚନ୍ଦ୍ରଙ୍କର ଅବତାରତ୍ୱ ଅପେକ୍ଷା କାବ୍ୟ ନାୟକତ୍ୱ ଅଧିକ ମାତ୍ରାରେ ପ୍ରତିପାଳିତ । କାବ୍ୟ କବିତା ଗୁଡ଼ିକରେ ତାଙ୍କର ବେଦତ୍ୱ ଅପେକ୍ଷା ମାନବୀୟ ଗୁଣାବଳୀକୁ ଅଧିକ ପ୍ରାଧାନ୍ୟ ଦିଆଯାଇଛି । ତେଣୁ ରାମ ସାହିତ୍ୟ ପାଠକଲେ ପାଠକ ଭୁଲିଯାଏ ସେ ରାମଚନ୍ଦ୍ର ଜଣେ ସାଧାରଣ ମାନବ । ପାଠକ ହଜିଯାଏ କାବ୍ୟ ଭିତରେ ମଜିଯାଏ ତାର ଚରିତ୍ର ଗୁଣାବଳୀ ଗୁଡ଼ିକରେ ଭିଜିଯାଏ ତାଙ୍କର ଆଦର୍ଶ ଅନ୍ତର୍ନିହିତ ସତ୍ତା ଭିତରେ । କବି ଜଗନ୍ନାଥ ଦାସ ତାଙ୍କ 'ଟୀକା ରାମାୟଣ'ରେ ରାମଚନ୍ଦ୍ରଙ୍କର ଅବତାର ଗୁଣ ଅପେକ୍ଷା ମାନବୀୟ ଗୁଣର ବିଶେଷ ଗୁରୁତ୍ୱ ଆରୋପ କରିଛନ୍ତି । କବି ରାମଚନ୍ଦ୍ରଙ୍କର ଜନ୍ମ ବୃତ୍ତାନ୍ତ ଆରମ୍ଭ କରିବାକୁ ଯାଇ ବର୍ଣ୍ଣନା କରିଛନ୍ତି ଯେ ରାମଚନ୍ଦ୍ର ହେବେ ସମ୍ପୂର୍ଣ୍ଣ ମାନବ ଯେଉଁଠି ଶଙ୍ଖ, ଚକ୍ର, ଗଦା ପଦ୍ମଧାରୀ ଚତୁର୍ଭୁଜ ଅପେକ୍ଷା ଦୁଇଭୁଜଧାରୀ ମାନବ ଶକ୍ତି, ସାହାସ ସଂଗ୍ରାମର ଅଧିକାରୀ ଅପେକ୍ଷା ଏକ ସାଧାରଣ ମାନବ ରୂପରେ ଗ୍ରହଣ କରିବା ଲାଗି ରାମଚନ୍ଦ୍ରଙ୍କର ଜନ୍ମ ପଛରେ ଥିଲା ପରମବ୍ରହ୍ମଙ୍କର ପରମ ନିର୍ଦ୍ଦେଶ । ସାଧାରଣତଃ ରାବଣର ନିଧନ ହେଉ ବା ଧର୍ମ ସଂସ୍ଥାପନା ନିମିତ୍ତ ହେଉ ଏହି ସବୁ ମଧ୍ୟରେ ଗୋଟିଏ ଅଖଣ୍ଡ ଚେତନା ସ୍ରୋତ ପ୍ରବାହିତ ହେଉଛି ତାହା ହେଉଛି ଇଚ୍ଛାମୟଙ୍କର ଲୀଳା ଯାହାକି ସାଧାରଣ ମଣିଷଙ୍କର ଅପେକ୍ଷା ଏକ ଅଲୌକିକ କାର୍ଯ୍ୟ ରୂପେ ଦୃଷ୍ଟିଗୋଚର ହୋଇପାରେ । କବି ଜଗନ୍ନାଥ ଦାସ ତାଙ୍କ 'ଟୀକା ରାମାୟଣ' ରେ ରାମଚନ୍ଦ୍ରଙ୍କୁ ଏକ ମାନବୀୟ ଚରିତ ରୂପେ କଳ୍ପନା କରିଥିଲେ ହେଁ ଅନେକ ସ୍ଥଳରେ ଦର୍ଶାଇଛନ୍ତି ଯେ ରାମଚନ୍ଦ୍ରଙ୍କ ଦ୍ୱାରା ତାଡ଼କା ନିଧନ ପରେ ତାଡ଼କାର ସ୍ୱର୍ଗ ପ୍ରାପ୍ତ ହେଲା । ଏହି ଦୃଶ୍ୟ ଦେଖି ବିଶ୍ୱାମିତ୍ର ବିଶ୍ୱାସ କଲେ ଯେ ରାମଚନ୍ଦ୍ର ହିଁ ସ୍ୱୟଂ ବିଷ୍ଣୁ । ବିଷ୍ଣୁଙ୍କର ସମସ୍ତ କାର୍ଯ୍ୟ ଓ ଗୁଣାବଳୀରେ ଅନୁରଞ୍ଜିତ ତେଣୁ ବିଶ୍ୱାମିତ୍ର ଭାବିଲେ ରାମଚନ୍ଦ୍ର ସାଧାରଣ ମଣିଷ ନୁହଁନ୍ତି । ରାମ ଅବତାରର ପୂର୍ବବର୍ତ୍ତୀ ଅବତାରଗୁଡ଼ିକରେ ଭଗବାନଙ୍କର ପ୍ରକଟିତ ଲୀଳାଖେଳା ପରି ରାମ ଅବତାରରେ ମଧ୍ୟ ସେହିପରି ଲୀଳା ଖେଳା ପ୍ରକଟିତ ।

ସାରଳା ମହାଭାରତର ବନପର୍ବରେ ରାମଚରିତ ସଂକ୍ଷେପ ଭାବରେ ବର୍ଣ୍ଣିତ ହୋଇଛି । ଏତଦବ୍ୟତୀତ ଭୀଷ୍ମ ପର୍ବରେ ମଧ୍ୟ ରାମ ଅବତାରର ଉଲ୍ଲେଖ ପରିଲକ୍ଷିତ ହୁଏ । ଏଥିରେ ବିଷ୍ଣୁ ରାମାବତାର ଗ୍ରହଣ କରିବା କଥା କୁହାଯାଇଛି । ଏଥିରୁ ସ୍ପଷ୍ଟ ଭାବରେ ଅନୁମତି ହୁଏ ଯେ ସାରଳା ଦାସ ରାମ ବିଷ୍ଣୁ ଓ ଜଗନ୍ନାଥଙ୍କୁ ଏକ ଓ ଅଭିନ୍ନ ବୋଲି ପରିକଳ୍ପନା କରିଛନ୍ତି । ବାଲ୍ମିକୀ ରାମାୟଣ ଓ ଜଗମୋହନ ରାମାୟଣ ରାମଚରିତ୍ରକୁ ଅନୁଧ୍ୟାନ କଲେ ସ୍ପଷ୍ଟ ଅନୁମତି ହୁଏ ଯେ ବାଲ୍ମିକୀ ରାମଚନ୍ଦ୍ରଙ୍କୁ ଦେବତା ଅପେକ୍ଷା ମାନବୀୟ ଗୁଣରେ ଭୂଷିତ କରିଥିଲାବେଳେ ବଳରାମ ଦାସ ରାମଚନ୍ଦ୍ରଙ୍କୁ ମାନବ ଅପେକ୍ଷା ଦେବତାର ଆସନ ପ୍ରଦାନ କରିଛନ୍ତି । ତେଣୁ ବଳରାମ ଦାସଙ୍କ ରାମାୟଣରେ ରାମଚନ୍ଦ୍ର ବିଷ୍ଣୁଙ୍କର ଅବତାର ରୂପରେ ପ୍ରକଟିତ । ବ୍ରହ୍ମାଙ୍କ ବଳରେ ବଳିୟାନ ରାବଣର ନିଧନ ପାଇଁ ବିଷ୍ଣୁ ରାମ ଅବତାରରେ ଆବିର୍ଭୁତ ହୋଇଛନ୍ତି । ରାମଚନ୍ଦ୍ର ଭଗବାନଙ୍କର ଏକ ଅବତାର ଏଥିରେ ସନ୍ଦେହର ଅବକାଶ ନାହିଁ । କିନ୍ତୁ ବିଭିନ୍ନ ସମାଲୋଚକଙ୍କ ଦୃଷ୍ଟିରେ ସେ ଭିନ୍ନ ରୂପ ଧାରଣ କରିଛନ୍ତି । ଏହି ଭିନ୍ନ ଭିତରେ ସେ ଅଭିନ୍ନ, ରୂପ ଭିତରେ ସେ ଅରୂପ । ଆକାର ଭିତରେ ନିରାକାର ଓ କାଳ ଭିତରେ ସେ କାଳାତୀତ ।


ଶିଖରପୁର ଉପରସାହି, କଟକ,ଦୂରଭାଷ : ୮୨୮୦୯୬୩୨୮୩/ ୯୪୩୮୫୮୩୨୮୯


# ଜୀବନ ଯୁଦ୍ଧର ଲଢ଼େଇରେ ଦିବ୍ୟାଙ୍ଗ ପୁଷ୍ପଲତା


।। ସୁଶାନ୍ତ ଭୂୟାଁ ।।


ଲିଙ୍କରୋଡ଼ର ଗଳିପୋଲରୁ ଖାନନଗର ମୁଖ୍ୟ ରାସ୍ତା ପୂର୍ବରୁ ରେଳପୋଲର କିଛି ଦୂରର ବାମ ପାର୍ଶ୍ୱରେ ନୂଆଁଣିଆ ଭଙ୍ଗା ଛପର ଘର ଭିତରେ ଦିବ୍ୟାଙ୍ଗ ପୁଷ୍ପଲତାଙ୍କ ଛୋଟିଆ ଦୋକାନଟିଏ । ଯେଉଁଥିରେ ପାଞ୍ଚ ପ୍ରାଣୀ କୁଟୁମ୍ବ ପ୍ରତିପୋଷଣ ହୁଅନ୍ତି । ପିଲାଟି ଦିନରୁ ମେଧାବୀ ଛାତ୍ରୀଟିଏ ହୋଇ ପରିବାରର ସୁଖ ଦୁଃଖରେ ସାଥି ହେବାସହ ସମାଜ ସେବା ପାଇଁ ତାଙ୍କର ବହୁତ ଇଚ୍ଛା ଥିଲା । ହେଲେ ଭାଗ୍ୟ ସାଥ ଦେଲାନାହିଁ । ପୋଲିଓର ଅଭାବନୀୟ ସ୍ୱାସ୍ଥ୍ୟ ଦୁଃଖ ତାଙ୍କ ଦୁଇ ପାଦକୁ ବାନ୍ଧିଦେଲା । ସ୍ୱର୍ଗତଃ ସୁଦର୍ଶନ ସାହୁ ଓ ମା'ବାସନ୍ତୀ ଦେବୀଙ୍କ ଝିଅ ହେଉଛନ୍ତି ପୁଷ୍ପଲତା । ତିନି ଭଉଣୀ ଓ ଗୋଟିଏ ଭାଇଙ୍କୁ ନେଇ ତାଙ୍କର ହସ ଖୁସିର ଦୁନିଆ ଭିତରେ ପୋଲିଓର ଯନ୍ତ୍ରଣାଦାୟକ ଚଡ଼କ ସମଗ୍ର ପରିବାକୁ ମ୍ରିୟମାଣ କରିଦେଲା । ସ୍ଥାନୀୟ କୁସୁମଦେବୀ ମହାବିଦ୍ୟାଳୟରୁ ଯୁକ୍ତ+୨ ପାଠପଢ଼ିଥିବା ପୁଷ୍ପଲତା ପରିବାରର ଦାନାପାଣିର ଝଡ଼କୁ ନିଜ ମୁଣ୍ଡ ଉପରକୁ ନେଇଗଲେ । ବାପାଙ୍କର ପଚାଶ ବର୍ଷର ଛୋଟିଆ ବିସ୍କୁଟ ଷ୍ଟେସନାରୀ ସହ ସରକାରୀ ସ୍ୱୀକୃତି ପ୍ରାପ୍ତ ଭାଙ୍ଗ ଦୋକାନର ଦାୟିତ୍ୱ ସେ ନେଲେ । ଇତିମଧ୍ୟରେ ଦଶ ବର୍ଷ ହେଲାଣି ସରକାରଙ୍କ ସ୍ୱୀକୃତିପ୍ରାପ୍ତ ଦୋକାନରେ ସେ ଚଳତଶକ୍ତିହୀନ ହୋଇଥିବାରୁ ବସି ରହି ଦୋକାନ ଚଳାଉଛନ୍ତି । ଷୋଳବର୍ଷ ତଳୁ ରେଳବାଇର ଜାଗା ଉପରେ ତିଆରି ହୋଇଥିବା ତାଙ୍କ ଚାଳଛପର ମୁଣ୍ଡ ଗୁଞ୍ଜିବାର ଗୁଜୁରାଣର ସଂସ୍ଥାନଟି ଆଜି ଅନେକ ସମସ୍ୟା ଦେଇ ଗତି କରୁଛି । ସରକାରଙ୍କ କୌଣସି ସାହାଯ୍ୟ ସୁଯୋଗ ଏଯାବତ ସେ ପାଇନାହାଁନ୍ତି । ସରକାରୀ ଜାଗା ଉପରେ ଅସ୍ଥାୟୀ ଘରଟି କରିଥିବାରୁ ଚାଳଛପରର ଘରର ଭବିଷ୍ୟତକୁ ନେଇ ସେ ବଡ଼ ଚିନ୍ତାଗ୍ରସ୍ତ । ନିଜ ଅସୁସ୍ଥ ଓ ପରିଣତ ବୟସର ମାଆ ବାସନ୍ତୀ ଦେବୀ ଓ ତାଙ୍କର ଭଲ ମନ୍ଦ ତଥା ଦୈନନ୍ଦିନ କାର୍ଯ୍ୟ ତୁଲାଇବା ନିମିତ୍ତ ଭଉଣୀ ଲକ୍ଷ୍ମୀପ୍ରିୟା ଓ ଭିଣୋଇଙ୍କୁ ପାଖରେ ରଖିଛନ୍ତି ।

ସରକାର ଦିବ୍ୟାଙ୍ଗ ମାନଙ୍କ ଥଇଥାନ ପାଇଁ ବିଶେଷକରି ମହିଳାମାନେ ଯେଉଁମାନଙ୍କ ଦାନା ପାଣିରେ ପରିବାର ପ୍ରତିପୋଷଣ ହେଉଛି ସେମାନଙ୍କ ଆର୍ଥିକ ଅଗ୍ରଗତି ଓ ଭରଣପୋଷଣ ପାଇଁ ଅନେକ ପର୍ଯ୍ୟାପ୍ତ ଯୋଜନା ରହିଛି । ବର୍ତ୍ତମାନର ରେଳବାଇର ଜାଗା ତାଙ୍କୁ ଲିଜ ସୂତ୍ରରେ ମିଳୁ ବୋଲି ତାଙ୍କର ଗୁହାରି ରହିଛି । ଭେଣ୍ଡିଂ ଜୋନଟିଏ ପାଇଲେ ନିରାପଦ ଭାବରେ ଦୁଇ ପଇସାର ଗୁଜୁରାଣ ଚଳାଇପାରିବେ । ତେବେ ତାଙ୍କର ସବୁଠାରୁ ବଡ଼ ଆବଶ୍ୟକତା ହେଉଛି ଗୋଟିଏ ତିନିଚକିଆ ଟ୍ରଲି । ସେ ଜଣେ ଚାଲିବା ପାଇଁ ଅକ୍ଷମ ହୋଇଥିବାବେଳେ ସର୍ବନିମ୍ନ ଯାତାୟତ ପାଇଁ ଟ୍ରଲି ଖଣ୍ଡେ ଅତ୍ୟନ୍ତ ପ୍ରୟୋଜନୀୟ ଓ ଗୁରୁତ୍ୱପୂର୍ଣ୍ଣ । ମେଧାବୀ ଛାତ୍ରୀଟି ହୋଇଥିବାରୁ ତାଙ୍କର ପାଠପଢ଼ା ପ୍ରତି ବହୁତ ଆଗ୍ରହ ତ ରହିଥିଲା ଯାହାର ଫଳସ୍ୱରୂପ ପ୍ରତିଦିନ ସେ ଚାରିପାଞ୍ଚଟି ଖବର କାଗଜ କିଣନ୍ତି । ଏହି ପ୍ରତିନିଧି ତାଙ୍କୁ ଭେଟିବାବେଳେ ତାଙ୍କ ପାଖରେ 'ପ୍ରଗତିବାଦୀ' ଠାରୁ ଅନ୍ୟ ଦୁଇ ତିନଟି ଖବର କାଗଜ ମଧ୍ୟ ଦେଖିବାକୁ ପାଇଥିଲେ । ଏଯାବତ କୌଣସି ସରକାରୀ ସହାୟତା ସେ ପାଇନାହାଁନ୍ତି ତାହା ହିଁ ବଡ଼ ଆଶ୍ଚର୍ଯ୍ୟର କଥା । ସ୍ଥାନୀୟ ସାଇ କମିଟି ଓ ଅଧିବାସୀ ବୃନ୍ଦଙ୍କର ତାଙ୍କ ଉପରେ ବହୁତ ଶ୍ରଦ୍ଧା ରହିଛି । ନିଜେ ଚଳତଶକ୍ତିହୀନ ହୋଇଥିଲେ ମଧ୍ୟ ନିଜ ସକ୍ଷମ ଅନୁଯାୟୀ ଯେତିକି ସମ୍ଭବ ଦାନଧର୍ମ କରନ୍ତି । ଦୋକାନକୁ ଆସୁଥିବା କୌଣସି ଗରିବ ଅସହାୟଙ୍କୁ ସେ ଯାହାବି ଟିକେ ହେଉ ଖାଲି ପେଟରେ ଫେରାନ୍ତି ନାହିଁ । ଦୋକାନର ପଛପଟେ ବୋହି ଯାଉଛି କାଠଯୋଡ଼ି ନଈ । ନଈର ଜଳଧାର ପ୍ରବାହିତ ପରି ଏପରି ଜଣେ ଚଳତଶକ୍ତିହୀନ ଅଥଚ ପରିବାର ଓ ସମାଜ ସେବାକୁ ବିନା ଦୁଃଖରେ ଆଗେଇ ନେଉଥିବା ମେହନତୀ ଝିଅଟିର ପ୍ରତିଜ୍ଞାବଦ୍ଧତା ଓ ସାଧୁ ସଚ୍ଚୋଟତା ପ୍ରଶଂସନୀୟ ନିଶ୍ଚୟ । ତାଙ୍କ ଦୋକାନରେ ଛାଡ଼ି ଯାଇଥିବା କିଛି ଅଜଣା ଲୋକଙ୍କ ମୂଲ୍ୟବାନ ସାମଗ୍ରୀ ସେ ଖୋଜିଲୋଡି ଫେରାଇଛନ୍ତି । ନାଁ ଚାହିଁଛନ୍ତି ପୁରସ୍କାର ନାଁ ପ୍ରଶଂସା । ଆଜିର ପ୍ରଚାର ସର୍ବସ୍ୱ ସମାଜ ସେବା ଯୁଗରେ ନିଜକୁ ବିଜ୍ଞପିତ କରିବା ପାଇଁ ସେ କେବେ ଚାହିଁନାହାଁନ୍ତି । ନିଜ ଆତ୍ମ ସମ୍ମାନ ଓ ସ୍ୱାଭିମାନକୁ ତଳେ ପକାଇ କାହା ପାଖରେ ହାତି ପାତି ନାହାଁନ୍ତି କି ମୁଣ୍ଡ ଝୁକାଇ ନାହାଁନ୍ତି । ପ୍ରଶାସନ ତାଙ୍କ ଅଭିଯୋଗକୁ ସହୃଦୟତାର ସହିତ ଶୁଣନ୍ତୁ । ତାଙ୍କ ନିଃସ୍ୱାର୍ଥପର ସେବା ଓ ଦିବ୍ୟାଙ୍ଗ ହୋଇ ମଧ୍ୟ ସ୍ୱାଭିମାନର ସହ ଜୀବନ ଯୁଦ୍ଧରେ ଲଢୁଥିବାର ପ୍ରତିଜ୍ଞାବଦ୍ଧତାକୁ ଶତ ସହସ୍ର ସଲାମ ।

# ଠାକୁର ବଦଳରେ ପୂଜା ପାଉଛନ୍ତି 'ହରିବଂଶ' ତାଳପତ୍ର ପୋଥି



**ଅସ୍ତରଙ୍ଗ,(ମହାଭାରତ) :** ପୁରୀ ଜିଲ୍ଲା ଅସ୍ତରଙ୍ଗ ଏକ ଐତିହାସିକ ନଗରୀ, ଦେବଭୂମୀ, ହଜାର ହଜାର ବର୍ଷ ତଳର ଅନେକ ପୌରାଣିକ କିମ୍ବଦନ୍ତୀ ସହିତ ଜଡିତ ଏହି ଅସ୍ତରଙ୍ଗ ଅଞ୍ଚଳ, ଆଜିର ଆଧୁନିକତା ର ସ୍ୱର୍ଶ ରେ କଳାପରଦା ପଛକୁ ଚାଲିଯାଇଛି ସେହି କିମ୍ବଦନ୍ତୀପୂର୍ଣ୍ଣ ସମ୍ପଦ, କାଇଁ କେତୋଟି ଉଜ୍ଜୀବିତ ମଣିଷ ଙ୍କ ପାଇଁ ଆଜି ତାହା କୁ ବଞ୍ଚାଇ ରଖାଯାଇଛି ସତ କିନ୍ତୁ ଆଧୁନିକତା ର ପରିମାପକ ଯୋଗୁ ଉନ୍ନତିର ଦୃଷ୍ଟି ବାହାରେ ରହିଯାଇଛି କିଛି ଐତିହ୍ୟ ସମ୍ପନ୍ନ ସ୍ଥାନ, ଅସ୍ତରଙ୍ଗ ବ୍ଲକ ସରିପୁର ପଞ୍ଚାୟତ ରେ ରହିଛି ହଜାର ହଜାର ବର୍ଷ ପୂର୍ବ ର ଏକ ହରିବଂଶ ମଠ, ହଁ ଆଜ୍ଞା ଏଠି ମଠ ରେ ହରିବଂଶ ତାଳପତ୍ର ପୋଥି ପୂଜା ପାଉଛି, ଏହା ଆଜିକାଲି ର ନୁହେଁ, ଏହା ଯୁଗ ଯୁଗ ପୂର୍ବରୁ ବୋଲି ଅନେକ ସାଧୁ ସନ୍ଥ ମତପ୍ରକାଶ କରିଛନ୍ତି,କୁହାଯାଏ ଏହି ମଠ ରେ ଯେ କୌଣସି ମହିଳା ଜନ୍ମାଷ୍ଟମୀ ରେ ଗୁଆ ବସାଇ ଏହି ତାଳପତ୍ର ପୋଥି କୁ ପୁଜାର୍ଚ୍ଚନା କରିବା ସହିତ ୨୧ ଦିନ ନୀତି ନିୟମ ରେ ରୁହନ୍ତି, ସେମାନଙ୍କ ବନ୍ଧ୍ୟାଦୋଷ ଥିଲେ ନିଶ୍ଚିନ୍ତ ସନ୍ତାନ ସନ୍ତତି ଙ୍କ ମାତୃତ୍ୱ ଲାଭ କରିବା ସହିତ ଅନେକ ମାନସିକ ଧାରୀ ପୁତ୍ର କାମନା କରି ପୁତ୍ରବତୀ ମଧ୍ୟ ହୋଇଛନ୍ତି, ସେହିଭଳି ଅସ୍ତରଙ୍ଗ ବ୍ଲକ ର ଜଣେ ଭକ୍ତ ଯୋଗେନ୍ଦ୍ର ସ୍ୱାଇଁ ତାଙ୍କ ପ୍ରତିକ୍ରିୟା ଦେଇଛନ୍ତି, ଯେ ସେ ଦମ୍ପତି ପୁତ୍ର କାମନା କରି ଏଠି ପୋଥି ଦେବତା ଙ୍କୁ ପୂଜା କରିବା ପରେ ଉକ୍ତ ଦମ୍ପତି ଏକ ପୁତ୍ର ସନ୍ତାନ ଲାଭ କରିଛନ୍ତି, ଆଉ ପ୍ରତ୍ୟେକ ବର୍ଷ ଜନ୍ମାଷ୍ଟମୀ ରେ ଏହି ମଠ କୁ ପୂଜା ପାଇଁ ଆସନ୍ତି, କେବଳ ସେତିକି ନୁହେଁ କାକଟପୁର ନୟାହାଟ ଅଞ୍ଚଳ ରୁ ଶର୍ମିଳା ରାଉତ ନାମକ ଜଣେ ବୃଦ୍ଧା ପ୍ରତ୍ୟେକ ବର୍ଷ ଏହି ଦିନ ରେ ଆସନ୍ତି, ତାଙ୍କ ର ଗୋଟେ ପୁଅ କୁ ଅସ୍ଥି କର୍କଟ ରୋଗ ହୋଇଥିଲା, ଯାହାକୁ ଡାକ୍ତର ଫେରେଇ ଦେଇଥିଲେ କିନ୍ତୁ ସେ ଏହି ତାଳପତ୍ର ହରିବଂଶ ପୋଥି ନିକଟରେ ଅଧିଆ ପଡିବା ଦ୍ୱାରା ତାଙ୍କ ପୁଅ ଏବେ ସୁସ୍ଥ ଜୀବନ ଜାପନ କରୁଛନ୍ତି, ଯାହା ତାଙ୍କ ପ୍ରତିକ୍ରିୟା ରେ ବୃଦ୍ଧା ଜଣକ କହିଛନ୍ତି,ବର୍ତ୍ତମାନ ମଠ ର ମହନ୍ତ ରବୀନ୍ଦ୍ର ଦାସ କୁହନ୍ତି ସେ ଏହାର ଚାରି ପୁରୁଷ ଦେଖିଛନ୍ତି କିନ୍ତୁ ଏହାର ଅନେକ ଆଗରୁ ମଧ୍ୟ ଏହି ସ୍ଥାନ ରେ ପ୍ରାଚୀନ ତାଳପତ୍ର ପୋଥି ପୂଜା ହେଉଛି, ତାଙ୍କ ଦୃଷ୍ଟିରେ ଗୋବିନ୍ଦ ଦାସ, ତାଙ୍କ ପରେ ଭଗବାନ ଦାସ, ବିଶ୍ୱନାଥ ଦାସ, ଭ୍ରମର ଦାସ ଆଉ ବର୍ତ୍ତମାନ ସେ ନିଜେ ପୋଥି ଙ୍କୁ ସେବା କରୁଛନ୍ତି, କୁହାଯାଏ ଉତ୍କଳ ର ସମ୍ରାଟ ରାଜା ଯଯାତିକେଶରୀ ଙ୍କ ସମୟ ରେ ଯେତେବେଳେ ଓଡିଶା ର ପଞ୍ଚସଖା ଙ୍କ ପ୍ରମୁଖ ଶ୍ରୀ ଅଚ୍ୟୁତାନନ୍ଦ ଦାସ ଉତ୍କଳୀୟ ପ୍ରାଚୀ ତଟ ନିକଟରେ ବୈଷ୍ଣବ ଲୀଳା ପ୍ରଚାର କରୁଥିଲେ, ସେ ସେହି ସମୟ ରେ ଏହି ପ୍ରାଚୀ କୂଳ ରେ ଅନେକ ସ୍ଥାନ ରେ ବିଶ୍ରାମ କରିଛନ୍ତି ଆଉ ତାଙ୍କ ର ପ୍ରାଚୀନ ଗ୍ରନ୍ଥ ତାଳପତ୍ର ପୋଥି ମାଧ୍ୟମ ରେ ଅନେକ ସ୍ଥାନ ରେ ରଖିଯାଇଛନ୍ତି, ଯାହା କାଳକ୍ରମେ ଉଦ୍ଧାର ହୋଇଛି ଆଉ କିଛି ଗୁପ୍ତରେ ରହିଯାଇଛି, ଯାହାର ସାକ୍ଷୀ ସ୍ୱରୂପ ସରିପୁର ନିକଟରେ ପ୍ରବାହିତ ହେଉଥିବା ପ୍ରାଚୀ ନଦୀ ଓ ନିକଟରେ ଥିବା ଆଦ୍ୟ ଦାରୁକ୍ଷେତ୍ର ଅସ୍ତରା ମଠ ରହିଛି, ଜନ୍ମାଷ୍ଟମୀ, ନନ୍ଦଉତ୍ସବ, ଦୋଳ ପୂର୍ଣ୍ଣିମା, ସଂକ୍ରାନ୍ତି, ଏକାଦଶୀ ରେ ଏଠି ଠାକୁର ଙ୍କ ବିଶେଷ ରୀତିନୀତି ହେବା ସହ ଭକ୍ତଙ୍କ ସମାଗମ ମଧ୍ୟ ହୁଏ,ସେ ଯାହା ହେଉନା କାଇଁ ବର୍ତ୍ତମାନ ହଜାର ହଜାର ଲୋକ ଙ୍କ ଭକ୍ତି ଓ ବିଶ୍ୱାସ ର କେନ୍ଦ୍ର ପାଲଟିଛି ସରିପୁର ଅଞ୍ଚଳ ର ଏହି ପ୍ରାଚୀନ ତାଳପତ୍ର ପୋଥି ହରିବଂଶ ମଠ, କିନ୍ତୁ ଗମନାଗମନ ବ୍ୟବସ୍ଥା, ଭକ୍ତଙ୍କ ବିଶ୍ରାମ, ରୋଷେଇ, ମନ୍ଦିର ର ପ୍ରାଚୀର କି ମନ୍ଦିର ର ରୂପାନ୍ତରିତ ପାଇଁ ସରକାରଙ୍କ ତରଫରୁ କିଛି ଆଖି ଦୃଷ୍ଟିଆ ପଦକ୍ଷେପ ନିଆଯାଇନାହି, ସେଥିପାଇଁ ପୁରୋହିତ ନବଘନ ମିଶ୍ର, ମହନ୍ତ ରବୀନ୍ଦ୍ର ଦାସ, କିଛି ବୁଦ୍ଧିଜୀବୀ ଓ ଭକ୍ତ ଏହି କ୍ଷେତ୍ରର ଉନ୍ନତି ପାଇଁ ଦାବି କରିଛନ୍ତି ।

# ରାଜନିତି ବାଟବଣା,ବିକାଶ ଅନ୍ଧାରକଣା !



**ଜୁନାଗଡ,(ମହାଭାରତ) :** କଳାହାଣ୍ଡି ଜିଲ୍ଲାରେ ଏବେ ରାଜନୈତିକ ପରିଭାଷାକୁ ପରିବେଷ୍ଟିତ କରିବା ପାଇଁ ବିଭିନ୍ନ ଦଳ ନିଜ ଢଙ୍ଗରେ ପରିବେଷଣ କରିବା ଆରମ୍ଭ କରିଦେଲେଣି। ସମ୍ପ୍ରତି ଜିଲ୍ଲାର ସଦର ମହକୁମା ଭବାନିପାଟଣାର ପୌରଧକ୍ଷ୍ୟାଙ୍କୁ ଅନାସ୍ଥା ପ୍ରସ୍ତାବ ଓ ଜୁନାଗଡ ବିଜ୍ଞାପିତ ଅଞ୍ଚଳ ପରିଷଦ ନଗରପାଳକୁ ଅନାସ୍ଥା ପ୍ରସ୍ତାବ କରିବା ବିଷୟକୁ ନେଇ ଜନ ସାଧାରଣ କୌତୁହଳରେ ଅଛନ୍ତି। ରାଜନୈତିକ ପଶା ପାଳିରେ ଶାସକ-ବିରୋଧୀ ଟଣାଓଟରା ହେଉଥିବା ବେଳେ ସାମଗ୍ରିକ ବିକାଶ ଅସ୍ପଷ୍ଟ ହେଉଥିବାର ଦେଖାଯାଇଛି। ଘଟଣା କ୍ରମରେ ନିଜର ସ୍ୱାର୍ଥସର୍ବସ୍ୱକୁ ବ୍ୟକ୍ତିଗତ ସ୍ୱାର୍ଥ ରେ ଚିରତାର୍ଥ କରିବା ପାଇଁ ନିର୍ଦ୍ଧିଷ୍ଟ ସ୍ୱାର୍ଥବାଦୀ ଲୋକେ ଭିନ୍ନ ଭିନ୍ନ ଢ଼ଙ୍ଗରେ ଅନେକ ପ୍ରୟାସ ଚଳାଇଛନ୍ତି। ଜିଲ୍ଲାର ଏକମାତ୍ର ପୌରପାଳିକା ଭବାନିପାଟଣା ଓ ପୁରୁଣା ଏନଏସି ଜୁନାଗଡ ଭିତରେ ବିକାଶର ବାଟବଣା ହୋଇଛି । ଭବାନିପାଟଣା ସହିତ ଜୁନାଗଡ଼ ଏନଏସି ମଧ୍ୟରେ ଅନେକ ୱାର୍ଡର ରାସ୍ତା ଘାଟ, ପାନୀୟ ଜଳ,ଡ୍ରେନେଜ ବ୍ୟବସ୍ଥା ଅବ୍ୟବସ୍ଥା ଘେରରେ ରହିଛି। ପୌରପାଳିକା ଓ ନଗର ପାଳିକା ଲୋକଙ୍କ ପ୍ରମୁଖ ସମସ୍ୟା ରାସ୍ତା ଘାଟ, ପାନୀୟ ଜଳ, ଡ୍ରେନେଜ ବ୍ୟବସ୍ଥା,ଏକ ପ୍ରମୁଖ ସମସ୍ୟା ଥିବା ବେଳେ, ତଦଜନିତ ସମସ୍ୟା ଯୋଗୁଁ ନିର୍ଭରଶୀଳ ଲୋକେ ତ୍ରାହି ତ୍ରାହି ଡାକିଲେଣି। ଉଦାହରଣ ସ୍ୱରୂପ ଜୁନାଗଡ଼ ବିଜ୍ଞାପିତ ଅଞ୍ଚଳର ଭାରତୀୟ ବିଦ୍ୟାନିକେତନ ସ୍କୁଲ ର ଅନେକ ଛାତ୍ର, ଛାତ୍ରୀ ସେହି ଖାଲ, ଖମା ରାସ୍ତା ଦେଇ ସ୍କୁଲ୍ ଯାଉଛନ୍ତି ,ଆମଗଛ ପଡ଼ା ରାସ୍ତା ସମେତ ଅନ୍ୟାନ୍ୟ ବିଦ୍ୟାଳୟ ରାସ୍ତା ମଧ୍ୟ ଶୋଚନୀୟ ଅବସ୍ଥାରେ ରହିଛି । ଏହି ସବୁ ଉଭୟ ସମସ୍ୟା ଭବାନିପାଟଣା ମ୍ୟୁନିସିପାଲଟି ଓ ଜୁନାଗଡ ଏନ୍ଏସିରେ ବାରମ୍ବାର ଦେଖିବାକୁ ମିଳୁଛି। ରାଜନୈତିକ ଟଣା ଉଟରା ଭିତରେ ନିରୀହ ନାଗରିକ ତଳିତଲାନ୍ତ ହେବା ଗଣତନ୍ତ୍ରର ଏହା ରାଜନୈତିକ ଉପାଦୟୀତାରେ ଶୁଭଙ୍କର ନୁହେଁ । ଦଶନ୍ଧି ଦଶନ୍ଧି ପରେ ମଧ୍ୟ ପୌରପାଳିକା ଓ ନଗରପାଳିକା କଣଠେସା ହେବା ଲୋକଙ୍କ ମଧ୍ୟରେ ବିକାଶର ସମ୍ଭାବନାକୁ ସୁଚାଉନାହିଁ। ଆଶା,,ଆଗାମୀ ଦିନରେ ଶାସନ--ପ୍ରଶାସନର ସୁଦୃଷ୍ଟି ପଡ଼ିବ।

# ବିଭିନ୍ନ ବିଭାଗର କାର୍ଯ୍ୟରତ କର୍ମଚାରୀଙ୍କ ବଦଳି କେବେ ?

**ଗଜପତି,(ମହାଭାରତ) :** ଜିଲ୍ଲା ଏକ ଆଦିବାସୀ ଅଧୁସିତ ପାହାଡ଼ ପର୍ବତ ଘେରା ଅଞ୍ଚଳ ଅଟେ। ଏଠାରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଚାଲିଛି ଏହାକୁ ସୁପରିଚାଳନା କରିବା ସକାଶେ ବିଭିନ୍ନ ବିଭାଗ ରହିଛି ଓ ବିଭିନ୍ନ ବିଭାଗର ପଦ ଅଧିକାରୀ ରହିଛନ୍ତି। କିନ୍ତୁ ବିଭାଗରେ କର୍ଯ୍ୟରତ କର୍ମଚାରୀଙ୍କ ଦୀର୍ଘ ବର୍ଷ ହେଲା ବଦଳି ହେଉ ନାହିଁ ଯାହା ଫଳରେ ସ୍ୱଚ୍ଛତା ଉପରେ ପ୍ରଶ୍ନ ବାଚି ସୃଷ୍ଟି କରିଛି। ସରକାରଙ୍କ ନିୟମ ଅନୁଯାୟୀ ୩ ବର୍ଷ ହୋଇଗଲେ କ୍ଷେତ୍ର କର୍ମଚାରୀ ହେଉ କିମ୍ବା ଅଫିସ କର୍ମଚାରୀ ଅନ୍ୟତ୍ର ବଦଳି ହେବା ନିୟମ ରହିଛି। କିନ୍ତୁ ଦୀର୍ଘ ବର୍ଷ ହେଲା ବିଭାଗର କର୍ମଚାରୀ ବଦଳି ନ ହେବା ସମସ୍ତଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଜିଲ୍ଲାର ବିକାଶ ଓ ସ୍ୱଚ୍ଛତା ନେଇ ନୂତନ ସରକାର ତୁରନ୍ତ କର୍ମଚାରୀ ମାନଙ୍କୁ ବଦଳି କରିବା ସକାଶେ ସାଧାରଣରେ ଦାବୀ ହେଉଛି।

# ନୀଳାଚଳ ଇସ୍ପାତ ନିଗମ ପକ୍ଷରୁ କୃଷକ ସଚେତନତା କାର୍ଯ୍ୟକ୍ରମ




**ଦାନଗଦି,(ମହାଭାରତ) :** ଆଧୁନିକ କୃଷି ଏବଂ ଜଳବାୟୁ ସହନଶୀଳ ଚାଷ ପଦ୍ଧତି ଉପରେ ପ୍ରଶିକ୍ଷଣ ପ୍ରଦାନ ଯୋଗଦେଲେ ୧୮ଟି କୃଷକ ସଂଘର ପ୍ରତିନିଧି, ଚାଷୀଙ୍କୁ ବିହନ ମାର୍କର ଓ ବିହନ ରୋପଣର ମାନୁଆଲ ବଣ୍ଟନ ଦାନଗଦୀ, ଅଗଷ୍ଟ ୩୧, ୨୦୨୪: ଯାଜପୁର ଜିଲ୍ଲ ଦାନଗଦି ବ୍ଲକର ରଣାଗୁଣ୍ଡି ଗ୍ରାମ ପଞ୍ଚାୟତରେ ନୀଳାଚଳ ଇସ୍ପାତ ନିଗମ ଲିମିଟେଡ୍ (ଏନ୍ଆଇଏନ୍ଏଲ୍) ସହଯୋଗରେ ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ (ଟିଏସ୍ଏଫ୍) ପକ୍ଷରୁ କୃଷକମାନଙ୍କ ଜୀବିକାକୁ ସୁଦୃଢ଼ କରିବା ପାଇଁ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏଥିରେ ଆଧୁନିକ କୃଷି ଏବଂ ଜଳବାୟୁ ସହନଶୀଳ ଚାଷ ପଦ୍ଧତି ବିଷୟରେ କୃଷକମାନଙ୍କ ସଚେତନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପାଖାପାଖି ୧୮ଟି କୃଷକ ସଂଘର ପ୍ରତିନିଧି ଯୋଗ ଦେଇଥିଲେ। ଏହି ସଂଘଗୁଡ଼ିକ ଆଖପାଖ ଅଞ୍ଚଳର ବିଭିନ୍ନ ଗ୍ରାମ ପଞ୍ଚାୟତର ୧୬୦ରୁ ଅଧିକ କୃଷକଙ୍କ ପ୍ରତିନିଧିତ୍ୱ କରିଥିଲେ। ଏହି କାର୍ଯ୍ୟକ୍ରମ ରେ ଚାଷୀମାନଙ୍କୁ ବିହନ ମାର୍କର ଓ ବିହନ ରୋପଣର ମାନୁଆଲ ବଣ୍ଟନ କରାଯାଇଥିଲା। ସ୍ଥାୟୀ ଏବଂ ଜଳବାୟୁ ସହନଶୀଳ ଚାଷ ପ୍ରଣାଳୀକୁ ସମର୍ଥନ କରିବା ପାଇଁ ଏହି ଉପକରଣ ପ୍ରଦାନ କରାଯାଇଥିଲା। ଯାହା ଦ୍ୱାରା ଧାନ ରକ୍ଷଣାବେକ୍ଷଣ ପ୍ରଣାଳୀ (ଏସଆରଆଇ) ଭଳି ସ୍ଥାୟୀ ଏବଂ ଜଳବାୟୁ ସହନଶୀଳ ଚାଷ ପଦ୍ଧତିକୁ ସମର୍ଥନ କରାଯାଇପାରିବ। ରଣାଗୁଣ୍ଡି ଗ୍ରାମପଞ୍ଚାୟତ ସରପଞ୍ଚ ତୁଷାର ରଞ୍ଜନ ଜେନାଙ୍କ ଉପସ୍ଥିତିରେ ଏହି ବଣ୍ଟନ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଏଥିରେ ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ (ଟିଏସ୍ ଏଫ୍)ର କର୍ମଚାରୀମାନେ ମଧ୍ୟ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ କୃଷକମାନଙ୍କ ପାଇଁ ପ୍ରଶିକ୍ଷଣ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ କୃଷକମାନଙ୍କ ପାଇଁ ପ୍ରଶିକ୍ଷଣ ଅଧିବେଶନ ଏବଂ ଦକ୍ଷତା ବିକାଶ କାର୍ଯ୍ୟକଳାପ ମଧ୍ୟ ଅନ୍ତର୍ଭୁକ୍ତ ଥିଲା ଯେଉଁଥିରେ ଉତ୍ପାଦକତା ଏବଂ ଆୟ ବୃଦ୍ଧି ପାଇଁ ଦୀର୍ଘସ୍ଥାୟୀ କୃଷି ପଦ୍ଧତି ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଥିଲା। ଏନ୍ଆଇଏନ୍ଏଲ୍ ର ପରିଚାଳନା ନିର୍ଦ୍ଦେଶକ ତଥା ସିଇଓ ସୁଧୀର ମେହେତା କହିଛନ୍ତି, ଜଳବାୟୁ ପରିବର୍ତ୍ତନ ଯୋଗୁଁ ସୃଷ୍ଟି ହୋଇଥିବା ଆହ୍ୱାନ ମଧ୍ୟରେ ସମାଧାନ ସୃଷ୍ଟି, କୃଷି ଉତ୍ପାଦକତା ବୃଦ୍ଧି ଏବଂ କୃଷକମାନଙ୍କ ଜୀବିକାକୁ ସୁରକ୍ଷିତ କରିବା ଦିଗରେ ସ୍ଥାନୀୟ ଲୋକମାନଙ୍କ ସହ କାର୍ଯ୍ୟ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟଲକ୍ଷ୍ୟ ବୋଲି ଶ୍ରୀ ମେହେତା କହିଛନ୍ତି। କୃଷକମାନଙ୍କୁ ପ୍ରଦାନ କରାଯାଇଥିବା ବିହନ ମାର୍କର ଚାରାର ଉପଯୁକ୍ତ ବ୍ୟବଧାନ ସୁନିଶ୍ଚିତ କରିବାରେ ସହାୟକ ହେବ। ଏହାଦ୍ୱାରା ଉତ୍ତମ ଅଭିବୃଦ୍ଧି ଓ ଅଧିକ ଅମଳ ହେବ। ଏହା ଫଳରେ ମକା ଭଳି ଶୁଖିଲା ଜମି ଫସଲ ପାଇଁ ରୋପଣ ଦକ୍ଷତାରେ ଉନ୍ନତି ଅଣାଯାଇ ପାରିବ। ଯାହା ଅଧିକ ଅମଳରେ ସହାୟକ ହେବ। ବର୍ତ୍ତମାନ ସୁଦ୍ଧା ଫାଉଣ୍ଡେସନର ଏହି ପ୍ରୟାସ କଳିଙ୍ଗନଗର ଅଞ୍ଚଳର ପ୍ରାୟ ୮୦୦ ଲୋକଙ୍କ ଜୀବନକୁ ସକାରାତ୍ମକ ଭାବେ ପ୍ରଭାବିତ କରିଛି। ଏଥିରେ ଜଳବାୟୁ ସହନଶୀଳ କୃଷି ପଦ୍ଧତିକୁ ପ୍ରୋତ୍ସାହିତ କରାଯାଉଛି। ଏ ନେଇ ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ ଦ୍ୱାରା ନିଆଯାଇଥିବା ପଦକ୍ଷେପ ଦ୍ୱାରା ମଧ୍ୟ ପ୍ରାୟ ୧୨,୫୦୦ କୃଷକ ଉପକୃତ ହୋଇପାରିଛନ୍ତି। ସ୍ଥାନୀୟ ଲୋକମାନଙ୍କ ସହ ଘନିଷ୍ଠ ଭାବରେ କାର୍ଯ୍ୟ କରିବା ପାଇଁ ଏହି ପ୍ରୟାସ ଟିଏସଏଫର ମିଶନର ଏକ ଅଂଶ। ସ୍ଥାୟୀ ଚାଷ ପଦ୍ଧତିରେ ଉନ୍ନତି ଆଣିବା ଏବଂ ଦୀର୍ଘମିଆଦୀ ଖାଦ୍ୟ ନିରାପତ୍ତାକୁ ସମର୍ଥନ କରିବା ଏହାର ଲକ୍ଷ୍ୟ।

# ଖବର କାଗଜ ବିକ୍ରେତାଙ୍କ ସ୍ମୃତିଚାରଣ ସଭା



**ବରୀ,(ମହାଭାରତ) :** ବରୀ ଅଂଚଳର ଜଣାଶୁଣା ଖବରକାଗଜ ବିକ୍ରେତା ବଳରାମ ଦାସଙ୍କ ଅକାଳ ବାୟୋଗ ନିମନ୍ତେ ଖବରକାଗଜ ବିକ୍ରେତା ସଂଘ ବରୀ ପକ୍ଷରୁ ଆଜି ବରୀ ଜାଗୁଳେଇ ପିଠ ଠାରେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ବଳରାମ ଦାସ ଦୀର୍ଘ ୩୦ ବର୍ଷ ଧରି ଖବରକାଗଜ ବିକ୍ରେତା ଭାବେ କାର୍ଯ୍ୟ କରି ପରିବାର ପ୍ରତିପୋଷଣ କରୁଥିଲେ। କିଛିଦିନ ତଳେ ସେ ଅସୁସ୍ଥ ଅନୁଭବ କରିବାରୁ ତାଙ୍କୁ ଭୁବନେଶ୍ୱରସ୍ଥ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସା କରାଯାଇଥିଲା। ଚିକିତ୍ସାଧିନ ଅବସ୍ଥାରେ ରବିବାର ଡାକ୍ତର ତାଙ୍କୁ ବ୍ରେନ ଡେଡ୍ ଘୋଷଣା କରିଥିଲେ। ମୃତ୍ୟୁ ବେଳକୁ ତାଙ୍କୁ ୬୦ ବର୍ଷ ବୟସ ହୋଇଥିଲା। ତାଙ୍କର ଏଭଳି ମୃତ୍ୟୁ ସମସ୍ତଙ୍କୁ ଦୁଃଖ ଦେବା ସହିତ ଆଜି ଏକ ସ୍ମୃତି ଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ରମେଶ ମଲିକ, ପ୍ରଶାନ୍ତ କବି, ଅଶୋକ ଦାସ, ସଞ୍ଜୟ କୁମାର ବେହେରା,ପ୍ରଶାନ୍ତ ଦ୍ୱିବେଦୀ, ସତ୍ୟଜିତ ବାରିକ, ସ୍ନେହଂଶୁ ଶେଖର ମହାନ୍ତି, ରବିନ୍ଦ୍ର ମଲ୍ଲିକ, ରାଜେଶ ବାରିକ, ପ୍ରସନ୍ନ ପରିଡା,ରଞ୍ଜିତ ମହାନ୍ତି ଯୋଗ ଦେଇଥିଲେ।

# ବାଲୁଗାଁ ମହାବିଦ୍ୟାଳୟର ୪୪ତମ ପ୍ରତିଷ୍ଠା ଦିବସ ସମାରୋହ



**ଚିଲିକା,(ମହାଭାରତ):** ରବିବାର ବାଲୁଗାଁ ମହାବିଦ୍ୟାଳୟର ୪୪ତମ ପ୍ରତିଷ୍ଠା ଦିବସ ସମାରୋହ ପରିଚାଳନା ପରିଷଦର ସଭାପତି ଇଂ ପ୍ରବାସ କୁମାର ସୁନ୍ଦରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି କ୍ଷ ପ୍ରାରମ୍ଭରେ ଅତିଥିମାନେ ଶ୍ରୀଜଗନ୍ନାଥଙ୍କ ମୂର୍ତ୍ତି ନିକଟରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ସମାରୋହ ଉଦଘାଟନ କରିବା ପରେ ସେମାନଙ୍କୁ ମହାବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଛାତ୍ରୀମାନେ ପ୍ରାରମ୍ଭିକ ସଂଗୀତ ଗାନ କରିବା ପରେ ଅଧ୍ୟାପକ ଡକ୍ଟର କୈଳାସ ଚନ୍ଦ୍ର ମହାରଣା ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ। ଏହାପରେ ଅଧ୍ୟକ୍ଷ ଡକ୍ଟର ଲକ୍ଷ୍ମୀଧର ସୁବୁଦ୍ଧି ସ୍ୱାଗତ ଭାଷଣ ଓ ସମ୍ପାଦକୀୟ ବିବରଣୀ ପ୍ରଦାନ କରିଥିଲେ। ମୁଖ୍ୟ ବକ୍ତାଭାବେ ଯୋଗଦେଇ ପୁରୀ ଲୋକସଭା ସାଂସଦ ଡାକ୍ତର ସମ୍ବିତ ପାତ୍ର ଛାତ୍ର ଛାତ୍ରୀମାନଙ୍କୁ ଅଧ୍ୟବସାୟୀ ଓ ଅଧ୍ୟୟନଶୀଳ ହେବାକୁ ପରାମର୍ଶ ଦେବା ସହ ମହାବିଦ୍ୟାଳୟ ପାଇଁ ସାଂସଦପାଣ୍ଠି ସବୁବେଳେ ଖୋଲା ବୋଲି କହିବା ପରେ ମହାବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ମନରେ ବିରାଟ ଆଶା ସଂଚାରଣ କରିଥିଲେ। ମୁଖ୍ୟ ଅତିଥିଭାବେ ଯୋଗଦେଇ ଓଡିଶା ସରକାରଙ୍କର କ୍ୟାବିନେଟ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମହାବିଦ୍ୟାଳୟର ଶୈକ୍ଷିକ ଉତ୍କର୍ଷତା, ନାକ୍ ମାନ୍ୟତା ଓ ଗୁଣାତ୍ମକ ବିକାଶ ପାଇଁ ବର୍ତ୍ତମାନଓ ପୁରାତନ ଛାତ୍ରଛାତ୍ରୀ ମାନଙ୍କର ସହଭାଗିତା କାମନା କରିଥିଲେ। ଏହି ଅବସରରେ ପ୍ରାକ୍ତନ ଚିଲିକା ବିଧାୟକ ଡାକ୍ତର ବିଭୂତି ଭୂଷଣ ହରିଚନ୍ଦନ ରାଷ୍ଟ୍ର ଗଠନରେ ଶିକ୍ଷାର୍ଥୀ ଓ ଶିକ୍ଷକ ମାନଙ୍କର ପ୍ରତିବଦ୍ଧତା ଉପରେ ଗୁରୁତ୍ୱ ଦେଇଥିଲେ। ଚିଲିକା ପଂଚାୟତ ସମିତି ଅଧ୍ୟକ୍ଷ ଜ୍ୟୋତ୍ସ୍ନାରାଣୀ ବେହେରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଛାତ୍ର ଛାତ୍ରୀ ମାନଙ୍କର ଶୈକ୍ଷିକ ପ୍ରଗତି ପାଇଁ ଆହ୍ୱାନ ଦେଇଥିଲେ। ଏହାପରେ ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ନଳିନୀକାନ୍ତ ପଟ୍ଟନାୟକଙ୍କୁ ମୁଖ୍ୟ ଅତିଥି ପୃଥ୍ୱୀରାଜ ହରିଚନ୍ଦନ ଉତ୍ତରୀୟ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ ଓ ପ୍ରତ୍ୟୁତ୍ତରରେ ପ୍ରଫେସର ପଟ୍ଟନାୟକ ମହାବିଦ୍ୟାଳୟରେ ବିତାଇଥିବା ସ୍ମରଣୀୟ ଘଟଣା ଆଲୋକପାତ କରିଥିଲେ। ଏହାପରେ ମହାବିଦ୍ୟାଳୟର ୨୪ ଜଣ ବିଭାଗୀୟ ଶ୍ରେଷ୍ଠ ଛାତ୍ର ଛାତ୍ରୀଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରି ଥିଲେ। ଧନ୍ୟବାଦ ଦେଇ କାର୍ଯ୍ୟକ୍ରମ ସମାପ୍ତ କରିଥିଲେ ଯୁକ୍ତ ଦୁଇ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ଶ୍ରୀଚନ୍ଦନ।

# କାଶୀନଗର ଏନଏସିର ସ୍ୱାୟତ୍ତ ଶାସନ ଦିବସ ଅନୁଷ୍ଠିତ



**ଗଜପତି,(ମହାଭାରତ) :** ଜିଲ୍ଲା ମଧ୍ୟରେ ଥିବା ଏକମାତ୍ର ବିଜ୍ଞାପିତ ଅଂଚଳ ପରିଷଦ କାଶୀନଗରର ୫୦ ତମ ସ୍ୱାୟତ୍ତ ଶାସନ ଦିବସ ମହା ଆଡମ୍ବର ସହକାରେ ବିଜୁ କଲ୍ୟାଣ ମଣ୍ଡପ ଠାରେ ପାଳିତ ହୋଇଯାଇଛି. କାଶୀନଗର ଏନ. ଏ. ସି ର ସର୍ବାଙ୍ଗୀନ ଉନ୍ନତି ପାଇଁ ଏହି ଦିବସରେ ସଂକଳ୍ପବଧ ହୋଇ ଆସନ୍ତୁ, ସମସ୍ତେ ସହଭାଗୀ ହୋଇ ବିଜ୍ଞାପିତ ଅଞ୍ଚଳ ପରିଷଦ ଶାସନ ବ୍ୟବସ୍ଥାକୁ ଅଧିକ ଉପଯୋଗୀ, ସରଳ ତଥା ଲୋକାଭିମୁଖୀ କରିବା ସହ ବିକାଶ ଦିଗରେ ଆଗେଇବା . ଆଜିର ଏହି କାର୍ଯ୍ୟକ୍ରମ ଆରମ୍ଭରେ କମ୍ୟୁନିଟି ଉନ୍ନୟନ ଅଧିକାରୀ ଉଜ୍ଜଳତା ସ୍ୱାଲ ସିଂ ସମସ୍ତ ଅତିଥି ମାନଙ୍କ ପାରିଚୟ ଦେଇ ସ୍ୱାଗତ କରିଥିଲେ. ବୈଠକର ମୁଖ୍ୟ ଅତିଥି ଏନ ଏ ସି ଅଧକ୍ଷା ଏମ ସୁଦ୍ଧା ରାଣୀ ନିଜ ବକ୍ତବ୍ୟରେ କାଶୀନଗର ଏନ ଏ ସି ର ସର୍ବାଙ୍ଗୀନ ଉନ୍ନତି ପାଇଁ ସମସ୍ତ ଜନସାଧାରଣଙ୍କ ସାହାଯ୍ୟ ଓ ସହଯୋଗ ରହିଥିବା ଦର୍ଶାଇ ବରିଷ୍ଠ ସାମ୍ବାଦିକ ମାନଙ୍କ ପରାମର୍ଶ ଆମ ପାଇଁ ଅତ୍ୟନ୍ତ ଜରୁରୀ ଥିବା କହିଥିଲେ.କାଶୀନଗର କାର୍ଯ୍ୟ ନିର୍ବାହୀ ଅଧିକାରୀ ଭାଗବତ ସାହୁ ଅତିଥି ମନକୁ ସ୍ୱାଗତ କରିବା ସହ ବିବରଣୀ ପାଠ କରି ସମସ୍ତ ଜନସାଧାରଣଙ୍କୁ ଠିକ ସମୟରେ ଟିକସ ପୈଠ କରିବାକୁ କହିଥିଲେ.ଅତିଥି ମାନଙ୍କ ମଧ୍ୟରେ କାଶୀନଗର ଉପଧାକ୍ଷ ରଘୁରମ ସାହୁ କାଶୀନଗର ଠାରେ ଛାତ୍ର ଛାତ୍ରୀ ମାନଙ୍କ ଗୁଣାତ୍ମକ ଶିକ୍ଷା ର ବିକାଶ ପାଇଁ ଏଠାରେ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ କରିବା ପାଇଁ ଏନ ଏ ସି ଅଧକ୍ଷା ଏମ ସୁଦ୍ଧା ରାଣୀ ଙ୍କ ଜରିଆରେ ସରକାରଙ୍କ ନିକଟରେ ଦାବୀ ରଖିଥିବା ବେଳେ ୱାର୍ଡ କଉନସିଲର ଜୀବରତ୍ନମ ଓ ଚଲପତି ରାଓ ନିଜ ନିଜ ବକ୍ତବ୍ୟ ରଖିଥିଲେ. ପୂର୍ବତନ ଅଧକ୍ଷ ବୈକୁଣ୍ଠା ରାଓ ଙ୍କୁ ସ୍ୱତନ୍ତ୍ର ଭାବେ ସମ୍ମନିତ କରାଯାଇଥିବା ବେଳେ ପ୍ରତି ବର୍ଷ ଭଳି ଏହି ବର୍ଷ ମଧ୍ୟ କାଶୀନଗର ଏନ ଏ ସି ତରଫରୁ ସାମ୍ବାଦିକତା କ୍ଷେତ୍ରରେ କାର୍ଯ୍ୟରତ ସମସ୍ତ ସାମ୍ବାଦିକ ମନଙ୍କୁ ସ୍ୱତନ୍ତ୍ର ଭାବେ ପୁଷ୍ପ ଗୁଚ୍ଛ ସହ ସମ୍ମନିତ କରି ଉତ୍ତରୀୟ ପ୍ରଦାନ କରିଥିଲେ. ସେହି ଭଳି କ୍ରୀଡା , ପ୍ରବନ୍ଧ, ବକ୍ତୃତା, ପାରମ୍ପରିକ ନୃତ୍ୟ ଓ ମହିଳା ଗୋଷ୍ଠୀ ମାନଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଏନ ଏ ସି ମଧ୍ୟରେ ଥିବା ସମସ୍ତ ୱାର୍ଡ ସଭ୍ୟ, ବରିଷ୍ଠ ନାଗରିକ, ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହିଥିଲେ. କାଶୀନଗର ସ୍ଥିତ ଇଣ୍ଡିଆନ ପବ୍ଲିକ ସ୍କୁଲ ର ଛାତ୍ର ଛାତ୍ରୀ ମାନେ ପ୍ରାରମ୍ଭିକ ସଂଗୀତ ଗାନ କରିଥିଲେ।

# ପାରଳାଖେମୁଣ୍ଡି ସହରରେ ଦିନକୁ ଦିନ ମାଛ ମାଂସ ଦୋକାନ



**ପାରଳାଖେମୁଣ୍ଡି,(ମହାଭାରତ) :** ସହରରେ ଦିନକୁ ଦିନ ମାଛ ମାଂସ ଦୋକାନ ଛତୁ ଫୁଟିଲା ଭଳି ଗଢି ଉଠିଛି, ପାରଳା ପୌର ପରିଷଦ ଟିକସ ଆଦାୟରେ ବାଉଳା, ଲଗାମ ଛଡ଼ା କରିଛି ପୌର,ପରିସଦ ଅଙ୍କୁଶ ଲାଗିବ କେବେ ? ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସହରରେ ଦିନକୁ ଦିନ ମାଛ ମାଂସ ଦୋକାନ ଛତୁ ଫୁଟିଲା ଭଳି ଗଡି ଉଠିଛି। ଏଥି ପ୍ରତି ପୌର ପରିଷଦର ଅଙ୍କୁଶ ନାହିଁ କେବଳ ଟିକସ ଆଦାୟ କରିବାରେ ବାଉଳ। ସହରର ବିଭିନ୍ନ ଛକ ସାହି ଗଳି ରାସ୍ତା କଡରେ ଖୋଲା ଏହି ସବୁ ମାଛ ମାଂସ ବିକ୍ରି ଦୋକାନ। ଯାହା ଫଳରେ ଅପରିଷ୍କାର ଦୂଷିତ ହେବା ସାଙ୍ଗକୁ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ବଜାର ମଧ୍ୟରେ ମାଛ ମାଂସ ଦୋକାନ ଥାଇ ମଧ୍ୟ ରାସ୍ତା କଡରେ ଛତୁ ଫୁଟିଲା ଭଳି ମାଛ ମାଂସ ଦୋକାନ ଗଢି ଉଠିଛି ରାସ୍ତା କଡରେ ଛେଳି ମାରି ଟାଙ୍ଗିବ। ଦ୍ୱାରା ରାସ୍ତରେ ଯାଉ ଥିବା କୋମଳ ମତି ଶିଶୁଙ୍କ ଉପରେ ବା କୋମଳ ମତି ଛାତ୍ରଛାତ୍ରୀଙ୍କ ଉପରେ ଓ ସମାଜରେ ଏହାର କଣ ପ୍ରଭାବ ପଡ଼ିବ ପୌର ପରିଷଦ ଚିନ୍ତା କରିବା କଥା ପୌର ପରିଷଦ କେବଳ ଟିକସ ଆଦାୟ କରିବାରେ ବଉଳ। ଗଜପତି ଷ୍ଟାଡିୟମ ଠାରୁ ଆରମ୍ଭ କରି ସହରର ବିଭିନ୍ନ ଛକ ସାହିରେ ଦିନକୁ ଦିନ ଗଡି ଉଠୁଛି। ସହରର ଗୋଟିଏ ସ୍ଥାନରେ ମାଛ ମାଂସ ବିକ୍ରୀ ବଟ। କରିଲେ ଟ୍ରାଫିକ ସମସ୍ୟା ଦୂର ହେବା ସହ ପରିବେଶ ପରିଷ୍କାର ପରିଚ୍ଛନ୍ନତା ରହି ପାରିଥାନ୍ତ। ବୋଲି ସାଧାରଣରେ ମତ ପ୍ରକାଶ ପାଉଛି।

# ତନୁଜା ଶତପଥୀ ଇଣ୍ଡିଆନ୍ ଏଣ୍ଡିଭିଜୁଆଲ ଏକ୍ସିଲେନ୍ସ ଏବାଆର୍ଡରେ ପୁରସ୍କୃତ



**ପାରଳାଖେମୁଣ୍ଡି,(ମହାଭାରତ) :** ଭୁବନେଶ୍ୱରସ୍ଥିତ ଜୟଦେବ ଭବନଠାରେ ୩୦ ଅଗଷ୍ଟ ୨୪ ଦିନ ବିଜେପି ପର୍ଯ୍ୟବେକ୍ଷକ କବି ତଥା ସାରସ୍ୱତ ସାଧକ ଈଶଙ୍କରଈ ଈପରିଡ଼ାଈ ଏବଂ ବିଶିଷ୍ଟ ବ୍ୟକ୍ତିବିଶେଷ ମାନଙ୍କ ଦ୍ୱାରା ପ୍ରଗତି ମହିଳା ସଂଗଠନର ସମ୍ପାଦିକା ତନୁଜା ଶତପଥୀ ସମ୍ବର୍ଥାନା ପାଇଛନ୍ତି। ଗଜପତିରୁ ଜଣେ ସକ୍ରିୟ ମହିଳା ସଙ୍ଗଠନର ମୁଖ୍ୟ ଭାବେ ଗୀତ,ସମାଜସେବୀ ଏବଂ ଲେଖିକା ଭାବେ ଦକ୍ଷତା ଯୋଗୁଁ ସେ ପୁରସ୍କୃତ ହୋଇଛନ୍ତି।ଏହି ସମୟରେ ପାରଳା ର ବିଭିନ୍ନ ସାରସ୍ୱତ ଓ ସଂସ୍କୃତିକ ପ୍ରତିଷ୍ଠାନର ଶିଳ୍ପୀ ଏବଂ ବୁଦ୍ଧିଜୀବୀ ଯଥା ବିଚିତ୍ରାନନ୍ଦ ବେବର୍ତ୍ତା, ଲୋକନାଥ ମିଶ୍ର, ମନୋଜ୍ ପଟ୍ଟନାୟକ, ଲିଙ୍ଗରାଜ ପାଣିଗ୍ରାହୀ, ଡ.ଭାରତୀ ପାଣିଗ୍ରାହୀ,ମୂରଲୀଧର ପରିଚ୍ଛା, କଲ୍ପନା ପଟ୍ଟନାୟକ,ସବିତା ପଣ୍ଡିତ ପ୍ରଭୃତି ତନୁଜାଙ୍କୁ ବଧେଇ ଜଣାଇଛନ୍ତି।

# ଜାତୀୟ କ୍ରୀଡ଼ା ଦିବସରେ କିଶୋର ଚନ୍ଦ୍ର ରଥଙ୍କୁ ସମ୍ବର୍ଦ୍ଧନା



**ଗଜପତି,(ମହାଭାରତ) :** ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ଇଣ୍ଡୋର ଷ୍ଟାଡିୟମରେ ଜାତୀୟ କ୍ରୀଡ଼ା ଦିବସ ଅବସରରେ ଗଜପତି ଜିଲ୍ଲାପାଳ ବିଜୟ କୁମାର ଦାସ ଆନ୍ତର୍ଜାତିକ ମାଷ୍ଟର କ୍ରୀଡ଼ା ବିତ୍ କିଶୋର ଚନ୍ଦ୍ର ରଥଙ୍କୁ ସମ୍ବର୍ଦ୍ଧନା କରାଯାଇଛି। ଯୋଗ ଓ ପ୍ରାଣାୟମ ଶିବିର ଅନୁଷ୍ଠିତ ହୋଇଥିଲା।ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହି ଅଧିକାରୀ ଜିଲ୍ଲା ପରିଷଦ ଡକ୍ଟର ଗୁଣନିଧି ନାୟକ ଜିଲ୍ଲା ଶିକ୍ଷା ଅଧିକାରୀ ମାୟା ଧର ସାହୁ ପାତାଞ୍ଜଳି ଯୋଗ ଗୁରୁ ପ୍ରମୁଖ ଉପସ୍ଥିତ ରହି ଯୋଗ ଅଭ୍ୟାସ କରିଥିଲେ। ସୁରେନ୍ଦ୍ର ରଥ ଯୋଗ ଗୁରୁ ରୂପରେ ଯୋଗ ଶିକ୍ଷା ପ୍ରଦାନ କରିଥିଲେ।ଏହି କାର୍ଯ୍ୟକ୍ରମ ରେ ଜିଲ୍ଲା କ୍ରୀଡ଼ା ଶିକ୍ଷକ ସୁରେନ୍ଦ୍ର ପାତ୍ର,ଲିଙ୍ଗରାଜ ସାହୁ,କିଶୋର ସାମଲ ଓ ଧୀରେନ ସାମଲ ପ୍ରମୁଖ ସହଯୋଗ କରିଥିଲେ।

# ଭତ୍ତା ଅପେକ୍ଷାରେ ଆରପାରିରେ ବୃଦ୍ଧା

## ୩ ମାସ ପୂର୍ବରୁ ଗ୍ରାମ ବାସି କରିଥିଲେ ଅଭିଯୋଗ, ନିଦାବିଷ୍ଟୁ ପ୍ରଶାସନ



ବିଷମ କଟକ:(ମହାଭାରତ): ସରକାରୀ କଳର ନାଳି ଫିତା ତଳେ ରହି ଯାଇଥିଲା ବୃଦ୍ଧାଙ୍କ ଫାଇଲ। ସରକାରଙ୍କ ତରଫରୁ ମିଳୁଥିବା ସହାୟତା ରାଶି ଭତ୍ତା ଟଙ୍କା ଅପେକ୍ଷାରେ ଆରପାରିରେ ୭୮ ବର୍ଷର ବୃଦ୍ଧା। ଆଉ ଦୁଇ ବର୍ଷ ପରେ ସମ୍ପ୍ରତି ସରକାରଙ୍କ ବର୍ଦ୍ଧିତ ଭତ୍ତା ପାଇବା ପାଇଁ ଆସା ବାନ୍ଧୀ ଥିଲେ ହେଲେ ସରକାରୀ ବାବୁଙ୍କ ଆନ୍ତରିକତାର ଅଭାବ ଓ ଖାମଖିଆଲ ମନୋଭାବ ଯୋଗୁ ୩ ମାସର ଭତ୍ତା ଟଙ୍କା ନପାଇ ବୃଦ୍ଧା କୁନ୍ଦମଣି ଆରପାରିକୁ ଚାଲି ଯାଇଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ। ଗତ ଜିଲ୍ଲା ବିଷମ କଟକ ବ୍ଲକ ଅଧୀନସ୍ଥ ସାହାଡ଼ା ପଞ୍ଚାୟତ ସମୁଦ୍ର ଗୁଡୁଣି ଗ୍ରାମର କନ୍ଧପାଣି କୁନ୍ଦମଣି। ବୃଦ୍ଧା ଅବସ୍ଥାରେ ଶଯ୍ୟାଶାୟୀ ଥିବା ବେଳେ ମୃତ୍ୟୁ ହୋଇଥିବା ଜଣାପଡିଛି। ବୟସର ଅପରାହ୍ନରେ ୩ ମାସର ଭତ୍ତା ଟଙ୍କା ପାଇଁ ସଂଘର୍ଷ କରି ସେ ଆଜି ଆରପାରିରେ। ପ୍ରଶାସନ ପକ୍ଷରୁ ଅନ ଲାଇନ ଯୋଗେ ସିଧାସଳଖ ବ୍ୟାଙ୍କ ଖାତାରେ ସହାୟତା ରାଶି ଜମା ହେଉଥିଲା । ବୃଦ୍ଧା ଜଣକ ଶଯ୍ୟାଗତ ଥିବାହେତୁ ୩ ମାସ ହେବ ବ୍ୟାଙ୍କ କୁ ଯିବା ଅସମ୍ଭବ ହୋଇପଡ଼ିଲା । ତେବେ ଉକ୍ତ ବିଷୟରେ ବୃଦ୍ଧା ଜଣଙ୍କ ପଞ୍ଚାୟତ ଠାରୁ ଆରମ୍ଭ କରି ବିଷମ କଟକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସଦାଶିବନାୟକଙ୍କୁ ଅଭିଯୋଗ କରିଥିଲେ ସୁଦ୍ଧା ପ୍ରଶାସନ ଚୁପ୍ ବସିଥିଲା। ଦୁଇ ମାସ ହେବ ସମୁଦ୍ର ଗୁଡୁଣି ଗ୍ରାମରେ ପାନୀୟ ଜଳର ସମସ୍ୟା ଯୋଗୁଁ ବିଷମ କଟକ ବିଡିଓଙ୍କ ଠାରୁ ଆରମ୍ଭ କରି ବ୍ଲକ ଓ ପଞ୍ଚାୟତ ସ୍ତରୀୟ ଅଧିକାରୀ ମାନେ ଉକ୍ତ ଗ୍ରାମକୁ ସ୍ଥିତି ଅନୁଧ୍ୟାନ କରିବା ପାଇଁ ଆସିଥିଲେ। ବୃଦ୍ଧା ଙ୍କ ସମସ୍ୟାକୁ ନେଇ ଗ୍ରାମବାସୀ ପ୍ରଶାସନିକ ଅଧିକାରୀ ମାନଙ୍କ ଦୃଷ୍ଟି ଆକର୍ଷଣ ମଧ୍ୟ କରିଥିଲେ । ବିଷମ କଟକ ବିଡିଓ ବୃଦ୍ଧାଙ୍କ ସମସ୍ୟା ସମାଧାନ ଖୁବ ଶୀଘ୍ର କରିବା ପାଇଁ ପ୍ରତିଶ୍ରୁତି ଦେଇ କାମ ସାରି ଚାଲିଯାଇଥିଲେ। ହେଲେ ନାଳି ଫିତା ତଳେ ଚପି ଦେଇଥିଲେ ବୃଦ୍ଧାଙ୍କ ଫାଇଲ। ଦୀର୍ଘ ୩ ମାସ ବିତିଯାଇଥିଲେ ମଧ୍ୟ ସମସ୍ୟାର ସମାଧାନ କରିପାରିନଥିଲେ ସରକାରୀ ବାବୁ। ଘଟଣାକୁ ନେଇ ବୁଦ୍ଧିଜୀବୀ ମହଲରେ ବିସ୍ମୟ ପ୍ରକାଶ ପାଇଥିବା ବେଳେ ଅଞ୍ଚଳ ରେ ଶୋକର ଛାୟା ଖେଳିଯାଇଛି।

# ଆସିପାରିଲାନି ଆମ୍ବୁଲାନ୍ସ

# ଖଟିଆରେ ବୁହାହେଲେ ଗର୍ଭବତୀ



ଲାଞ୍ଜିଗଡ(ମହାଭାରତ): ସ୍ୱାଧୀନତାର ୭୮ ବର୍ଷ ପରେ ମଧ୍ୟ କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକର ବିଭିଓ ପଞ୍ଚାୟତରେ ଆଜିବି ପାଦ ଚଲା ରାସ୍ତା ରହିଛି। ଯାହା ଫଳରେ ଗୁରୁତର ରୋଗୀ କିମ୍ବା ଗର୍ଭବତୀଙ୍କୁ ଖଟିଆରେ ବୋହିନୋ ଭଳି ଦୃଶ୍ୟ ଦେଖିବାକୁ ମିଳେ । ଆଜି ବ୍ଲକର ଗୁଣ୍ଡୁରି ପଞ୍ଚାୟତ ଗଙ୍ଗପେନୁ ଗାଁର ଗର୍ଭବତୀ ମହିଳାକୁ ଖଟିଆରେ ବୋହି ହସ୍ପିଟାଲ ନେଉଥିବା ଦୃଶ୍ୟ ଦେଖିବାକୁ ମିଳିଛି। ଗାଁର ଯଶୋଦା ମାଝୀ ନାମକ ଜଣେ ଗର୍ଭବତୀ ମହିଳା ପ୍ରସବ ଯନ୍ତ୍ରଣାରେ ଛଟପଟ ହେଉଥିବାବେଳେ ପରିବାର ଲୋକେ ୧୦୮ ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ। ହେଲେ ଗାଁକୁ ରାସ୍ତା ନଥିବାରୁ ଆମ୍ବୁଲାନ୍ସ ଗାଁକୁ ଆସିପାରିନଥିଲା। ଫଳରେ ବାଧ ହୋଇ ପରିବାର ଓ ଗାଁଲୋକ ପାଖାପାଖି ୩ କିଲୋମିଟର ରାସ୍ତା ସରଲାଞ୍ଜି ଗାଁ ପଯ୍ୟନ୍ତ ତାଙ୍କୁ ଖଟିଆରେ ବୋହି ନେଇ ଆମ୍ବୁଲାନ୍ସରେ ଛାଡିଛନ୍ତି। ଏହାପରେ ପରେ ଯଶୋଦାଙ୍କୁ ଭବାନୀପାଟଣା ଜିଲ୍ଲା ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଗାଁକୁ ଭଲ ରାସ୍ତା ନିର୍ମାଣ ନେଇ ବାରମ୍ବାର ଗ୍ରାମବାସୀମାନେ ଅଭିଯୋଗ କରିଆସୁଛନ୍ତି। ହେଲେ ପ୍ରଶାସନ ସବୁଜାଣି ମଧ୍ୟ ନିଦାବିଷ୍ଟୁ ସାଜିଛି। ତେଣୁ ଏସବୁକୁ ନଜରରେ ରଖି ଜିଲ୍ଲା ତଥା ବ୍ଲକ ପ୍ରଶାସନ ତୁରନ୍ତ ପଦକ୍ଷେପ ନେବାପାଇଁ ସାଧାରଣରେ ଚର୍ଚ୍ଚା ଜୋର ଧରିଛି।

## ପାଟଣା ଡ୍ରାଇଭର ମହାସଂଘ ଚତୁର୍ଥ ତମ ପ୍ରତିଷ୍ଠା ଦିବସ ପାଳିତ



ପାଟଣା(ମହାଭାରତ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଡ୍ରାଇଭର ମହାସଂଘ ଚତୁର୍ଥ ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ବାବା ଆନନ୍ଦେଶ୍ୱର ମନ୍ଦିର ପ୍ରାଙ୍ଗଣ ରେ ପାଟଣା ଡ୍ରାଇଭର ମହାସଂଘ ପକ୍ଷ ରୁ ଚତୁର୍ଥ ତମ ପ୍ରତିଷ୍ଠା ଦିବସ ପାଳିତ କରାଯିବା ସହ ପୂଜାର୍ଚ୍ଚନା କରାଯାଇଛି। ଏହି ପ୍ରତିଷ୍ଠା ଦିବସ ରେ ଡ୍ରାଇଭର ମହାସଂଘ ପକ୍ଷ ରୁ ଆନନ୍ଦେଶ୍ୱର ମନ୍ଦିର ପ୍ରାଙ୍ଗଣ ରୁ ଏକ ବାଇକ ଶୋଭାଯାତ୍ରା ବାହାରି ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ପହଞ୍ଚି ରୋଗୀ ମାନଙ୍କୁ ଫଳ ବଣ୍ଟନ କରାଯିବା ସହିତ କେନ୍ଦେଇପଶି ତୁରୁମୁଙ୍ଗା ,ଖିରେଇଟାଙ୍ଗିରି ଉପ ସ୍ୱାସ୍ଥ୍ୟ କେନ୍ଦ୍ର ରେ ମଧ୍ୟ ରୋଗୀ ମାନଙ୍କୁ ଫଳ ବଣ୍ଟନ କରାଯାଇଛି। ଏଥି ସହିତ କେନ୍ଦୁଝର ରୁ କଲିକତା ୪୯ ନଂ ଜାତୀୟ ରାଜପଥ ଖିରେଇଟାଙ୍ଗିରି ପଥ ଫାଟକ ନିକଟରେ ଡ୍ରାଇଭର ମହାସଂଘ ର ଡ୍ରାଇଭର ମାନେ ଏକତ୍ରିତ ହୋଇ ସମସ୍ତ ଗାଡି ଡ୍ରାଇଭର ମାନଙ୍କୁ ସଚେତନ କରିବା ସହ ଶୁଖିଲା ଖାଦ୍ୟ ଓ ପାଣି ବୋତଲ ବଣ୍ଟନ କରି ଥିଲେ ।ଏହି ଡ୍ରାଇଭର ମହାସଂଘ ପ୍ରତିଷ୍ଠା ଦିବସ ରେ ପାଟଣା ବ୍ଲକ ଡ୍ରାଇଭର ମହାସଂଘ ର ସଭାପତି ସଞ୍ଜୟ କୁମାର ଭୂମିଜ,ସମ୍ପାଦକ ଗୌରାଙ୍ଗ ବେହେରା ,ସହ ସମ୍ପାଦକ ବିଶ୍ୱମ୍ବର ମହାନ୍ତ,କୋଷାଧକ୍ଷ ନିରଞ୍ଜନ ମହାନ୍ତ ଙ୍କ ସମେତ ଶତାଧିକ ଡ୍ରାଇଭର ଭାଇ ମାନେ ସାମିଲ ଥିଲେ।

## ସହରକୁ ସ୍ୱଚ୍ଛ ଓ ସୁନ୍ଦର ଭାବେ ଗଢ଼ି ତୋଳିବାକୁ ଆହ୍ୱାନ



ଭଞ୍ଜନଗର,(ମହାଭାରତ): ଭଞ୍ଜନଗର ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଯାଇଛି। ସକାଳ ସମୟରେ ସହରରେ ରାମଧୂନ ଠାରୁ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। କାର୍ଯ୍ୟାଳୟ ପରିସରରେ ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା। ଏହାପରେ ସହରରେ ଥିବା ସମସ୍ତ ମହାପୁରୁଷମାନଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ, ଚାରାରୋପଣ ଓ ରୋଗୀଙ୍କୁ ଫଳ ବଣ୍ଟନ ହୋଇଥିଲା। ଅଭାସୀ ଜରିଆରେ ମୁଖ୍ୟମନ୍ତ୍ରୀ ମୋହନ ମାଝି ଏହି କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ଯୋଗ ଦେଇଥିଲେ । ସନ୍ଧ୍ୟା ସମୟରେ ଟାଉନ୍ ହଲ୍ ଠାରେ ଏକ ଭବ୍ୟ ପରିବେଶ ମଧ୍ୟରେ ସ୍ୱାୟତ୍ତ ଶାସନ ଦିବସ ପାଳନ କରାଯାଇଥିଲା ଉପାଧ୍ୟକ୍ଷା ଶୁଭଶ୍ରୀ ଦାସଙ୍କ ପୌରୋହିତ୍ୟରେ ମୁଖ୍ୟଅତିଥି ଭାବେ ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ,ଅତିଥି ଭାବେ ଉପଜିଲ୍ଲାପାଳ ଅନିଲ କୁମାର ସେଠୀ, ତହସିଲଦାର ଉମାଶଙ୍କର ବେହେରା, ବିଡିଓ ମନ୍ମଥ କୁମାର ନାୟକ, ଏନଏସି ସାଂସଦ ପ୍ରତିନିଧି ସନ୍ତୋଷ ତିଆଡି, ଶାନ୍ତିଲତା ଜେନା, ପ୍ରଭାସିନୀ ପାଣିଗ୍ରାହୀ, ସଚିତ ରାଓ ଏବଂ ସମସ୍ତ କାଉନସିଲର ବୃନ୍ଦ ପ୍ରମୁଖ ମଞ୍ଚାସୀନ ରହି ସହରକୁ ସ୍ୱଚ୍ଛ ଓ ସୁନ୍ଦର ଭାବେ ଗଢ଼ି ତୋଳିବା ପାଇଁ ଏନଏସିର ସମସ୍ତ ବ୍ୟକ୍ତିଙ୍କ ସହଯୋଗ ଓ ସହଭାଗିତାର ଆବଶ୍ୟକତା ରହିଛି ବୋଲି ପ୍ରକାଶ କରିଥିଲେ। ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ମୁରଲିକୃଷ୍ଣ ପଣ୍ଡା ସ୍ୱାଗତ ଭାଷଣ ସହ ବାର୍ଷିକ ବିବରଣୀ ପାଠ କରିଥିଲେ । ହାତୀବନ୍ଧକୁ ଆଗାମୀ ଦିନରେ ଏକ ସୁନ୍ଦର ପାର୍କ ନିର୍ମାଣ ପାଇଁ ଯୋଜନା ରହିଥିବା ବେଳେ ସହର ସର୍ବନିମ୍ନ ସୁବିଧା ଯୋଗାଇବା ପାଇଁ ମାଷ୍ଟର ପ୍ଲାନ୍ ପ୍ରସ୍ତୁତ କରିବା ସହ ଡ୍ରେନେଜ୍ ସିଷ୍ଟମ ସୁଧାରିବାକୁ ଉଦ୍ୟମ ହେଉଥିବା ଶ୍ରୀ ପଣ୍ଡା କହିଥିଲେ । ଭଞ୍ଜନଗର ଏନଏସି କୁ ରାଜ୍ୟର ଶ୍ରେଷ୍ଠ ସହରରେ ପରିଣତ କରିବା ପାଇଁ ସମସ୍ତେ ଏକଜୁଟ ହୋଇ କାମ କରିବାକୁ ଅତିଥି ମାନେ କହିଥିଲେ। ଏହି ଅବସରରେ ବିଭିନ୍ନ ଶିକ୍ଷାନୁଷ୍ଠାନ ପକ୍ଷରୁ ସଙ୍ଗୀତ, ନୃତ୍ୟ ପରିବେଷଣ କରିଥିଲେ। ଏଥିସହ ଏନଏସିର ସଫେଇ କର୍ମଚାରୀଙ୍କୁ ପୋଷାକ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଅଶୋକ କୁମାର ମହାପାତ୍ର ସଂଯୋଜନା କରିଥିଲେ ।ଏଥିରେ ଏନଏସିର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

## ବୃକ୍ଷ ରୋପଣ କାର୍ଯ୍ୟକ୍ରମ

କଳାହାଣ୍ଡି/(ମହାଭାରତ):ଆଜି କଳାହାଣ୍ଡି କରଣ ସମାଜର ମହିଳା ଶାଖା ତରଫରୁ ଭବାନୀପାଟଣା ସ୍ଥିତ ତାରିଣୀ ମନ୍ଦିର ପାଖ ସ୍ମଶାନଘାଟରେ ଏକ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ହୋଇଯାଇଅଛି । ମହିଳା କମିଟିର ସଭାନେତ୍ରୀ ସୁଶ୍ରୀ ସବିତା ପଟ୍ଟନାୟକଙ୍କ ଅଧକ୍ଷତାରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଭବାନୀପାଟଣା ପୌରପାଳିକା ର ନିର୍ବାହୀ ଅଧିକାରୀ ଡା. ସତ୍ୟସମ୍ପର୍ଣ୍ଣଓ ରାଉତ ଉପସ୍ଥିତ ଥିବାବେଳେ କଳାହାଣ୍ଡି କରଣ ସମାଜର ସଭାପତି ରାମ ଶଙ୍କର ଦାସ ଏବଂ ସମ୍ପାଦକ ପ୍ରଦୀପ ପଟ୍ଟନାୟକ ମଧ୍ୟ ଉପସ୍ଥିତ ରହିଥିଲେ । ମହିଳା କମିଟି ର ଅନ୍ୟମାନଙ୍କ ମଧ୍ୟରେ ବସନ୍ତ ପଟ୍ଟନାୟକ, ରଚିତା ମହାନ୍ତି, ଜ୍ୟୋତି ରାଣୀ ଦାସ, ପ୍ରୀତି ପଟ୍ଟନାୟକ, ମମତା ପଟ୍ଟନାୟକ, ସୁପ୍ରଭା ପଟ୍ଟନାୟକ, ନୂପୁର ପଟ୍ଟନାୟକ, ରାଜଶ୍ରୀ ପଟ୍ଟନାୟକ ଏବଂ ଅନ୍ୟାନ୍ୟ ମହିଳା ସଦସ୍ୟାଗଣ ଉପସ୍ଥିତ ରହି ସର୍ବମୋଟ ୩୦ ଗୋଟି ଗଛ ଲଗାଇଥିଲେ।

## ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଆସିକା ୧୯୯୪ ବ୍ୟାଚର ପୂର୍ବତନ ଛାତ୍ରୀମାନଙ୍କ ବନ୍ଧୁମିଳନ ଉତ୍ସବ

ଆସିକା(ମହାଭାରତ): ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଠାରେ ୧୯୯୪ ବେଚର ପୂର୍ବତନ ମାଟ୍ରିକ ଉର୍ତ୍ତୀର୍ଣ୍ଣ କରିଥିବା ଛାତ୍ରିମାନଙ୍କ ବନ୍ଧୁମିଳନ ଉତ୍ସବ ମହା ସମାରୋହରେ ପାଳିତ ହୋଇଥିଲା। ଉକ୍ତ ବନ୍ଧମିଳନର ଆବାହକ ସାଜିଥିଲେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ଶ୍ରୀମତୀ ମିନତି କୁମାରୀ ପାତ୍ର। ଏହି ଉତ୍ସବରେ ପୂର୍ବତନ ମାନ୍ୟଗଣ୍ୟ ଶିକ୍ଷକ ଭାସ୍କର ପ୍ରଧାନ, ଶୁଭଦ୍ରା ମିଶ୍ର ତଥା ମନୋରମା ଷଡଙ୍ଗୀଙ୍କୁ ଆମନ୍ତ୍ରିତ କରାଯାଇଥିଲା। ବିଦ୍ୟାଳୟର ସ୍ମାର୍ଟ ଶ୍ରେଣୀ ୧ ରେ ସମସ୍ତ ପୂର୍ବତନ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ କରାଯାଇଥିଲା। ଜଗତର ନାଥ ଜଗନ୍ନାଥଙ୍କୁ ଶ୍ରୀଯୁକ୍ତ ଭାସ୍କର ପ୍ରଧାନଙ୍କ ଦ୍ୱାରା ପୁଷ୍ପମାଲ୍ୟ ଅର୍ପଣ କରାଯାଇ ପ୍ରଦୀପ ପ୍ରଜ୍ୱଳନ କରାଯାଇ ସଭାକାର୍ଯ୍ୟ ଆରମ୍ଭ କରାଯାଇଥିଲା। ଅତିଥିମାନଙ୍କୁ ଫୁଲତୋଡାସହ ଉପଢୌକନ ପ୍ରଦାନ କରାଯାଇ ସମ୍ମାନିତ କରାଗଲା। ସମସ୍ତ ପୂର୍ବତନ ଛାତ୍ରୀ ନିଜ ନିଜ ଦୈନନ୍ଦିନ କାର୍ଯ୍ୟଶୈଳୀ ଉପରେ ଆଲୋକପାତ କରିଥିଲେ। ବହୁ ଦୂରଦୂରାନ୍ତରୁ ଆସି ନିଜର ବହୁମୂଲ୍ୟ ସମୟ ପ୍ରଦାନ କରିଥିବାରୁ ବିଦ୍ୟାଳୟ ତରଫରୁ ଉଚ୍ଚ ପ୍ରସଂଶା କରାଯାଇଥିଲା। ଶେଷରେ ବିଦ୍ୟାଳୟ ପରିସରର ସମସ୍ତ କଠୋରୀ ବୁଲି ପୂର୍ବତନ ସ୍ମୃତି ଗୁଡିକୁ ମନେପକାଇ ଭାବବିହ୍ୱଳ ହୋଇ ପରସ୍ପରକୁ ଆଲିଙ୍ଗନ କରିଥିଲେ। ପୁରୁଣା ସାଙ୍ଗମାନଙ୍କ ସହ ସମୟ ଅତିବାହିତ କରୁଥିବାରୁ ସମସ୍ତେ ନିଜକୁ ଧନ୍ୟ ମନେକରିଥିଲେ। ଏହି ଉତ୍ସବରେ ବିଦ୍ୟାଳୟର ଶିକ୍ଷୟତ୍ରୀ ଶ୍ରୀମତୀ ବାଣିଶ୍ରୀ ପଣ୍ଡା, ରଶ୍ମିତା ପାତ୍ର, ମିତାଞ୍ଜଳି ପଣ୍ଡା, ମଂଜୁଳା ସ୍ୱାଇଁ, ଲକ୍ଷ୍ମୀ ଦାଶ, ଇନ୍ଦିରା ଦାସ, ଅମିତା ପାତ୍ର, ସୁଶ୍ରୀ ପ୍ରିୟମ୍ବଦା, ପ୍ରଜ୍ଞାପରମିତା ପାତ୍ର ଯୋଗଦାନ କରି ସଫଳ କରାଇଥିଲେ।

## ମୁନିଗୁଡ଼ା ମଣ୍ଡଳ ବିଜେପି ଓବିସି ମୋର୍ଚ୍ଚା ନୂତନ କାର୍ଯ୍ୟକାରୀ କମିଟି ଗଠନ

ମୁନିଗୁଡ଼ା(ମହାଭାରତ): ରାୟଗଡ଼ା ଜିଲ୍ଲା ମୁନିଗୁଡ଼ା ମଣ୍ଡଳ ବିଜେପି ଓବିସି ମୋର୍ଚ୍ଚା ନୂତନ କାର୍ଯ୍ୟକାରୀ କମିଟି ଓ ନୂତନ ସଦସ୍ୟତା ଅଭିଯାନ କାର୍ଯ୍ୟକ୍ରମ ଆଜି ବରିଷ୍ଠ ବିଜେପି ନେତା ମୀନ କେତନ ଗୌଡ଼ଙ୍କ ସଭାପତିତ୍ୱ ଓ ଯୁବ ନେତା ସୁବାସ ଗୌଡ଼ଙ୍କ ସଂଯୋଜନାରେ ସ୍ଥାନୀୟ ସୁଭଦ୍ରା - ଉଦ୍ଧବ ସୌଣ୍ଡିକ ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ରାଜ୍ୟ ବିଜେପି ଓବିଶୀ ମୋର୍ଚ୍ଚା ଉପସଭାପତି ରାମଚନ୍ଦ୍ର ବେହେରା ଉପସ୍ଥିତ ରହି ପ୍ରେରଣାଦାୟୀ ଭାରତ ମାତା ଓ ବିଜେପି ପ୍ରତିଷ୍ଠାତା ପଣ୍ଡିତ ଦିନଦୟାଲଜୀ ଓ ବାଜପେୟୀଜୀଙ୍କ ତୈଳ ଚିତ୍ରରେ ମାଲ୍ୟାର୍ପଣ,ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ବିଜେପି କର୍ମୀମାନେ ସାମୁହିକ ରାଷ୍ଟ୍ର ଗାନ ବନ୍ଦେ ମାତରଂ ଗାନ କରିଥିଲେ। ସଭାପତିତ୍ୱ କରୁଥିବା ଶ୍ରୀଯୁକ୍ତ ଗୌଡ଼ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ।ମୁଖ୍ୟ ଅତିଥି ଶ୍ରୀଯୁକ୍ତ ବେହେରା ସଦସ୍ୟତା ଅଭିଯାନ -୨୦୨୪ ପାଇଁ କେନ୍ଦ୍ରୀୟ କାର୍ଯ୍ୟକାରିଣୀ ଦ୍ୱାରା ନିଆଯାଇଥିବା ନିଷ୍ପତ୍ତି ଓ ଏହାର ଅନୁପାଳନ ଉପରେ ଜୋର ଦେଇଥିଲେ।ପ୍ରତ୍ୟେକ କାର୍ଯ୍ୟକର୍ତ୍ତା ଖାଲି ସଦସ୍ୟତା ଅଭିଯାନ ମଧ୍ୟରେ ସୀମିତ ନରହି ଗ୍ରାମାଞ୍ଚଳରେ ସଦସ୍ୟତା ଅଭିଯାନ ସହ ସାଧାରଣ ଲୋକଙ୍କ ବିଶ୍ୱାସ ଜିତିବା ପାଇଁ ଏବଂ ସେମାନଙ୍କ ଅସୁବିଧା ସବୁକୁ ପ୍ରଶାସନ ନିକଟରେ ପହଞ୍ଚାଇବା ସହିତ ସମସ୍ୟା ସମାଧାନର ବାଟ ପରିଷ୍କାର କରିବାକୁ ଆହ୍ୱାନ ଦେଇଥିଲେ। ପରେ ମୁନିଗୁଡ଼ା ମଣ୍ଡଳ ବିଜେପି ଓବିସି ମୋର୍ଚ୍ଚା ଗଠନ ପାଇଁ ସର୍ବ ସମ୍ମତି ମତ ପ୍ରକାଶ ପାଇଥିଲା। ସର୍ବ ସମ୍ମତିକ୍ରମେ ପଦ୍ମ ବେହେରାଙ୍କୁ ସଭାପତି,ଉପସଭାପତି ଭାବେ ସୁବାସ ଗୌଡ଼ ଓ ସୁବ୍ରତ ପ୍ରଧାନ,ସାଧାରଣ ସମ୍ପାଦକ ଭାବେ ମୀନ ଗୌଡ଼,ସହ ସମ୍ପାଦକ ଭାବେ ଭୀମ ବେହେରା,ନବୀନ ଭୋଲା,ଶଙ୍କର ବେହେରା , ସାହୁ,କୋଷାଧକ୍ଷ ଭାବେ ଭଗବାନ ବଞ୍ଛର ଏବଂ ସହ କୋଷାଧକ୍ଷ ଭାବେ ସରୋଜ ଗୌଡ଼ଙ୍କୁ ମନୋନୀତ କରାଯାଇଥିଲା। ସେହିପରି ଉପଦେଷ୍ଟା ମଣ୍ଡଳୀରେ ବିଜେପି ନେତା ପେଦୀନା ସନ୍ତୋଷ,ନରେନ୍ଦ୍ର ସାହୁକାର,ଭଗବାନ ପାତ୍ର,ରାଜୁ ବେହେରା, ବେଲାଳସେନ୍ ନାଲା,ଚୈତନ୍ୟ ହାତୀ,ଜି ରାଭଣା,ଦଶରଥ ସେନାପତି ଓ ରମେଶ ଗୌଡ଼ଙ୍କୁ ସର୍ବ ସମ୍ମତିକ୍ରମେ କରତାଳି ମଧ୍ୟରେ ମନୋନୀତ କରାଯାଇଥିଲା।ମଣ୍ଡଳର ଆଠଟି ପଞ୍ଚାୟତ ଦାୟିତ୍ୱରେ ଜଣେ ଲେଖାଏଁ କାର୍ଯ୍ୟକାରିଣୀ ପଦାଧିକାରୀଙ୍କ ସହ ପ୍ରଭାରୀ ଘୋଷଣା କରାଯାଇଥିଲା। ମୁନିଗୁଡ଼ା ପଞ୍ଚାୟତ ପାଇଁ ସଭାପତିଙ୍କ ସହ ବାବୁଲା ପାତ୍ର,ମୁନିଖୋଲ ପଞ୍ଚାୟତ ପାଇଁ ସଂପାଦକଙ୍କ ସହ ଭି.ରାବଣା,ପାତ୍ରଗୁଡ଼ା ପାଇଁ ଶଙ୍କର ବେହେରାଙ୍କ ସହ ପ୍ରଫୁଲ୍ଲ ପୂଜାରୀ, ତେଲେଙ୍ଗା ପଦର ପଞ୍ଚାୟତ ପାଇଁ ଉପସଭାପତି ସୁବାସ ଗୌଡ଼ଙ୍କ ସହ ନରେନ୍ଦ୍ର ସାହୁଙ୍କୁ ଦାୟିତ୍ୱ ମିଳିଥିବା ମୁନିଗୁଡ଼ା ବିଜେପି ମଣ୍ଡଳ ତରଫରୁ ଜଣାଯାଏ।

## ସୁଭଦ୍ରା ଯୋଜନା କୁ ନେଇ ବ୍ଲକ ସ୍ତରୀୟ ପ୍ରସ୍ତୁତି ବୈଠକ



ଗଜପତି(ମହାଭାରତ): ମହିଳା ଙ୍କ ଆର୍ଥିକ ସଶକ୍ତିକରଣ ପାଇଁ ରାଜ୍ୟ ସରକାରଙ୍କ ସୁଭଦ୍ରା କାର୍ଯ୍ୟକାରୀକୁ ନେଇ ଗୋଶାଣୀ ବ୍ଲକ ସ୍ତରୀୟ ପ୍ରସ୍ତୁତି ବୈଠକ ବ୍ଲକ ପରିସରରେ ଥିବା ସଭା ଗୃହ ଠାରେ ଅନୁଷ୍ଠିତ ହୋଇଥିଲା। ଗୋଶାଣୀ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅଜୟ କୁମାର ପ୍ରଧାନଙ୍କ ଅଧକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ବୈଠକର ମୂଳ ଲକ୍ଷ୍ୟ ହେଲା ସୁଭଦ୍ରା ଯୋଜନାରେ ଯୋଗ୍ୟ ମହିଳା ହିତାଧିକାରୀ ସଚେତନ ହେବା ସହିତ କିପରି ଏହି ଯୋଜନାରେ ସାମିଲ ହୋଇ ଉପକୃତ ହେବେ ଏବଂ କିପରି କାର୍ଯ୍ୟକାରୀ ହେବ ସେ ଉପରେ ବିଭାଗୀୟ ଅଧିକାରୀ ଯତ୍ନବାନ ହୋଇ କାର୍ଯ୍ୟ କରିବା ପାଇଁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ନିର୍ଦ୍ଦେଶ ଦେଇଥିଲେ। ଏହି ଯୋଜନା ସମ୍ପର୍କରେ ଅଧିକ ଜାଣିବା ପାଇଁ ହିତାଧିକାରୀ ଅଙ୍ଗନବାଡ଼ି କେନ୍ଦ୍ର, ବ୍ଲକ କାର୍ଯ୍ୟାଳୟ, ମୋ ସେବା କେନ୍ଦ୍ର, ଜନ ସେବା କେନ୍ଦ୍ରକୁ ଯାଇ ମାଗଣାରେ ଉପଲବ୍ଧ ଫର୍ମ ପୂରଣ କରି ଆବେଦନ କରି ପାରିବେ ବୋଲି କୁହାଯାଇଛି। ପଞ୍ଚାୟତ ଓ ଗୋଶାଣୀ ବ୍ଲକରେ ଥିବା ବିଭିନ୍ନ ଜନସେବା କେନ୍ଦ୍ରରେ ଆବେଦନ ଫର୍ମ ପୂରଣ କରିପାରିବେ ବୋଲି କୁହାଯାଇଛି। ଏହାର ତଦାରଖ କରିବା ପାଇଁ ପଞ୍ଚାୟତ ସ୍ତରୀୟ କ୍ଲଷ୍ଟର ନୋଡାଲ ଅଧିକାରୀ ନିଯୁକ୍ତି ହୋଇଛନ୍ତି। ଏହି ବୈଠକରେ ପାରଳାଖେମୁଣ୍ଡି ତହସିଲଦାର ନାରାୟଣ ବେହେରା, ଭାରପ୍ରାପ୍ତ ସି ଡି ପି ଓ ସାରଳା ପାତ୍ର, ଜୀ ପି ଓ ଅଶୋକ କୁମାର ପାତ୍ର ଓ ବି ପି ଏମ୍ ସି ଏଚ ତିରୁପତି ପ୍ରମୁଖ ଉପସ୍ଥିତ ଥିଲେ। ସି ଆର ସି,ଏମ୍ ବି କେ, ଅଙ୍ଗନବାଡ଼ି କର୍ମୀଙ୍କୁ ସୁଭଦ୍ରା ଯୋଜନାରେ ସାମିଲ ହେବା ସମ୍ପର୍କିତ ଆବେଦନ ଫର୍ମ କିପରି ପୂରଣ କରିବେ ସେ ନେଇ ପ୍ରଶିକ୍ଷଣ ମଧ୍ୟ ଦିଆଯାଇଥିଲା।

# ପାରାଦୀପ ପୌରପାଳିକା ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ ଓ ସମ୍ବର୍ଦ୍ଧନା ସଭା: ଉଦ୍‌ଘାଟିତ ହେଲା ୩୨ ଟି ପ୍ରକଳ୍ପ



ପାରାଦୀପ,(ମହାଭାରତ) : ସ୍ୱାୟତ୍ତ ଶାସନ ଦିବସ-୨୦୨୪ ପରିପ୍ରେକ୍ଷୀରେ ପାରାଦୀପ ପୌରପାଳିକା ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ ଏବଂ ସମ୍ବର୍ଦ୍ଧନା ସଭା ଶନିବାର ଦିନ ମହା ସମାରୋହରେ ପାଳିତ ହୋଇଯାଇଛି । ସ୍ୱାୟତ୍ତ ଶାସନ ଦିବସ ପରିପ୍ରେକ୍ଷୀରେ ଅଗଷ୍ଟ ୧୦ ରୁ ଅଗଷ୍ଟ ୩୦ ତାରିଖ ପର୍ଯ୍ୟନ୍ତ ଦୀର୍ଘ କୋଡିଏ ଦିନ ଧରି ସମସ୍ତ ୧୯ ଟି ୱାର୍ଡରେ ପୌରାଧକ୍ଷ ବସନ୍ତ ବିଶ୍ୱାଳ ଙ୍କ ନେତୃତ୍ୱରେ ସାମୁହିକ ବସ୍ତି ସଫେଇ, ବୃକ୍ଷ ରୋପଣ ତଥା ଏକକ ବ୍ୟବହୃତ ପ୍ଲାଷ୍ଟିକ ବର୍ଜନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ପାରାଦୀପ ଅଞ୍ଚଳରେ ଥିବା ସମସ୍ତ ମହାପୁରୁଷ ଙ୍କ ପ୍ରତିମୂର୍ତ୍ତୀ ରେ ମାଲ୍ୟାର୍ପଣ କରାଯିବା ସହ ରାମଧୂନ, ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସଚେତନତା ଶୋଭାଯାତ୍ରା, ପୌର କାର୍ଯ୍ୟାଳୟ ରେ ଜାତୀୟ ପତାକା ଉତ୍ତୋଳନ, ଭତ୍ତା ବଣ୍ଟନ,ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏତଦବ୍ୟତୀତ ସମସ୍ତ ୧୯ ଟି ୱାର୍ଡ ରେ ସର୍ବସାଧାରଣ ସ୍ଥାନ ସୌନ୍ଦର୍ଯ୍ୟକରଣ, ଭେଣ୍ଡିଙ୍ଗ ଜୋନ ଗୃହ, ବରିଷ୍ଠ ନାଗରିକ ପାର୍କ ଓ ଶିଶୁ ଉଦ୍ୟାନ, ବସ୍ତି ଉନ୍ନତିକରଣ, ମିଶନ ଶକ୍ତି ଗୃହ, ମୁକ୍ତାକାଶ ବ୍ୟାୟାମ କେନ୍ଦ୍ର, ପୂଜାସ୍ଥଳୀ ଉନ୍ନତିକରଣ, ସମୂହ ରାସ୍ତା ନିର୍ମାଣ, ଗୋଷ୍ଠି ଶୌଚାଳୟ ଓ ଗୋଶାଳା, ଜଳ ନିଷ୍କାସବ କଲଭର୍ଟ, ସଂଯୋଗୀକରଣ ଓ ସମୂହ ରାସ୍ତା ନିର୍ମାଣ, ଭିନ୍ନକ୍ଷମ ଶୌଚାଳୟ, ସର୍ବସାଧାରଣ ପରିସ୍ରାଗାର, ଚିତ୍ତ ବିନୋଦନ କେନ୍ଦ୍ର, ଶିଶୁ କ୍ରୀଡା ଉପକରଣ, ସର୍ବସାଧାରଣ ସୁବିଧା କେନ୍ଦ୍ର, ବେଳାଭୂମି ସୌନ୍ଦର୍ଯ୍ୟକରଣ, ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଗୋଷ୍ଠୀ ଗୃହ, ପର୍ଯ୍ୟଟକ ସୁବିଧା କେନ୍ଦ୍ର, ଅଗ୍ନିରେସନାଲ ଟଏଲେଟ, କଲ୍ୟାଣ ମଣ୍ଡପ ସେବାକେନ୍ଦ୍ର ଇତ୍ୟାଦି ପ୍ରାୟ ୩୨ ପ୍ରକଳ୍ପ ଉଦଘାଟିତ ହୋଇଥିଲା । ସେହିପରି ସନ୍ଧ୍ୟାରେ ସ୍ଥାନୀୟ ଜୟଦେବ ସଦନ ପରିସରରେ ଆୟୋଜିତ ସମାରୋହ ଓ ପୁରସ୍କାର ବିତରଣ ସଭାରେ ରାଜ୍ୟ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପାରାଦୀପ ପୌରପାଳିକା ଦ୍ୱାରା ମିଳିଥିବା ବିଭିନ୍ନ ମୌଳିକ ସୁବିଧା, ବସ୍ତିବାସିନ୍ଦା ଙ୍କ ବିକାଶ,ମହିଳା ସଶକ୍ତିକରଣ ଓ ସ୍ୱାୟତ୍ତ ଶାସନ ଦିବସର ମହତ୍ୱ ଓ ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ବକ୍ତା ଭାବେ ଜଗତସିଂହପୁର ସାଂସଦ ବିଭୁପ୍ରସାଦ ତରାଇ, ସମ୍ମାନିତ ଅତିଥି ଭାବେ ପାରାଦୀପ ବନ୍ଦର ପ୍ରାଧିକରଣ ଅଧ୍ୟକ୍ଷ ପି.ଏଲ.ହରନାଦ, ଜେଏସଡବ୍ଲୁ ପାରାଦୀପ ଟର୍ମିନାଲ ମୁଖ୍ୟ କ୍ୟାପଟେନ ସିଦ୍ଧାର୍ଥ ଶୁକ୍ଳା,ପୂର୍ବତନ ସାଂସଦ ଡା.କୁଳମଣି ସାମଲ, ଗୋଆ କାର୍ବନ ର ସାଧାରଣ ପ୍ରବନ୍ଧକ ବେନୁ ଗୋପାଲ ନାଇଡୁ ପ୍ରମୁଖ ଉପସ୍ଥିତ ରହି ପାରାଦୀପ ପୌରପାଳିକା ପକ୍ଷରୁ ବିଭିନ୍ନ ଲୋକାଭିମୁଖୀ କାର୍ଯ୍ୟ ର ପ୍ରଶଂସା କରିଥିଲେ । ପୌରାଧକ୍ଷ ବସନ୍ତ ବିଶ୍ୱାଳ ଙ୍କ ସଭାପତିତ୍ୱ ରେ ଆୟୋଜିତ ଏହି କାର୍ଯ୍ୟକ୍ରମ ରେ ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା ଅତିଥି ପରିଚୟ ପ୍ରଦାନ କରି ବିବରଣୀ ପାଠ କରିଥିଲେ । ଶେଷରେ ସମାଜ ସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ୨୬ ଟି ସ୍ୱେଚ୍ଛାସେବୀ ଅନୁଷ୍ଠାନ କୁ ସମ୍ବର୍ଦ୍ଧିତ ଓ ସମ୍ମାନିତ କରାଯାଇଥିଲା । ଏହି ଅବସରରେ ସ୍ଥାନୀୟ କାର୍ଯ୍ୟରତ ସାମ୍ବାଦିକ ମାନଙ୍କ ଦ୍ୱାରା ପ୍ରତିଷ୍ଠିତ ପରିବେଶ ଧର୍ମୀ ସଂଗଠନ ଗ୍ରୀନ ପାରାଦୀପ ଟ୍ରଷ୍ଟ ପକ୍ଷରୁ ସଂଗଠନର ସଭାପତି ରାକେଶ ପଟ୍ଟନାୟକ ଙ୍କ ନେତୃତ୍ୱରେ ସମସ୍ତ ଅତିଥି ମାନଙ୍କୁ ବୃକ୍ଷ ଚାରା ପ୍ରଦାନ କରାଯିବା ସହ ମାନପତ୍ର ଦିଆଯାଇଥିଲା ।

# କୋର୍ଟରେ ପଡ଼ି ରହିଥିବା ଦୁଷ୍କର୍ମ ମାମଲା ଓ ଶୁଣାଣିରେ ବିଳମ୍ବ ହେବା ନ୍ୟାୟପାଳିକା ପାଇଁ ବଡ଼ ଚ୍ୟାଲେଞ୍ଜ: ରାଷ୍ଟ୍ରପତି

**ନୂଆଦିଲ୍ଲୀ,୧/୯ :** ଜଣେ ନ୍ୟାୟ ପାଇବା ବେଳକୁ ତାଙ୍କର ହସ ସମ୍ଭବତଃ ଲିଭି ଯାଇଥିବ। ତାଙ୍କ ଜୀବନ ସରି ଯାଇଥିବ। ଆମକୁ ଅତ୍ୟନ୍ତ ବ୍ୟାପକ ଓ ଗଭୀର ଭାବେ ଏହାକୁ ଦେଖିବାକୁ ପଡ଼ିବ ବୋଲି ରାଷ୍ଟ୍ରପତି ମୁର୍ମୁ କହିଛନ୍ତି। ବିଚାର ପାଇଁ ପଡ଼ି ରହିଥିବା ମାମଲା ଓ ଶୁଣାଣିରେ ବିଳମ୍ବ ହେବା ନ୍ୟାୟପାଳିକା ପାଇଁ ଗୋଟିଏ ବଡ଼ ଚ୍ୟାଲେଞ୍ଜ ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି। ଏଥିସହ ସେ ଉଚିତ ନ୍ୟାୟ ଉପରେ ଗୁରୁତ୍ୱ ଦେଇଛନ୍ତି। ବିଶେଷ କରି ସେ ଦୁଷ୍କର୍ମ ମାମଲା ଗୁଡ଼ିକ ଉପରେ ଫୋକସ କରିଛନ୍ତି। ଏଥିସହ କୋର୍ଟରେ ପଡ଼ି ରହିଥିବା ଦୁଷ୍କର୍ମ ମାମଲାକୁ ନେଇ ମଧ୍ୟ ସେ ଚିନ୍ତା ପ୍ରକଟ କରିଛି। ଦୁଇ ଦିନିଆ ଜିଲ୍ଲାସ୍ତରୀୟ ନ୍ୟାୟପାଳିକାର ଜାତୀୟ ସମ୍ମିଳନୀରେ ସମ୍ବୋଧନ କରି ରାଷ୍ଟ୍ରପତି ମୁର୍ମୁ କହିଛନ୍ତି, "ଦୁଷ୍କର୍ମ ଭଳି ମାମଲାରେ ଯେତେବେଳେ କୋର୍ଟଙ୍କ ରାୟ ଗୋଟିଏ ପଢ଼ି ପରେ ପାରିତ ହେଉଛି ସେତେବେଳେ ସାଧାରଣ ଲୋକ ଭାବୁଛନ୍ତି ଯେ ନ୍ୟାୟ ପ୍ରଦାନ ପ୍ରକ୍ରିୟା ଅତ୍ୟନ୍ତ ଅସମ୍ବେଦନଶୀଳ।" ରାଷ୍ଟ୍ରପତି ମୁର୍ମୁଙ୍କ କହିବା କଥା ଗାଁରେ ଲୋକମାନେ ନ୍ୟାୟପାଳିକାକୁ ଭଗବାନ ବୋଲି ବିବେଚନା କରନ୍ତି। କାରଣ ସେମାନେ ନ୍ୟାୟପାଳିକାରୁ ନ୍ୟାୟ ପାଆନ୍ତି। କଥାରେ ଅଛି ଭଗବାନଙ୍କ ଘର ବିଳମ୍ବ ହୋଇପାରେ, କିନ୍ତୁ ଅନ୍ଧକାର ନୁହେଁ। କିନ୍ତୁ ବିଳମ୍ବ କେତେ ହୋଇପାରେ ? ଏହା କେତେ ଲମ୍ବା ? ଏହା ଉପରେ ଆମକୁ ଚିନ୍ତା କରିବାକୁ ପଡ଼ିଛି। ଜଣେ ନ୍ୟାୟ ପାଇବା ବେଳକୁ ତାଙ୍କର ହସ ସମ୍ଭବତଃ ଲିଭି ଯାଇଥିବ। ତାଙ୍କ ଜୀବନ ସରି ଯାଇଥିବ। ଆମକୁ ଅତ୍ୟନ୍ତ ବ୍ୟାପକ ଓ



ଲୋକମାନେ ବେଧଡ଼କ ବାହାରେ ବୁଲୁଛନ୍ତି। ହେଲେ ପୀଡ଼ିତା ଭୟରେ ରହୁଛନ୍ତି। ଏ କ୍ଷେତ୍ରରେ ମହିଳାମାନଙ୍କ ସ୍ଥିତି ଆହୁରି ଖରାପ। ଗୋଟିଏ ସଭ୍ୟ ସମାଜ କେବେ ହେଲେ ଏହାକୁ ସମର୍ଥନ କରେନାହିଁ ବୋଲି ସେ

ଗଭୀର ଭାବେ ଏହାକୁ ଦେଖିବାକୁ ପଡ଼ିବ ବୋଲି ରାଷ୍ଟ୍ରପତି ମୁର୍ମୁ କହିଛନ୍ତି। ସେ ଆହୁରି କହିଛନ୍ତି ଯେ ମାମଲାର ଶୁଣାଣି ବେଳେ ହେଉଥିବା ସ୍ଥଗିତ ପରାମ୍ପରାକୁ ବଦଳାଇବା ପାଇଁ ସବୁ ପ୍ରକାରର ପଦକ୍ଷେପ ନେଇ ତ୍ୱରିତ ନ୍ୟାୟ ଉପରେ ଫୋକସ କରାଯିବା ଦରକାର। ଦୁଃଖର କଥା ହେଉଛି ଯେ କିଛି ମାମଲାରେ ଅପରାଧ ଘଟାଇବା ପରେ କହିଛନ୍ତି। ଭାରତ ମଣ୍ଡପରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସହ ପ୍ରଧାନ ବିଚାରପତି ଜଷ୍ଟିସ ଡିୱାଇ ଚନ୍ଦ୍ରଚୂଡ଼ ଓ କେନ୍ଦ୍ର ଆଇନ ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ) ଅର୍ଜୁନ ରାମ ମେଘୱାଲ ମଧ୍ୟ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ସୁପ୍ରିମକୋର୍ଟର ଗୋଟିଏ ପତାକା ରିଲିଜ କରିଛନ୍ତି।

# ଘୁଞ୍ଚିଲା ହରିୟାଣା ବିଧାନସଭା ନିର୍ବାଚନ ତାରିଖ

**ଚଣ୍ଡୀଗଡ଼,୧/୯ :** ନିର୍ବାଚନ କମିସନ ଆଜି ହରିୟାଣା ବିଧାନସଭା ନିର୍ବାଚନ ତାରିଖ ଘୁଞ୍ଚାଇଛନ୍ତି। ଅକ୍ଟୋବର ୧ ତାରିଖ ବଦଳରେ ହରିୟାଣାରେ ଅକ୍ଟୋବର ୫ ତାରିଖରେ ଭୋଟ୍ ଗ୍ରହଣ ହେବ ଏବଂ ଅକ୍ଟୋବର ୪ ତାରିଖ ବଦଳରେ ଅକ୍ଟୋବର ୮ ତାରିଖରେ ଭୋଟ୍ ଗଣତି ହେବ। ଅନ୍ୟପକ୍ଷେ ଜମ୍ମୁ କାଶ୍ମୀରରେ ନିର୍ବାଚନ ତାରିଖରେ କୌଣସି ପରିବର୍ତ୍ତନ ହୋଇନଥିଲେ ମଧ୍ୟ ଅକ୍ଟୋବର ୪ ବଦଳରେ ଅକ୍ଟୋବର ୮ ତାରିଖରେ ହିଁ ଭୋଟ୍ ଗଣତି ହେବ ବୋଲି ନିର୍ବାଚନ କମିସନ ଆଜି ଏକ ବିଜ୍ଞପ୍ତି ଜାରି କରିଛନ୍ତି। ବିଜ୍ଞପ୍ତିରେ କୁହାଯାଇଛି ଯେ ବିଷ୍ଣୋଇ ସମ୍ପ୍ରଦାୟର ଭୋଟିଂ ଅଧିକାର ଏବଂ ପରମ୍ପରାକୁ ସମ୍ମାନ ଦେଇ ଏହି ନିଷ୍ପତ୍ତି ନିଆଯାଇଛି। ବିଷ୍ଣୋଇ ସମ୍ପ୍ରଦାୟ ସେମାନଙ୍କ ଗୁରୁ ଜମ୍ଭେଶ୍ୱରଙ୍କ ସମ୍ମାନରେ ଆସୋଜ ଅମାବାସ୍ୟା ଉତ୍ସବ ପାଳନ କରନ୍ତି। ଏହି ଉତ୍ସବରେ ଯୋଗ ଦେବାପାଇଁ ବିଷ୍ଣୋଇ ସମ୍ପ୍ରଦାୟର ଅନେକ ଲୋକ ହରିୟାଣାରୁ



ରାଜସ୍ଥାନକୁ ଯାଆନ୍ତି। ତେଣୁ ଅକ୍ଟୋବର ୧ ତାରିଖରେ ଭୋଟ୍ ହେଲେ ସେମାନଙ୍କ ଭୋଟ୍ ଦେବାରେ ବାଧା ଉପୁଯିବ ଏବଂ ଭୋଟ୍ ପ୍ରତିଶତ ହାର କମିଯିବ। ନିର୍ବାଚନ କମିସନ କହିଛନ୍ତି ଏ ସଂକ୍ରାନ୍ତରେ ଜାତୀୟ ରାଜନୈତିକ ଦଳ, ରାଜ୍ୟ ରାଜନୈତିକ ଦଳ ଏବଂ ସର୍ବ ଭାରତୀୟ ବିଷ୍ଣୋଇ ମହାସଭାର ମତାମତ ଗ୍ରହଣ କରାଯାଇଥିଲା। ଉଲ୍ଲେଖଯୋଗ୍ୟ, ଚଳିତ ବର୍ଷ ଆସୋଜ ଅମାବାସ୍ୟ ଅକ୍ଟୋବର ୨ ତାରିଖରେ ପଡୁଛି ଏବଂ ସିର୍ସା, ଫତେହାବାଦ ଏବଂ ହିସାରରେ ରହୁଥିବା ହଜାର ହଜାର ବିଷ୍ଣୋଇ ପରିବାର ଏହି ଦିନ ରାଜସ୍ଥାନକୁ ଯିବେ। ଫଳରେ ସେମାନେ ଭୋଟ୍ ଦେଇପାରିବେ ନାହିଁ। ଉଲ୍ଲେଖଯୋଗ୍ୟ, ପୂର୍ବରୁ ବିଜେପି ମଧ୍ୟ ନିର୍ବାଚନ କମିସନଙ୍କ ଦ୍ୱାରସ୍ଥ ହୋଇଥିଲା। ଭୋଟ୍ ପୂର୍ବଦିନ ଏବଂ ପରଦିନ ଛୁଟି ଥିବାରୁ ଭୋଟ ପ୍ରତିଶତ ହାର କମିଯିବ କହି ନିର୍ବାଚନ ଘୁଞ୍ଚାଇବାକୁ ବିଜେପି କମିସନଙ୍କ ଦ୍ୱାରସ୍ଥ ହୋଇଥିଲା।

# ଇଣ୍ଡିଗୋ ବିମାନରେ ବୋମା ଆତଙ୍କ

**ନୂଆଦିଲ୍ଲୀ,୧/୯ :** ଜବଲପୁରରୁ ହାଇଦ୍ରାବାଦ ଅଭିମୁଖେ ଯାଉଥିବା ଇଣ୍ଡିଗୋର ୬-ଇ-୭୩୦୮ ବିମାନରେ ବୋମା ଥିବା ଧମକ ମିଳିଛି। ଏହା ପରେ ବିମାନଟି ଶୀଘ୍ର ନାଗପୁରରେ ଅବତରଣ କରିଥିଲା। ସମସ୍ତ ଯାତ୍ରୀଙ୍କୁ ବିମାନରୁ ବାହାର କରାଯାଇଥିଲା। ଏହାପୂର୍ବରୁ, ଅଗଷ୍ଟ ୨୨ରେ, ଏୟାର ଇଣ୍ଡିଆ ବିମାନରେ ବୋମା ଧମକ ମିଳିଥିଲା। ଧମକ ମିଳିବାର ବାର୍ତ୍ତା ମଧ୍ୟ ଅନନ୍ୟ ଥିଲା। ବିମାନର ୱାଶରୁମର ଟିସୁ ପେପରରେ 'ବିମାନରେ ବୋମା ଅଛି ଲେଖାଥିବା ଏକ ବାର୍ତ୍ତା ଦେଖିବାକୁ ମିଳିଥିଲା। ଏୟାରଲାଇନ୍ ଅନୁଯାୟୀ, ବୋମା ଧମକ ଯୋଗୁଁ ଜବଲପୁରରୁ ହାଇଦ୍ରାବାଦ ଅଭିମୁଖେ ଉଡାଣ କରୁଥିବା ଇଣ୍ଡିଗୋ ବିମାନ ନମ୍ବର ୬-ଇ-୭୩୦୮କୁ ନାଗପୁରକୁ ଅବତରଣ କରିବା ପାଇଁ ପଠାଯାଇଥିଲା। ଅବତରଣ କରିବା ପରେ ସମସ୍ତ ଯାତ୍ରୀଙ୍କୁ ସୁରକ୍ଷିତ ଭାବେ ବାହାର କରାଯାଇଥିଲା। ଯାତ୍ରୀମାନଙ୍କୁ ସହାୟତା ଏବଂ ସୂଚନା ପ୍ରଦାନ କରାଯାଇଥିଲା। ତେବେ ଯାଞ୍ଚରେ କେ ?ଣସି ସନ୍ଦେହ ପଦାର୍ଥ ମିଳି ନ ଥିଲା। ଏହି ସମୟରେ ଇଣ୍ଡିଗୋ ଏହାର ଅଫିସିଆଲ୍ ଏକ୍ସ ଆକାଉଣ୍ଟରେ କହିଥିଲା ଯେ ରବିବାର ସକାଳେ ହାଇଦ୍ରାବାଦରେ ପ୍ରବଳ ବର୍ଷା ଯୋଗୁ ବିମାନ କାର୍ଯ୍ୟସୂଚୀ ପ୍ରଭାବିତ ହୋଇପାରେ। ରାସ୍ତା ଜଳମଗ୍ନ ହୋଇପାରେ। ଦୟାକରି ଆପଣଙ୍କର ଉଡ଼ାଣ ସ୍ଥିତି ଉପରେ ନଜର ରଖନ୍ତୁ। ବିମାନ ବନ୍ଦରକୁ ଯାତ୍ରା ପାଇଁ ଆଗୁଆ ଆସନ୍ତୁ। ନିକଟ ଅତୀତରେ ବିମାନ ବନ୍ଦର ଏବଂ ଡାକ୍ତରଖାନାକୁ ମିଥ୍ୟା ଧମକ ଦେବା ଘଟଣା ବଢ଼ି ଚାଲିଛି। ଜୁନ୍ ୧୮ ରେ, ଜୟପୁର, ଚେନ୍ନାଇ ଏବଂ ବାରାଣସୀ ସମେତ ୪୧ ବିମାନବନ୍ଦରକୁ ଇମେଲ ମାଧ୍ୟମରେ ବୋମା ଧମକ ମିଳିଥିଲା । ଏହା ପରେ ଅନେକ ଘଣ୍ଟା ଧରି ପୁଙ୍ଖାନୁପୁଙ୍ଖ ଅନୁସନ୍ଧାନ କରାଯାଇଥିଲା, କିନ୍ତୁ ସମସ୍ତ ଧମକ ମିଥ୍ୟା ବୋଲି ଜଣାପଡ଼ିଥିଲା।

# ଦଳରୁ ଇସ୍ତଫା ଦେଲେ ଆସାମ ଟିଏମସି ସଭାପତି

**ଗୌହାଟୀ,୧/୯ :** ଆସାମ ଟିଏମସି(ତୃଣମୂଳ କଂଗ୍ରେସ) ସଭାପତି ରିପୁନ ବୋରା ରବିବାର ଦଳରୁ ଇସ୍ତଫା ଦେଇଛନ୍ତି। ସେ ଦାବି କରିଛନ୍ତି ଯେ ଉତ୍ତର-ପୂର୍ବ ରାଜ୍ୟବାସୀ ଏହାକୁ ପଶ୍ଚିମବଙ୍ଗର ଏକ 'ଆଞ୍ଚଳିକ ଦଳ' ଭାବରେ ବିବେଚନା କରୁଛନ୍ତି ଏବଂ ଏହାକୁ ନିଜର ବୋଲି ଗ୍ରହଣ କରିବାକୁ ପ୍ରସ୍ତୁତ ନୁହଁନ୍ତି। ଅଲ୍ ଇଣ୍ଡିଆ ତୃଣମୂଳ କଂଗ୍ରେସ (ଟିଏମସି) ସାଧାରଣ ସମ୍ପାଦକ ଅଭିଷେକ ବାନାର୍ଜୀଙ୍କୁ ଦୁଇ ପୃଷ୍ଠାର ଚିଠି ଲେଖି ରିପୁନ୍ ବୋରା ଇସ୍ତଫା ଦେଇଛନ୍ତି। ବୋରା ତାଙ୍କ ଇସ୍ତଫା ପତ୍ରରେ କହିଛନ୍ତି ଯେ ଆସାମ ଟିଏମସିର ଅନେକ ସମ୍ଭାବନା ଅଛି, କିନ୍ତୁ ଟିଏମସିକୁ ପଶ୍ଚିମବଙ୍ଗର ଏକ ଆଞ୍ଚଳିକ ଦଳ ଭାବେ ଗ୍ରହଣ କରାଯିବା ସହିତ ଅନେକ ସମସ୍ୟା ଆମ ପ୍ରଗତିରେ ବାଧା ସୃଷ୍ଟି କରିଛି। ପୂର୍ବତନ ରାଜ୍ୟସଭା ସଦସ୍ୟ ବୋରା କହିଛନ୍ତି ଯେ ଆସାମରେ ଟିଏମସି ଗ୍ରହଣୀୟ ହେବା ପାଇଁ ସେ ଦଳର ସୁପ୍ରିମୋ ତଥା ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ



ଅନେକ ପରାମର୍ଶ ଦେଇଛନ୍ତି, କିନ୍ତୁ ତାହା କାର୍ଯ୍ୟକାରୀ କରାଯାଇ ନାହିଁ। ସେ ଦାବି କରିଛନ୍ତି ଯେ ଟିଏମସି ପାଇଁ ଜାତୀୟ ସ୍ତରରେ ଜଣେ ଆସାମୀୟ ନେତାଙ୍କ ଆବଶ୍ୟକତା ସହ କୋଲକାତାର ଟଲିଗୁଞ୍ଜରେ ଭାରତ ରତ୍ନ ଡ଼. ଭୁପେନ ହଜାରିକାଙ୍କ ବାସଭବନକୁ ଏକ ଐତିହ୍ୟ ସ୍ଥଳ ଭାବରେ ଘୋଷଣା କରିବା ପାଇଁ ପରାମର୍ଶ ଦେଇଥିଲେ । କିନ୍ତୁ କିଛି ବି ହେଲା ନାହିଁ । ଆସାମର ପୂର୍ବତନ ମନ୍ତ୍ରୀ ବୋରା କହିଛନ୍ତି ଯେ ଗତ ଦେଢ଼ ବର୍ଷ ମଧ୍ୟରେ ଆମର ମୁଖ୍ୟ ମମତା ଦିଦିଙ୍କ ସହ ଏକ ବୈଠକ କରିବାକୁ ବାରମ୍ବାର ଚେଷ୍ଟା କରିବା ସତ୍ତ୍ୱେ ମୁଁ ବିଫଳ ହୋଇଛି। ବୋରା କହିଛନ୍ତି ଯେ ସେ ଦୁଇ ବର୍ଷରୁ ଅଧିକ ସମୟ ଧରି ଆସାମ ଟିଏମସି ରାଜ୍ୟ ସଭାପତି ଭାବରେ କାର୍ଯ୍ୟ କରିଛନ୍ତି ଏବଂ ଏହି ସମୟ ମଧ୍ୟରେ ସେ ସାରା ରାଜ୍ୟରେ ଲୋକଙ୍କ ସହ ଯୋଗାଯୋଗ କରିଛନ୍ତି।

# ପୁଣି ବଢ଼ିଲା ଏଲପିଜି ସିଲିଣ୍ଡର ଦର

**ନୂଆଦିଲ୍ଲୀ,୧/୯ :** ଉପଭୋକ୍ତାଙ୍କ ଉପରେ ପୁଣି ମହଙ୍ଗା ମାଡ଼ ହୋଇଛି। ତେ ?ଳ କମ୍ପାନୀଗୁଡିକ ୧୯ କିଲୋଗ୍ରାମ ବ୍ୟବସାୟିକ ଗ୍ୟାସ ସିଲିଣ୍ଡରର ମୂଲ୍ୟ ବୃଦ୍ଧି କରିଛନ୍ତି। ସଂଶୋଧିତ ହାର ଅନୁଯାୟୀ ୧ ସେପ୍ଟେମ୍ବରଠାରୁ ବ୍ୟବସାୟିକ ଗ୍ୟାସ ସିଲିଣ୍ଡରର ଦରରେ ୩୯ ଟଙ୍କା ବୃଦ୍ଧି କରାଯାଇଛି। ଏଭଳି ପରିସ୍ଥିତିରେ, ବର୍ତ୍ତମାନ



ସେପ୍ଟେମ୍ବର ୧ ରୁ ୧୯ କିଲୋଗ୍ରାମ ବ୍ୟବସାୟିକ ଗ୍ୟାସ ସିଲିଣ୍ଡର ବର୍ଦ୍ଧିତ ଦରରେ ଉପଲବ୍ଧ ହେବ। ତେବେ କମ୍ପାନୀଗୁଡିକ ୧୪ କିଲୋଗ୍ରାମ ଘରୋଇ ଗ୍ୟାସ ସିଲିଣ୍ଡରର ଦରରେ କୌଣସି ପରିବର୍ତ୍ତନ କରିନାହାନ୍ତି। ଆଇଓସିଏଲ୍ ୱେବସାଇଟ୍ ଅନୁଯାୟୀ, ବ୍ୟବସାୟିକ ଏଲପିଜି ସିଲିଣ୍ଡରର ଦର ବୃଦ୍ଧି ସେପ୍ଟେମ୍ବର ୧ ତାରିଖରୁ କାର୍ଯ୍ୟକାରୀ ହୋଇଛି। ଦିଲ୍ଲୀରେ ବ୍ୟବସାୟିକ ଏଲପିଜି ସିଲିଣ୍ଡରର ଦର ୧୬୯୧.୫୦ ଟଙ୍କା ରହିଛି। ମୁମ୍ବାଇରେ ଏହାର ମୂଲ୍ୟ ୧୬୪୪ଟଙ୍କା ହୋଇଛି । ଏହାପୂର୍ବରୁ ଏହି ସିଲିଣ୍ଡର ମୁମ୍ବାଇରେ ୧୬୦୫ ଟଙ୍କାରେ ଉପଲବ୍ଧ ଥିଲା। କୋଲକାତାରେ ଏହି ସିଲିଣ୍ଡରର ମୂଲ୍ୟ ୧୭୬୪.୫୦ ରୁ ୧୮୦୨.୫୦ଟଙ୍କାକୁ ବୃଦ୍ଧି ପାଇଛି। ଚେନ୍ନାଇରେ ଏହି ସିଲିଣ୍ଡର ବର୍ତ୍ତମାନ ୧୮୫୫ ଟଙ୍କାରେ ଉପଲବ୍ଧ ହେଉଛି। ଏହାପୂର୍ବରୁ ଚେନ୍ନାଇରେ ୧୯ କିଲୋଗ୍ରାମ ସିଲିଣ୍ଡର ୧୮୧୭ ଟଙ୍କାରେ ବିକ୍ରି ହେଉଥିଲା। ସୂଚନା ?ଯୋଗ୍ୟ, ଅଗଷ୍ଟ ମାସରେ ଏଲପିଜି ଗ୍ୟାସର ମୂଲ୍ୟ ବୃଦ୍ଧି କରାଯାଇଥିଲା। ସେତେବେଳେ କମ୍ପାନୀଗୁଡିକ ଏହାର ଦର ୮.୫୦ ଟଙ୍କା ବୃଦ୍ଧି କରିଥିଲେ କିନ୍ତୁ ଏଥର ଏହାକୁ ୩୯ ଟଙ୍କା ବୃଦ୍ଧି କରିଛନ୍ତି। ଏହାପୂର୍ବରୁ ଜୁଲାଇ ମାସରେ କମ୍ପାନୀଗୁଡିକ ୧୯ କିଲୋଗ୍ରାମ ଗ୍ୟାସ ସିଲିଣ୍ଡରର ଦର ୩୦ ଟଙ୍କା ହ୍ରାସ କରିଥିଲେ। ଫଳରେ ଦିଲ୍ଲୀରେ ଏହାର ଦର ୧୬୪୬ ଟଙ୍କା ହୋଇଥିଲା।

# ଗାଜାରୁ ୬ ବନ୍ଧକଙ୍କ ମୃତଦେହ ଉଦ୍ଧାର

**ଗାଜା,୧/୯ :** ଇସ୍ରାଏଲର ସୁରକ୍ଷା ବାହିନୀ ଗାଜାରୁ ୬ ଜଣ ବନ୍ଧକଙ୍କ ମୃତଦେହ ଉଦ୍ଧାର କରିଛନ୍ତି। ମୃତକଙ୍କ ମଧ୍ୟରେ ଆମେରିକାର ନାଗରିକ ହର୍ଶ ଗୋଲ୍ଡବର୍ଗ ପୋଲିନ୍ ମଧ୍ୟ ରହିଛନ୍ତି। ଇସ୍ରାଏଲ ସେନା କହିଛି ଯେ, ଗାଜା ସହରର ରାଫା ସହରର ଏକ ଟନେଲରୁ ବନ୍ଧକମାନଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତକଙ୍କ ନାମ ଆଡେନ ୟେରୁଶାଲମି (୨୪), କର୍ମିଲ ଗାଟ (୩୯), ଆଲମୋଗ ସାରୁସି (୨୬), ଆଲେକ୍ସ ଲୁବନୋଭ (୩୨) ଏବଂ ଓରି ଡାନିନୋ (୨୫) ବୋଲି ଜଣାପଡିଛି। ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ ନିଶ୍ଚିତ କରିଛନ୍ତି ଯେ ଆମେରିକାର ନାଗରିକ ହର୍ଶ ଗୋଲ୍ଡବର୍ଗ ପୋଲିନଙ୍କ ମୃତଦେହ ମଧ୍ୟ ଇସ୍ରାଏଲ ସେନା ଦ୍ୱାରା ମିଳିଥିବା ଶବ ମଧ୍ୟରେ ଅଛି। ବାଇଡେନ ଏକ ବିବୃତ୍ତିରେ କହିଛନ୍ତି ଯେ ରାଫାର ଟନେଲରେ ୬ ଜଣ ବନ୍ଧକଙ୍କ ମୃତଦେହ ମିଳିଛି। ଆମେ ନିଶ୍ଚିତ କରିପାରୁ ଯେ ଶବ ମଧ୍ୟରୁ ଗୋଟିଏ ହେଉଛି ଆମେରିକାର ନାଗରିକ ହର୍ଶ ଗୋଲ୍ଡବର୍ଗ ପୋଲିନ୍। ଗତ ବର୍ଷ ଅକ୍ଟୋବର ୭ରେ ହୋଇଥିବା ଆକ୍ରମଣରେ ୨୩ ବର୍ଷର ଗୋଲ୍ଡବର୍ଗଙ୍କୁ ବନ୍ଧକ କରାଯାଇଥିଲା। ହମାସ ଆତଙ୍କବାଦୀମାନେ ସମୁଦାୟ ୨୫୧ ଜଣଙ୍କୁ ବନ୍ଧକ ରଖିଥିଲେ, ଯେଉଁଥିରୁ ନିକଟରେ ହୋଇଥିବା ଅସ୍ତ୍ରବିରତି ସମୟରେ ୧୦୦ରୁ ଅଧିକ ବନ୍ଧକଙ୍କୁ ମୁକ୍ତ କରାଯାଇଥିଲା। ନିକଟରେ ଗୋଲ୍ଡବର୍ଗଙ୍କ ପରିବାର ମଧ୍ୟ ଡେମୋକ୍ରାଟିକ୍ ନ୍ୟାସନାଲ କନକ୍ଲେଭରେ ଯୋଗ ଦେଇଥିଲେ ଏବଂ ତାଙ୍କ ମା' ମଞ୍ଚରୁ ଜନତାଙ୍କୁ ସମ୍ବୋଧିତ କରିଥିଲେ। ଅକ୍ଟୋବର ୭ରେ ଏକ ସଂଗୀତ ମହୋତ୍ସବରେ ହର୍ଶ ଅପହରଣ କରାଯାଇଥିଲା। ନିକଟରେ, ଏପ୍ରିଲ ୨୪ରେ, ହର୍ଶ ଏବଂ ଅନ୍ୟ ବନ୍ଧୁକଧାରୀଙ୍କ ଏକ ଭିଡିଓ ସାମ୍ନାକୁ ଆସିଥିଲା, ଯେଉଁଥିରେ ଆତଙ୍କବାଦୀମାନେ ଏକ ଗାଡିରେ ବନ୍ଧକମାନଙ୍କୁ ହାତ ଗୋଡ଼ରେ ବାନ୍ଧି ନେଉଥିଲେ। ଏହି ବନ୍ଧକମାନଙ୍କ ମଧ୍ୟରେ ହର୍ଶ ଗୋଲ୍ଡବର୍ଗ ମଧ୍ୟ ଥିଲେ। ଇସ୍ରାଏଲ୍ ପ୍ରତିରକ୍ଷା ବାହିନୀ (ଆଇଡିଏଫ୍) ମୁଖପାତ୍ର ରିୟର ଆଡମିରାଲ ଡାନିଏଲ ହାଗରୀ ଟାଇମ୍ସ ଅଫ୍ ଇସ୍ରାଏଲକୁ କହିଛନ୍ତି ଯେ ଦକ୍ଷିଣ ଗାଜାର ରାଫାରୁ ଉଦ୍ଧାର ହୋଇଥିବା ୬ ଜଣ ବନ୍ଧକଙ୍କୁ ଆଇଡିଏଫ୍ ସୈନ୍ୟ ପହଞ୍ଚିବାର କିଛି ସମୟ ପୂର୍ବରୁ ହମାସ ଦ୍ୱାରା ଅତି ନିର୍ମମ ଭାବରେ ହତ୍ୟା କରାଯାଇଥିଲା ।

# ବାଲିଚନ୍ଦ୍ରପୁର କଲେଜ୍‌ରେ ନୂତନ ଅଧକ୍ଷଙ୍କ ଦାୟିତ୍ୱ ଗ୍ରହଣ



**ବଡଚଣା,(ମହାଭାରତ) :** ଯାଜପୁର ଜିଲ୍ଲାର ବଡଚଣା ବ୍ଲକ ଅନ୍ତର୍ଗତ ୩୧.୮ ୨୦୨୪ ତାରିଖ ଦିନ ଶ୍ୟାମସୁନ୍ଦର୍ ପଲେଇ ବରିଷ୍ଠ ପ୍ରାଧ୍ୟାପକ ଗଣିତ ବିଭାଗ ସାହାସପୁର ମହାବିଦ୍ୟାଳୟ, ବାଲିଚନ୍ଦ୍ରପୁର ର ନୂତନ ଅଧକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି ।ସେ ହେଉଛନ୍ତି କଲ୍ୟାଣ ପୁର ନିବାସୀ ବିଶିଷ୍ଟ ଗଣିତ ଶିକ୍ଷକ ସ୍ୱର୍ଗତ ବାବାଜୀ ଚରଣ ପଲେଇ ଙ୍କ ସୁପୁତ୍ର ।ତାଙ୍କ ପ୍ରତିକ୍ରିୟାରେ ସେ କଲେଜ ର ଶାନ୍ତି ଶୃଙ୍ଖଳା ସହିତ ଶିକ୍ଷାଦାନ କରିବେ ବୋଲି ପ୍ରକାଶ କରିଛନ୍ତି ।ଦାୟିତ୍ୱ ଗ୍ରହଣ ସମୟରେ ବିଦାୟ ଅଧକ୍ଷ ପ୍ରାଧ୍ୟାପକ ପ୍ରତାପ କୁମାର ସାହୁ,ପରିଚାଳନା କମିଟି ସଭାପତି ଶ୍ରୀଯୁକ୍ତ ମହେଶ୍ୱର ଜେନା, ପୂର୍ବତନ ଅଧକ୍ଷ ପ୍ରାଧ୍ୟାପକ ଦିଲୀପ କୁମାର ସାମଲ ଓ କଲେଜ ଅଧ୍ୟାପକ, ଅଧ୍ୟାପିକାଙ୍କ ସହିତ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ ।

# ସମାଜସେବୀଙ୍କ ପରଲୋକ

**ବାଣପୁର(ମହାଭାରତ) :** ଅଞ୍ଚଳର ବିଶିଷ୍ଟ ସମାଜସେବୀ,ବାଣପୁର ସତସଙ୍ଗ ବିହାରର ସଭାପତି ତଥା ଏଏନଆଇ ର ସାମ୍ବାଦିକ ଓ ଆଇନଜୀବୀ ସୀତାରାମ ଅଗ୍ରୱାଲଙ୍କ ବଡ଼ ଦାଦା ଗୋବିନ୍ଦ ପ୍ରସାଦ ଅଗ୍ରୱାଲଙ୍କ ରବିବାର ସକାଳେ ନିଜ ବାସଭବନରେ ଦେହାନ୍ତ ହୋଇଯାଇଛି। ସ୍ୱର୍ଗତ ଶ୍ରୀ ଅଗ୍ରୱାଲ ଜଣେ ଧର୍ମ ପରାୟଣ ବ୍ୟକ୍ତି ଥିଲେ । ବାଣପୁର ଅଞ୍ଚଳର ବହୁ ଧାର୍ମିକ ଏବଂ ସାମାଜିକ ଅନୁଷ୍ଠାନ ସହ ସେ ଜଡ଼ିତ ଥିଲେ । ଜଣେ ମିଷ୍ଟଭାସି, ପରୋପକାରୀ ଏବଂ ବଦାନ୍ୟ ବ୍ୟକ୍ତି ଭାବେ ସମଗ୍ର ବାଣପୁର, ବାଲୁଗାଁ ଅଞ୍ଚଳରେ ସେ ବେଶ ଜଣାଶୁଣା ଥିଲେ । ତାଙ୍କର ବିୟୋଗରେ ଆତ୍ମୀୟ ଏବଂ ସହପାଠୀ ମାନେ ମ୍ରିୟମାଣ ହୋଇପଡିଛନ୍ତି । ସ୍ୱର୍ଗତ ଶ୍ରୀ ଅଗ୍ରୱାଲଙ୍କ ଶେଷକୃତ ସ୍ଥାନୀୟ ଅଗ୍ରୱାଲ ସମାଜ ସ୍ମଶାନରେ ସମ୍ପନ୍ନ ହୋଇଥିଲା । ତେବେ ବିୟୋଗ ଖବର ପାଇ ସ୍ୱର୍ଗତ ଶ୍ରୀ ଅଗ୍ରୱାଲଙ୍କ ବାସଭବନରେ ପହଞ୍ଚି ତାଙ୍କୁ ସ୍ଥାନୀୟ ବିଧାୟକ ତଥା ରାଜ୍ୟ କ୍ୟାବିନେଟ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ବାଣପୁର ବ୍ଲକ ଅଧ୍ୟକ୍ଷ, ବାଣପୁର ଓ ବାଲୁଗାଁ ସତସଙ୍ଗ ବିହାର କର୍ମକର୍ତ୍ତା, ବାଣପୁର ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ କର୍ମକର୍ତ୍ତା, ବାଣପୁର ଓକିଲ ସଂଘ କର୍ମକର୍ତ୍ତା, ବାଣପୁର-ବାଲୁଗାଁ ଅଞ୍ଚଳର ବହୁ ସାମ୍ବାଦିକ, ସମାଜସେବୀ ଏବଂ ସ୍ଥାନୀୟ ଜନସାଧାରଣ ମାନେ ଶେଷ ଦର୍ଶନ କରିଥିଲେ ।

# ପାଟଣା ବ୍ଲକକୁ ଉପଖଣ୍ଡ ମାନ୍ୟତା ଦାବି ନେଇ ପ୍ରସ୍ତୁତି ବୈଠକ

**ପାଟଣା(ମହାଭାରତ) :** କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ କୁ ସ୍ୱତନ୍ତ୍ର ଉପଖଣ୍ଡ ମାନ୍ୟତା ଦାବି ନେଇ ପ୍ରସ୍ତୁତି ବୈଠକ ହୋଇଛି । ଏହି ପ୍ରସ୍ତୁତି ବୈଠକ ପାଟଣା ପୂର୍ବତନ ବ୍ଲକଅଧ୍ୟକ୍ଷ ବିଦ୍ୟାଧର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏହି ଆଲୋଚନା ବୈଠକ ର କାରଣ ପାଟଣା କୁ ଏକ ସ୍ୱତନ୍ତ୍ର ପରିଚୟ ରହିଛି । ତାହା ପାଟଣା ନିର୍ବାଚନ ମଣ୍ଡଳୀ ବୋଲି ରହିଥିବା ବେଳେ କାହିଁକି ପାଟଣା କୁ ଉପଖଣ୍ଡ ହୋଇ ପାରୁ ନାହିଁ । ପାଟଣା, ସାହାରପଡା ବ୍ଲକର ଏକ ଆଦିବାସୀ ଅଧିଷ୍ଠିତ ଅଞ୍ଚଳ ହୋଇ ଥିବାରୁ ଦୁଇଟି ବ୍ଲକର ଜନସାଧାରଣ ବିଭିନ୍ନ ସମୟ ,ବିଭିନ୍ନ କାର୍ଯ୍ୟ ନେଇ ଘଟଗାଁ, କେନ୍ଦୁଝର ଯାଇ କାର୍ଯ୍ୟ କରିବା ସମ୍ଭବ ହୋଇ ପାରୁ ନ ଥିବା ଦେଖି ବାକୁ ମିଳି ଛି। ଏହି ସମସ୍ୟା କୁ ବର୍ଷ ବର୍ଷ ଧରି ଜନସାଧରଣ ଭୋଗି ଆସୁ ଥିବା ବେଳେ ନିକଟରେ ବିଧାନସଭା ରେ ଉପଖଣ୍ଡ ଆଲୋଚନା ଶୀର୍ଷକ ରହିଥିବା ବେଳେ ପାଟଣା ରେ ଉପଖଣ୍ଡ ହେବା ପାଇଁ ଅଞ୍ଚଳର ଜନସାଧାରଣ, ବୁଦ୍ଧିଜୀବୀ ମାନେ ଏକ ପ୍ରସ୍ତୁତି ବୈଠକ ରେ ଆଲୋଚନା ହୋଇ ଛି। ଯେଉଁ ଠି ପାଟଣା କୁ ଉପଖଣ୍ଡ ମାନ୍ୟତା ନେଇ ପାଟଣା, ସାହାରପଡା ବ୍ଲକ ଅଞ୍ଚଳ ଲୋକଙ୍କୁ ନେଇ ଆଗାମୀ ଦିନ ତା-୮-୯-୨୪ରିଖ ରବିବାର ଦିନ ପାଟଣା ରେ ଏକ ଆଲୋଚନା ବୈଠକ କରାଯିବା ର ସ୍ଥିର କରାଯାଇଛି। ଏହି ଆଲୋଚନା ବୈଠକରେ ଦୁଇଟି ବ୍ଲକର ଜନସାଧରଣ, ଲୋକପ୍ରତିନିଧି ଉପସ୍ଥିତ ରହିବାକୁ ଆଲୋଚନା କରାଯାଇଛି ।



# କିଏ ହେବ ବଣାଇଁର ନୂଆଁ ପ୍ରତିଭା ଲୋଗୋ ଉନ୍ମୋଚନ

**ସୁନ୍ଦରଗଡ଼(ମହାଭାରତ) :** ଜିଲ୍ଲା ବଣାଇଁଗଡ ଖଣ୍ଡାଧାର ଟିଭି (ୟୁ ଟ୍ୟୁବ୍) ତରଫରୁ ଆସନ୍ତା ୧୫-୦୯-୨୦୨୪ ରୁ ପ୍ରତି ରବିବାର ବଣାଇଁ ସବ୍ ଡିଭିଜନର ସବୁ ପଞ୍ଚାୟତ ରେ ଏକ ରିଏଲିଟି ସୋ 'କିଏ ହେବ ବଣାଇଁ ର ନୂଆଁ ପ୍ରତିଭା' ଆରମ୍ଭ ହେବାକୁ ଯାଉଛି। ତେଣୁ ୨୯ ତାରିଖ ସକାଳ ୯ ଟା ସମୟରେ ବଣାଇଁ ର ରାଜା ସାହେବଙ୍କ ପକ୍ଷରେ ଏହାର ଲୋଗୋ ଉନ୍ମୋଚନ ହୋଇଯାଇଛି। ଏଥିରେ ବଣାଇଁ ର ରାଜା ସାହେବ ଏବଂ ଖଣ୍ଡାଧାର ଟିଭି ର ସୁମନ୍ତ କୁମାର ପାତ୍ର,ବାବୁଲୁ ପାତ୍ର, ମନ୍ ଫୁଲ ନାୟକ, ଚୂଡ଼ାମଣି ବଡ଼ ନାୟକ,ବିଦ୍ୟା କିଷାନ, ପିଣ୍ଟୁ କିଷାନ, ରାଜୁ ପାତ୍ର ଏବଂ ଆଡଭକେଟ୍ ସୁଜିତ ପାତ୍ର ଉପସ୍ଥିତ ଥିଲେ। ଏଥିରେ ଉଭୟ ନାଚ ଏବଂ ଗୀତ ର ଅଡିସନ୍ ହେବ। କୃତୀ ପ୍ରତିଯୋଗୀ ଙ୍କୁ କ୍ରାଉନ୍, ଟ୍ରଫି, ମାନପତ୍ର ସହ ନଗଦ ଅର୍ଥ ଏବଂ ଓଡ଼ିଆ ଟିଭି ଚ୍ୟାନେଲ ରେ ପ୍ରସାରିତ ଯେ କୌଣସି ନାଚ ଏବଂ ଗୀତ ରିଏଲିଟି ସୋ ରେ ଅଂଶ ଗ୍ରହଣ କରିବାର ସୁଯୋଗ ପାଇବେ। ଏହା ପ୍ରତି ପଞ୍ଚାୟତ ରେ ଅଡିସନ୍ ହୋଇ ଶେଷରେ ଡିସେମ୍ବର ୩୧ ତାରିଖ ଦିନ ଏହାର ଗ୍ରାଣ୍ଡ ଫାଇନାଲ କରାଯିବ। ଏହାଦ୍ୱାରା ବଣାଇ ରେ ଲୁଚି ଯାଉଥିବା କଳା ସଂସ୍କୃତି ଲୋକଲୋଚନାକୁ ଆସିପାରିବ ବୋଲି ଖଣ୍ଡାଧାର ଟିଭି ପକ୍ଷରୁ କୁହାଯାଉଛି ଏବଂ ଏଥିରେ ସମସ୍ତେ ଭାଗ ନେବାକୁ ଅନୁରୋଧ କରିଛନ୍ତି।



# ମଣିପୁରରେ ପୁଣି ଫୁଟିଲା ଗୁଳି: ମା' ମୃତ, ଝିଅ ଆହତ

**ମଣିପୁର,୧/୯ :** ଆଦିବାସୀ ଓ ଅଣ ଆଦିବାସୀଙ୍କ ମଧ୍ୟରେ ସୃଷ୍ଟି ହିଂସା ଯୋଗୁ ଅଶାନ୍ତ ହୋଇପଡ଼ିଥିବା ମଣିପୁରରେ ପୁଣି ଚାଲିଛି ଗୁଳି। ଆଜି ହିଂସାର ଫାଇଦା ନେଇ କିଛି ସନ୍ଦିଗ୍ଧ ବିଦ୍ରୋହୀ ଗୁଳି ମାଡ଼ କରିଛନ୍ତି। ଏଥିରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଥିବା ବେଳେ ତାଙ୍କର ୧୨ ବର୍ଷୀୟ ଝିଅ ଗୁରୁତର ଆହତ ହୋଇଛନ୍ତି। ଘଟଣାରେ ଦୁଇ ଜଣ ପୁଲିସ କର୍ମଚାରୀ ମଧ୍ୟ ଆହତ ହୋଇଥିଲେ। କିନ୍ତୁ ସେମାନେ ଏବେ ବିପଦ ମୁକ୍ତ ରହିଛନ୍ତି। ପୁଲିସ୍ ସୂତ୍ର ଅନୁସାରେ, ଡ୍ରୋନ ଦ୍ୱାରା ପକା ଯାଇଥିବା ବୋମାରୁ ଗୋଟିଏ ଶାର୍ପନେଲ ଜଣେ ପୁଲିସ୍ ? ଅଧିକାରୀଙ୍କ ଗୋଡ଼ରେ ମାଡ଼ ହୋଇଛି। ସ୍ଥାନୀୟ ଅଞ୍ଚଳରେ ଅସ୍ତ୍ର ଖଚିତ ଦୁଇ ଡ୍ରୋନ ମଧ୍ୟରୁ ଗୋଟିଏରୁ ଏପରି ହମଲା ହୋଇଛି। ଦିନ ପ୍ରାୟ ୨.୩୫ ମିନିଟରେ ପଶ୍ଚିମ ଇମ୍ଫାଲ ନିକଟ ନାଖୁଜାଙ୍ଗ ଗାଁରେ ଗୁଳି ମାଡ଼ ଆରମ୍ଭ ହୋଇଥିଲା। ଉକ୍ତ ଅଞ୍ଚଳରେ ଥିବା ଗୋଟିଏ ଘର ଉପରେ ଡ୍ରୋନ ଦ୍ୱାରା ବୋମା ପକା ଯାଇଥିଲା। ଏହା ଦେଖି ଲୋକମାନେ ଜୀବନ ବିକଳରେ ଦୌଡ଼ି ଥିବା ମଧ୍ୟ ଦାବି କରିଛନ୍ତି। ଏହି ସମୟରେ କିଛି ଲୋକ ସେମାନଙ୍କ ଉପରକୁ ଗୁଳି ମାଡ଼ ମଧ୍ୟ କରିଥିଲେ। ଏଥିରେ ଜଣେ ୩୧ ବର୍ଷୀୟ ମହିଳା ଓ ତାଙ୍କ ୧୨ ବର୍ଷୀୟ ଝିଅ ଆହତ ହୋଇଥିଲେ। ସେମାନଙ୍କୁ ରିମ୍ସକୁ ଅଣାଯାଇଥିଲେ ହେଁ ଡାକ୍ତର ମହିଳାଙ୍କୁ ମୃତ ଘୋଷଣା କରିଥିଲେ। ଏବେ ହସ୍ପିଟାଲରେ ୧୨ ବର୍ଷୀୟ ଝିଅର ଚିକିତ୍ସା ଚାଲିଛି। ଘଟଣା ପରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ା କଡ଼ି କରାଯାଇ ସୁରକ୍ଷାକର୍ମୀଙ୍କ ପକ୍ଷରୁ ସର୍ଚ୍ଚ ଅପରେସନ ଆରମ୍ଭ କରାଯାଇଛି।

# ପାରା ଅଲିମ୍ପିକ୍ସ: ନିରାଶ କଲେ ଅବନୀ-ସିଦ୍ଧାର୍ଥ




ପ୍ୟାରିସ,୧।୯: ପ୍ୟାରିସରେ ଚାଲିଥିବା ପାରା ଅଲିମ୍ପିକ୍ସର ୪ ଦିନର ମର୍ଣ୍ଣିଂ ସେସନ୍ସରେ ଭାରତକୁ ମିଶ୍ରିତ ରେଜଲ୍ଟ ମିଳିଛି। ୧୦ ମିଟର ଏୟାର ରାଇଫଲ (ଏସଏଚ୍ ୧) ମିକ୍ସଡ ଇଭେଣ୍ଟରେ ଅବନୀ ଲେଖାର ଓ ସିଦ୍ଧାର୍ଥ ବାବୁ ନିରାଶ କରିଛନ୍ତି। ଅବନୀ ୧୦ ମିଟର ଏୟାର ରାଇଫଲ(ଏସଏଚ୍ ୧) ମହିଳା ବର୍ଗରେ ଭାରତ ପାଇଁ ସ୍ୱର୍ଣ୍ଣ ଜିତିଥିଲେ। ତେଣୁ ସେ ମିକ୍ସଡ ଇଭେଣ୍ଟରେ ମଧ୍ୟ ସିଦ୍ଧାର୍ଥଙ୍କୁ ସାଥୀ କରି ପଦକ ଦୌଡ଼ରେ ନିଜକୁ ସାମିଲ କରିପାରିବେ ବୋଲି ଆଶା କରାଯାଉଥିଲା। ଅବୀନ ମଧ୍ୟ ଯୋଗ୍ୟତା ପର୍ଯ୍ୟାୟରେ ଭଲ ପ୍ରଦର୍ଶନ କରିଥିଲେ। କିନ୍ତୁ ସିଦ୍ଧାର୍ଥ ଆଖି ଦୃଶିଆ। ପ୍ରଦର୍ଶନ କରିପାରି ନଥିଲେ। ଫଳରେ ଭାରତୀୟ ଯୋଡ଼ି ଫାଇନାଲରେ ପ୍ରବେଶ କରିବାକୁ ସକ୍ଷମ ହୋଇ ନାହାନ୍ତି। ଟପ୍ ୮ରେ ରହୁଥିବା ଦଳ ସିଧାସଳଖ ଫାଇନାଲରେ ପ୍ରବେଶ କରିବାର ନିୟମ ରହିଛି।ସିଦ୍ଧାର୍ଥ ଓ ଅବନୀ ଟପ୍ ୧୧ରେ ରହିବାରୁ ପଦକ ଦୌଡ଼ରୁ ବାଦ ପଡ଼ିଛନ୍ତି।

# ଶୁଭମନ ଗିଲ୍‌ଙ୍କୁ ଈର୍ଷା କରୁଥିଲେ ଧୱନ

ନୂଆଦିଲ୍ଲୀ,୧।୯: ଇଣ୍ଡିଆନ୍ ଟିମର ଦିଗ୍ଗଜ ଓପନର ସେ ଆଉ କେହି ନୁହେଁ ସେ ହେଉଛନ୍ତି ଶିଖର ଧୱନ ।୨୦୧୦ରେ ଟିମ୍ ଇଣ୍ଡିଆରେ ପାଦ ଦେଇଥିଲେ ୧୫ ବର୍ଷ ପାଇଁ ଦଳର ଦାୟିତ୍ୱ ନେବା ପରେ ସେ ୨୪ ଅଗଷ୍ଟରେ ଅନ୍ତର୍ଜାତୀୟ ତଥା ଘରୋଇ କ୍ରିକେଟରୁ ତାଙ୍କର ଅବସପ ଘୋଷଣା କରିଥିଲେ ଅବସର ପରେ, ଧନ୍ ନିଜେ ଏକ ଆଶ୍ଚର୍ଯ୍ୟ ଚକିତ ତଥ୍ୟ ପ୍ରକାଶ କରିଛନ୍ତି।

ଭେଟେରାନ୍ ଓପନର୍ ଏକ ସାକ୍ଷାତକାରରେ କହିଛନ୍ତି ଯେ ଭାରତର ଏବେର ଉପ-ଅଧିନାୟକ ଶୁଭମନ ଗିଲ୍‌ଙ୍କୁ ଈର୍ଷା କରୁଥିଲେ। ଆଉ ତାଙ୍କର ଏହି ସୂଚନା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି ଧୱନ ଏହା ପଛରେ ଏକ ବଡ଼ କାରଣ ଦେଇଥିଲା। ଭାରତୀୟ ଟିମ୍ରେ ଶିଖର ଧୱନଙ୍କ ଥିଲା ଦବଦବା । ରୋହିତ ଶର୍ମାଙ୍କ ସହ ସେ ଦଳ ସହିତ ଅନେକ ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍ ଜିତିଥିଲେ। ବିଶେଷକରି ଆଇସିସି ଟୁର୍ଣ୍ଣାମେଣ୍ଟରେ, ତାଙ୍କର ପ୍ରଦର୍ଶନ ଭଲ ଥିଲା । ତେବେ ଗିଲ୍ ଆସିବା ପରେ ସେ ଦମ୍‌ଦାର ପ୍ରଦର୍ଶନ କରିଥିଲେ। ଯାହାଫଳରେ ତାଙ୍କୁ ଓପନର ଭାବେ ଅଧିକ ସୁଯୋଗ ମିଳିଥିଲା। ମୁଖ୍ୟତଃ ଦିନିକିଆରେ ଗିଲ୍‌କୁ ସୁଯୋଗ ମିଳିବାରୁ ଧୱନଙ୍କ ପାଇଁ କାଠିକର ପାଠ ହୋଇଥିଲା।

# ୟୁଏସ ଓପନରୁ ଜୋକୋଭିକ୍ ବିଦା




ନୂଆଦିଲ୍ଲୀ: ସର୍ବିୟାର ଲୋକପ୍ରିୟ ଟେନିସ ଖେଳାଳି ନୋଭାକ୍ ଜୋକୋଭିକ୍ ୟୁଏସ ଓପନର ତୃତୀୟ ରାଉଣ୍ଡରେ ପରାସ୍ତ ହୋଇ ଟାଇଟଲ ମୁକାବିଲାରୁ ବିଦା ହୋଇଛନ୍ତି ଗତ ୧୮ ବର୍ଷ ପରେ ପ୍ରଥମଥର ପାଇଁ ୟୁଏସ ଓପନର ପ୍ରାରମ୍ଭିକ ରାଉଣ୍ଡରେ ପରାସ୍ତ ହୋଇଛନ୍ତି ୩୭ ବର୍ଷୀୟ ଜୋକୋଭିକ୍।୨୬ ଅଗଷ୍ଟରୁ ଆରମ୍ଭ ହୋଇଛି ୮ ସେପ୍ଟେମ୍ବର ପର୍ଯ୍ୟନ୍ତ ହେବାକୁ ଥିବା ୟୁଏସ୍ ଓପନ୍ରେ ୭ ରାଉଣ୍ଡ ଖେଳ ହେବ। ନ୍ୟୁୟର୍କର ଫ୍ଲସିଂ ମିଡୋସରେ ଏହାର ତୃତୀୟ ରାଉଣ୍ଡ ଖେଳ ହୋଇଥିଲା ଏଥିରେ ଜୋକୋଭିକ୍ ଅଷ୍ଟ୍ରେଲୀୟ ଆଲେକ୍ସାଇ ପପିରିନଙ୍କ ସହ ମୁକାବିଲା କରିଥିଲେ।

ଏହି ମୁକାବିଲାରେ ଚାରିଥର ଚାମ୍ପିଅନ୍ ଜୋକୋଭିକ୍ ୨୮ ରେଙ୍କ ଥିବା ଅଷ୍ଟ୍ରେଲୀୟ ଆଲେକ୍ସାଇ ପପିରିନଙ୍କ ଠାରୁ ୬-୪, ୬-୪, ୨-୬, ୬-୪ରେ ପରାସ୍ତ ହୋଇଛନ୍ତି। ଏହି ପରାଜୟ ପରେ ଜୋକୋଭିକ୍ ପଞ୍ଚମ ୟୁଏସ ଓପନ ଓ ୨୫ ତମ ଗ୍ରାଣ୍ଡ ସ୍ଲାମ ଟାଇଟଲ ହାତେଇବାରୁ ବଞ୍ଚିତ ହୋଇଛନ୍ତି। ଏନେଇ ଜୋକୋଭିକ କହିଛନ୍ତି ସ୍ୱର୍ଣ୍ଣ ପଦକ ଜିତିବା ପାଇଁ ମୁଁ ଭରପୁର ଚେଷ୍ଟା କଲି। ହେଲେ ନ୍ୟୁୟର୍କରେ ପହଞ୍ଚିବା ପରେ ମୁଁ ସତେଜ ନଥିଲି। ରିପୋର୍ଟରୁ ପ୍ରତିକ୍ରିୟା ଦେଇ ଏପରି କହିଛନ୍ତି ଜୋକୋଭିକ। ଏହା ପୂର୍ବରୁ ଚଳିତ ମାସ ଆରମ୍ଭରେ ପ୍ୟାରିସ ଅଲିମ୍ପିକ୍ସରେ ଜୋକୋଭିକ୍ ପୁରୁଷ ଏକକରେ ସ୍ୱର୍ଣ୍ଣ ପଦକ ଜିତିଥିଲେ।

ଅନ୍ୟପଟେ ଅଷ୍ଟ୍ରେଲିଆ। ଓପନ ଓ ୱିମ୍ବଲ୍ଡନରେ ପପିରିନ ଜୋକୋଭିଚ୍‌ଙ୍କୁ ହରାଇବା ପରେ ଖୁସି ବ୍ୟକ୍ତ କରିଛନ୍ତି। ପ୍ରଥମ ଥର ପାଇଁ ୧୬ ତମ ରାଉଣ୍ଡରେ ପହଞ୍ଚିବା ପରେ ସେ ତୃତୀୟ ଥର ପାଇଁ ଭାଗ୍ୟବାନ ବୋଲି କହିଛନ୍ତି। ମ୍ୟାଚ୍ରେ ଜୋକୋଭିକ୍ ବେପରୁଆ। ଖେଳ ପ୍ରଦର୍ଶନ କରିଥିଲେ। ୧୪ଟି ଡବଲ ଫଲ୍ଟ ସହ ୪୯ ଥର ବୁଲ କରିଥିଲେ। ଯାହା ଗ୍ରାଣ୍ଡସ୍ଲାମ ମ୍ୟାଚରେ ତାଙ୍କର ଏକ ନିମ୍ନ ରେକର୍ଡ ହୋଇଛି। ଯଦିଓ ଜୋକୋଭିକ୍ ୨୫ ତମ ଗ୍ରାମାସ୍ଲାମ ଟାଇଟଲ ଜିତିପାରିଲେ ନାହିଁ ହେଲେ ଏବେ ସୁଦ୍ଧା ସେ ୨୪ଟି ଟାଇଟଲ ଜିତି ସର୍ବାଗ୍ରେ ରହିଛନ୍ତି। ତାଙ୍କ ପଛକୁ ୨୨ ଗ୍ରାଣ୍ଡସ୍ଲାମ ଜିତି ରାଫେଲ ନାଦାଲ ଦ୍ୱିତୀୟ ସ୍ଥାନରେ ଥିବା ବେଳେ ୨୦ ଟାଇଟଲ ଜିତି ରୋଜର ଫେଡେରର ତୃତୀୟ ସ୍ଥାନରେ ଅଛନ୍ତି।

# ରବି ରଙ୍ଗୋଲି ୫ମ



ପ୍ୟାରିସ,୧।୯: ରବି ରଙ୍ଗୋଲି ମଧ୍ୟ ଶଟପୁଟରେ ଭାରତ ପାଇଁ ଖୁସି ଖବର ଆଣିଥିଲେ। ସେ ଶଟପୁଟ ଏଫ ୪୦ର ଫାଇନାଲରେ ନିଜର ସ୍ଥାନ ପକ୍କା କରିଥିଲେ ହେଁ ଫାଇନାଲରେ ୫ମ ସ୍ଥାନରେ ରହିଥିଲେ। ସେ ୧୦.୩୩ ମିଟର ଦୂରତାକୁ ଶଟପୁଟ ଫିଙ୍ଗି କମାଲ କରିଛନ୍ତି। ପ୍ରଥମ ପ୍ରୟାସରେ ସେ କମାଲ କରି ନିଜ ସ୍ଥାନ ଫାଇନାଲରେ ପକ୍କା କରିଥିଲେ। ଫାଇନାଲରେ ସେ ୧୦.୬୩ ମିଟର ଥ୍ରୋ କରିଥିଲେ। ତେବେ ପର୍ତ୍ତୁଗାଲ୍ ଖେଳାଳି ୧୧.୨୧ ମିଟର, ମଙ୍ଗୋଲିଆ ଖେଳାଳି ୧୧.୯ ମିଟର ଓ ଇରାକ ଖେଳାଳି ୧୧.୩ ମିଟର ଥ୍ରୋ’ ପ୍ରଥମ ୩ ସ୍ଥାନ ଅକ୍ତି କରିଥିଲେ। ଫଳରେ ରଙ୍ଗୋଲିଙ୍କର ମେଡାଲ୍ ଜିଣିବା ଆଶା ଆଶାରେ ରହିଛି।

# ଦିଲ୍ଲୀରୁ ମୁମ୍ବାଇଗ୍ରସ୍ତ ସମୟର ଅନୁଭୂତି ବଖାଣିଲେ ଜଣ୍ଟି

ନୂଆଦିଲ୍ଲୀ,୧।୯(ଏଜେନ୍ସି): ସାଉଥ ଆଫ୍ରିକାର ଷ୍ଟାର କ୍ରିକେଟର ଜୋଣ୍ଟି ରୋଡସ କିଛିଦିନ ହେବ ଭାରତରେ ଥିଲେ ରୋଡସ ଭାରତଗସ୍ତ ସମୟରେ ଦିଲ୍ଲୀରୁ ମୁମ୍ବାଇ ଯାତ୍ରା କରିବା ସମୟରେ ତାଙ୍କ ସହିତ ଘଟିଥିବା ଘଟଣାକୁ ସେ ସେୟାର କରିଛନ୍ତି।



ଜୋଣ୍ଟି ଦିଲ୍ଲୀରୁ ମୁମ୍ବାଇ ଯାତ୍ରାକୁ ନେଇ କହିଛନ୍ତି, ଏହି ଯାତ୍ରା ସମୟରେ ମୋତେ ଅନେକ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଥିଲା ପ୍ରଥମତଃ ମୁମ୍ବାଇ ବିମାନବନ୍ଦରରେ ମୁଁ ଚଢ଼ିବାକୁ ଥିବା ବିମାନ ବିଳମ୍ବରେ ପହଞ୍ଚିଥିଲା ଅନେକ ଅପେକ୍ଷା ପରେ ଯେତେବେଳେ ମୁଁ ବିମାନରେ ଚଢ଼ିଥିଲି ଖୁବ ଅସନ୍ତୋଷ ହୋଇ ଯାଇଥିଲି କାରଣ ମୋତେ ବସିବାକୁ ଯେଉଁ ସିଟ ମିଳିଥିଲା ତାହା ଭାଙ୍ଗି ଯାଇଥିଲା।

ଏହାପରେ ମୋତେ ଏକ କାଗଜରେ ଦସ୍ତଖତ କରିବାକୁ ପଡ଼ିଥିଲା ଯେଉଁଥିରେ ଲେଖାଥିଲା କି ମୁଁ ସ୍ୱୀକାର କରୁଛି କି ମୋ ଆସନ ଭାଙ୍ଗି ଯାଇଛି। ଏହି ଭଙ୍ଗା ସିଟିରେ ବସି ମୋତେ ଯାତ୍ରା କରିବାକୁ ପଡ଼ିଥିଲା। ମୁଁ ମୋର ଯାତ୍ରାକୁ ବାତିଲ ବି କରି ପାରି ନଥିଲି କାରଣ ମୋର ଅନେକଗୁଡ଼ାଏ ଜରୁରି କାମ ଥିଲା ମୁମ୍ବାଇରେ ପହଞ୍ଚିବା ପରେ ମୋତେ କେପଟାଉନ ପାଇଁ ପୁଣି ଏକ ବିମାନ ଧରିବାର ଥିଲା ।

ଏହି ଘଟଣାକୁ ଗମ୍ଭୀରତା ସହ ନେଇ ଏୟାରଲାଇନ୍ସ କ୍ଷମା ମାଗିଛି ଏଥିସହିତ ଘଟଣାର ଯାଞ୍ଚ ଆଦେଶ ଦେଇଛି ଏୟାର ଇଣ୍ଡିଆ। କ୍ଷମା ମାଗି କହିଛି, ଆପଣଙ୍କ ସହିତ ହୋଇଥିବା ଅସୁବିଧା ପାଇଁ ଆମେ ଦୁଃଖୀତ ଏହି ଅସୁବିଧାର ଆମେ ପୁରାପୁରି ଯାଞ୍ଚ କରିବୁ ।

# କେବଳ ଖେଳିବାକୁ ଚାହେଁ : ରୁଟ୍





ନୂଆଦିଲ୍ଲୀ: ଇଂଲଣ୍ଡର ତାରକା ଦ୍ରୁତ ବୋଲର ଜୋ ରୁଟ ସଂପ୍ରତି ଦମଦାର ଫର୍ମରେ ଅଛନ୍ତି। ତାଙ୍କ ବ୍ୟାଟରୁ ଟେଷ୍ଟ କ୍ରିକେଟରେ ରନ ବର୍ଷା ହେବାରେ ଲାଗିଛି। ଏହା ଦେଖିଲେ ଲାଗୁଛି ରୁଟ୍ ଖୁବ୍ ଶୀଘ୍ର ସଚିନ ତେନ୍ଦୁଲକରଙ୍କ ଟେଷ୍ଟ କ୍ରିକେଟରେ ସର୍ବାଧିକ ରନ କରିବାର ରେକର୍ଡର ନିକଟତର ହୋଇଯିବେ ।ଲର୍ଡ୍ସ ଟେଷ୍ଟରେ ଦୁଇ ଇନିଂସରେ ଦୁଇ ଶତକ ମାରିବା ପରେ ରୁଟ୍ ସର୍ବାଧିକ ରନହାସଲକାରୀ ତାଲିକାରେ ୧୨ ହଜାର ୩୭୭ ରନ ସହ ସପ୍ତମ ସ୍ଥାନରେ ପହଞ୍ଚିଛନ୍ତି। ତାଲିକାରେ ଶୀର୍ଷରେ ଥିବା ସଚିନ ତେନ୍ଦୁଲକର(୧୫,୯୨୧) ଓ ରୁଟ୍‌ଙ୍କ ମଧ୍ୟରେ ୩,୫୪୪ ରନର ବ୍ୟବଧାନ ରହିଛି। ଯେଉଁ ଶୈଳୀରେ ରୁଟ୍ ଗତ କିଛି ସମୟରୁ ବ୍ୟାଟିଂ କରି ଚାଲିଛନ୍ତି, ଏହାକୁ ଦେଖିଲେ ଲାଗୁଛି ସେ ଆଗାମୀ ୩ ରୁ ୪ ବର୍ଷରେ ତେନ୍ଦୁଲକରଙ୍କ ନିକଟତର ହୋଇଯିବେ। ଯେବେ ରୁଟଙ୍କୁ ପ୍ରଶ୍ନ କରାଗଲା ଯେ, ତାଙ୍କ ନଜର କଣ ସଚିନଙ୍କ ବିଶ୍ୱ ରେକର୍ଡ ଉପରେ ରହିଛି। ଏହାର ଉତ୍ତରରେ ରୁଟ୍ କହିଛନ୍ତି, ସେ କେବଳ ଖେଳିବାକୁ ଚାହାନ୍ତି ଏବଂ ଦଳ ବିଜୟରେ ଅଧିକରୁ ଅଧିକ ଯୋଗଦାନ ଦେବାକୁ ଚାହାନ୍ତି।

ଇଂଲଣ୍ଡ କ୍ରିକେଟ୍ ଦ୍ୱାରା ଏକ୍ସରେ ପୋଷ୍ଟ ହୋଇଥିବା ଭିଡିଓରେ ଜୋ ରୁଟ୍ ଏହା କହୁଥିବା ଦେଖିବାକୁ ମିଳିଛି। ସେ ଏହା ମଧ୍ୟ କହିଛନ୍ତି, ଟେଷ୍ଟରେ ଶତକ ଅର୍ଜନ କରିବାର ସ୍ୱତନ୍ତ୍ର ଅନୁଭୂତି ରହିଛି। ଏଥିରୁ ବଡ଼ କିଛି ଆଉ ହୋଇ ନ ପାରେ। ଟେଷ୍ଟ ବିଜୟର ଏକ ବିଶେଷ ଆନନ୍ଦ ରହିଛି। ଏଥିପାଇଁ ସବୁଠୁ ବଡ଼ କଥା ହେଉଛି ଆପଣ ଦଳ ବିଜୟରେ ଯେତେ ଯୋଗଦାନ ଦେଇ ପାରିବେ ସେତେ ଭଲ ଏହା ଉପରେ ହିଁ ମୁଁ ଅଧିକ ଧ୍ୟାନ ଦେଇ ଆସିଛି ଆଶା କରୁଛି ଏହି ମାନସିକତା ସହ ଆଗକୁ ଖେଳ ଜାରି ରଖିବି।

ସୂଚନାଯୋଗ୍ୟ, ରୁଟ୍ ଶ୍ରୀଲଙ୍କା ବିପକ୍ଷ ଲର୍ଡ୍ସ ଟେଷ୍ଟର ପ୍ରଥମ ଇନିଂସରେ ୧୪୩ ରନ ଏବଂ ଦ୍ୱିତୀୟ ଇନିଂସରେ ୧୦୩ ରନର ଚମତ୍କାର ଇନିଂସ ଖେଳିଛନ୍ତି ସେ କ୍ରିକେଟ୍ର ମକ୍କା କୁହାଯାଉଥିବା। ଏହି ମଇଦାନରେ ଗୋଟିଏ ଟେଷ୍ଟର ଦୁଇ ଇନିଂସରେ ଶତକ ଅର୍ଜନ କରିବାରେ ଚତୁର୍ଥ ବ୍ୟାଟର।

# ଓଡ଼ିଶାର ଲାଲୁ ପ୍ରସାଦ ଦ୍ରୁତତମ ଆଥ୍‌ଲେଟ




ବେଙ୍ଗାଲୁରୁ,୧।୯: ୬୩ତମ ନ୍ୟାଶନାଲ ଓପନ ଆଥଲେଟିକ୍ସ ଚାମ୍ପିୟନଶିପ୍‌ରେ ଶନିବାର ଜାତୀୟ ରେକର୍ଡଧାରୀ ମଣିକାନ୍ତ ହବ୍ଲିଧର ଓ ତେଜସ ଶିରସେ ଯଥାକ୍ରମେ ୧୦୦ମିଟର ସ୍ପ୍ରିଣ୍ଟ ଓ ୧୧୦ ମିଟର ହର୍ଡଲ୍ସ ରେ ସ୍ୱର୍ଣ୍ଣ ପଦକ ମୁକାବିଲାରେ ହାରିଯାଇଛନ୍ତି ଓଡ଼ିଶାର ୨୧ ବର୍ଷୀୟ ସ୍ପ୍ରିଣ୍ଟର ଲାଲୁ ପ୍ରସାଦ ଭୋଇ ତାଙ୍କଠାରୁ ଅଭିଜ୍ଞ ଧାବକମାନଙ୍କୁ ପଛରେ ପକାଇ ମିଟ୍‌ର ଦ୍ରୁତତମ ଆଥଲେଟ ବିବେଚିତ ହୋଇଛନ୍ତି ସେ ୧୦୦ମିଟର ରେସ୍‌କୁ ୧୦.୪୬ ସେକେଣ୍ଡ ଟାଇମିଂରେ ଜିତିଛନ୍ତି ସେହିପରି ପୁରୁଷ ୧୧୦ ମିଟର ହର୍ଡଲ୍ସରେ ରେଲୱେର ଶିରସେ (୧୪.୦୧)ଙ୍କୁ ପଛରେ ପକାଇ ରେଲୱେର ମାନବ ଆର୍ ୧୩.୮୬ ସେକେଣ୍ଡ ଟାଇମିଂରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି।

# ସଚିନଙ୍କ ପୁଅ କଲେ କମାଲ୍

ମୁମ୍ବାଇ,୧।୯ :କ୍ରିକେଟରେ ସଚିନ ତେନ୍ଦୁଲକରଙ୍କ କାରନାମା ବିଷୟରେ ସମସ୍ତେ ଅବଗତ ତାଙ୍କ କ୍ୟାରିୟରରେ କେତେ ଥର ସେ ଚମତ୍କାର ଇନିଂସ ସହ ଦଳକୁ ବଞ୍ଚାଇଥିଲେ ବର୍ତ୍ତମାନ ତାଙ୍କ ପୁଅ ଅର୍ଜୁନ ତେନ୍ଦୁଲକର ମଧ୍ୟ ସମାନ ପଦାଙ୍କ ଅନୁସରଣ କରିଛନ୍ତି ଏବଂ ନିଜର ପ୍ରତିଭା ପ୍ରଦର୍ଶନ କରିଛନ୍ତି ବ ଅର୍ଜୁନ ତାଙ୍କ ଇନଷ୍ଟାଗ୍ରାମ ଆକାଉଣ୍ଟରେ ଅନେକ ଭିଡିଓ ପୋଷ୍ଟ କରିଛନ୍ତି ଯେଉଁଥିରେ ସେ ଛକା ଏବଂ ଚୌକା ବର୍ଷା କରୁଥିବା ନଜର ଆସିଛନ୍ତି ଏହି ବିସ୍ଫୋରକ ଇନିଂସ ଯୋଗୁ ନିଜ ଟିମ୍‌କୁ ରକ୍ଷା କରିଥିଲେ। ଭିଡିଓରେ ଦେଖାଯାଇଛି ଯେ, ଏକଦା ଅର୍ଜୁନଙ୍କ ଦଳ ୮୭ ରନରେ ୫ ଉଇକେଟ ହରାଇଥିଲା ତାପରେ ଅର୍ଜୁନ ୫ ରନ୍‌ରେ ବ୍ୟାଟିଂ କରୁଛନ୍ତି ପରବର୍ତ୍ତୀ ଭିଡିଓରେ ତାଙ୍କ ଦଳର ସ୍କୋର ୯ ଉଇକେଟ ହରାଇ ୨୧୯ରେ ପହଞ୍ଚିଛି ସେ ୪୭ରେ ବ୍ୟାଟିଂ କରୁଛନ୍ତି ଅର୍ଥାତ୍ ସେ ଏକ ଚମତ୍କାର ଇନିଂସ ଖେଳି ଦଳକୁ ଏକ ସମ୍ମାନଜନକ ସ୍କୋରକୁ ନେଇଥିଲେ ଦଏହି ସ୍କୋର ଏବଂ ଭିଡିଓଗୁଡିକୁ ଦେଖିଲେ ଏହା କୁହାଯାଇପାରେ ଯେ ଅର୍ଜୁନ ଦଳ ପାଇଁ ଚମତ୍କାର ଖେଳିଛନ୍ତି। ସ୍ଥାନୀୟ କ୍ରିକେଟ ଖେଳି ଅର୍ଜୁନ ତେନ୍ଦୁଲକର ପରବର୍ତ୍ତୀ ଘରୋଇ ସିଜିନ୍ ପାଇଁ ନିଜକୁ ପ୍ରସ୍ତୁତ କରୁଛନ୍ତି ।କିଛି ଦିନ ପୂର୍ବରୁ ସେ ଏହି ମ୍ୟାଚ୍‌ରୁ ତାଙ୍କ ବୋଲିଂର ଭିଡିଓ ଶେୟାର କରିଥିଲେ। ଏହି ଭିଡିଓଗୁଡିକରେ ଅର୍ଜୁନ ସାଂଘାତିକ ବୋଲିଂ କରୁଥିବା ଦେଖିବାକୁ ମିଳିଥିଲା ସେ ଆମକୁ ଗତି, ବାଉନ୍ସ ଏବଂ ସୁଇଙ୍ଗ ସହିତ ଜାହିର ଖାନ୍‌ଙ୍କ କଥା ମନେ ପକାଇଦେଇଥିଲେ।

# “ମୋଦୀଙ୍କ ଉପରେ ହିଁ ଭରସା”

ନୂଆଦିଲ୍ଲୀ,୧।୯: ଭାରତୀୟ କ୍ରିକେଟ୍ ଦଳ ଆଇସିସି ଚାମ୍ପିଅନ୍ସ ଟ୍ରଫି ୨୦୨୫ ଖେଳିବାକୁ ପାକିସ୍ତାନ ଯିବ ନା ନାହିଁ ? ଏହି ପ୍ରଶ୍ନର ଉତ୍ତର ଜାଣିବାକୁ ସମଗ୍ର କ୍ରିକେଟ୍ ଜଗତ ଆଗ୍ରହୀ ଜୟ ଶାହାଙ୍କୁ ନୂତନ ଆଇସିସି ଚେୟାରମ୍ୟାନ୍ ଭାବରେ ନିଯୁକ୍ତ କରାଯିବା ପରେ ଚାମ୍ପିଅନ୍ସ ଟ୍ରଫି ସମ୍ବନ୍ଧୀୟ ସମସ୍ତ ସମୀକରଣ ବଦଳିଥିବା ଜଣାପଡିଛି। ବର୍ତ୍ତମାନ ପାକିସ୍ତାନର ଭେଟେରାନ କ୍ରିକେଟର ବାସିତ ଅଲି ଚାମ୍ପିଅନ୍ସ ଟ୍ରଫି ସମ୍ପର୍କରେ ଭାରତର ପ୍ରଧାନମନ୍ତ୍ରୀଙ୍କୁ ଏକ ବିଶେଷ ଆବେଦନ କରିଛନ୍ତି। ପାକିସ୍ତାନର ପୂର୍ବତନ କ୍ରିକେଟର ବାସିତ ଅଲି ତାଙ୍କ ବିବୃତ୍ତି ପାଇଁ ଚର୍ଚ୍ଚାରେ ଅଛନ୍ତି।



ବର୍ତ୍ତମାନ ସେ ନିଜ ୟୁଟ୍ୟୁବ ଚ୍ୟାନେଲରେ କହିଛନ୍ତି, ବର୍ତ୍ତମାନ ସମଗ୍ର ନିଷ୍ପତ୍ତି ଭାରତୀୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଉପରେ ରହିଛି। ଯଦି ସେ ରାଜି ହୁଅନ୍ତି, ତେବେ ଭାରତୀୟ ଦଳ ପାକିସ୍ତାନକୁ ଚାମ୍ପିଅନ୍ସ ଟ୍ରଫି ଖେଳିବାକୁ ଆସିପାରେ ଯଦି ଏହା ନହୁଏ, ତେବେ ଆଇସିସି ହିଁ ନିଷ୍ପତ୍ତି ନେବ। ତାପରେ ଜୟ ଶାହାଙ୍କ ପାଇଁ ନିଷ୍ପତ୍ତି ନେବା ଅତ୍ୟନ୍ତ କଷ୍ଟକର ହେବ। ବର୍ତ୍ତମାନ ପର୍ଯ୍ୟନ୍ତ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଟିମ୍ ଇଣ୍ଡିଆ। ଚାମ୍ପିଅନ୍ସ ଟ୍ରଫି ପାଇଁ ପାକିସ୍ତାନ ଯିବ କି ନାହିଁ ସେନେଇ କୌଣସି ଅଫିସିଆଲ୍ ବିବୃତ୍ତି ଦେଇନାହିଁ।

ଯଦି କିଛି ରିପୋର୍ଟକୁ ବିଶ୍ୱାସ କରାଯାଏ, ତେବେ ସୁରକ୍ଷା କାରଣରୁ ଭାରତୀୟ ଦଳ ଚାମ୍ପିଅନ୍ସ ଟ୍ରଫି ପାଇଁ ପାକିସ୍ତାନ ଖେଳିବାକୁ ଯାଇ ନପାରେ ହାଇବ୍ରିଡ ମଡେଲ ଉପରେ ଦୀର୍ଘ ସମୟ ଧରି ଆଲୋଚନା ହେଉଛି, ଯାହା ଅଧୀନରେ ପାକିସ୍ତାନ ପରିବର୍ତ୍ତେ ଅନ୍ୟ କିଛି ଦେଶରେ ଭାରତର ମ୍ୟାଚ୍ ଅନୁଷ୍ଠିତ ହୋଇପାରିବ। କିନ୍ତୁ ଯେକୌଣସି ପରିସ୍ଥିତିରେ ପାକିସ୍ତାନରେ ଏହି ଟୁର୍ନାମେଣ୍ଟ ଆୟୋଜିତ ହେବ ବୋଲି ପିସିବି ସ୍ପଷ୍ଟ କରିଛି। ଏହି କାରଣରୁ ପାକିସ୍ତାନରେ ଖେଳିବାକୁ ଆସୁଥିବା ଦଳର ସୁରକ୍ଷା ବ୍ୟବସ୍ଥା ଉପରେ ବିଶେଷ ଧ୍ୟାନ ଦେବା ଉଚିତ ବୋଲି ବାସିତ ଅଲି ପିସିବିକୁ ଚେତାବନୀ ଦେଇଛନ୍ତି। ଏହାର କାରଣ ହେଉଛି ସୁରକ୍ଷା କ୍ଷେତ୍ରରେ ସାମାନ୍ୟତମ ତ୍ରୁଟି ହେତୁ ଦେଶକୁ ଚାମ୍ପିଅନ୍ସ ଟ୍ରଫିର ହୋଷ୍ଟିଂ ହରାଇବାକୁ ପଡିପାରେ।

# ଚାମ୍ପିଅନ୍ସ ଟ୍ରଫି ପାଇଁ ବଢୁଛି ଦ୍ୱନ୍ଦ୍ୱ

ନୂଆଦିଲ୍ଲୀ,୧।୯। : ଆସନ୍ତା ବର୍ଷ ଆଇସିସି ଚାମ୍ପିଅନ୍ସ ଟ୍ରଫି ଖେଳିବାକୁ ଟିମ୍ ଇଣ୍ଡିଆ। ପାକିସ୍ତାନ ଯିବ ନାହିଁ। ଜୟ ଶାହା ଆଇସିସିର ଚେୟାରମ୍ୟାନ୍ ହେବା ପରେ ଏହି ଟୁର୍ନାମେଣ୍ଟ କେବଳ ହାଇବ୍ରିଡ ମଡେଲରେ ଖେଳାଯିବ ବୋଲି ଆଲୋଚନା ହେଉଛି। ଫେବୃଆରୀ-ମାର୍ଚ୍ଚ ୨୦୨୫ ରେ ପାକିସ୍ତାନ ଚାମ୍ପିଅନ୍ସ ଟ୍ରଫି ଆୟୋଜନ କରିବ। ଜୟ ଶାହ ଆଇସିସି (ଆନ୍ତର୍ଜାତୀୟ କ୍ରିକେଟ୍ ପରିଷଦ)ର ଚେୟାରମ୍ୟାନ୍ ହେବା ପରେ ଚାମ୍ପିଅନ୍ସ ଟ୍ରଫି ପାଇଁ ହାଇବ୍ରିଡ୍ ମଡେଲ୍ ଗ୍ରହଣ କରିବାର ଆଲୋଚନା ଜୋରସୋରରେ ଚାଲିଛି। ଆଇସିସି ଅଧ୍ୟକ୍ଷଙ୍କର ଅନେକ କ୍ଷମତା ଅଛି। ଏଥିମଧ୍ୟରୁ ଗୋଟିଏ ହେଉଛି ମ୍ୟାଚ୍ ସ୍ଥାନ ପରିବର୍ତ୍ତନ କରିବାର ଶକ୍ତି ଅଛି। ଯଦିଓ ମ୍ୟାଚ୍ ସ୍ଥାନ ପରିବର୍ତ୍ତନ କରିବାର ନିଷ୍ପତ୍ତି ସାଧାରଣତ ସ୍ଥାନୀୟ ବୋର୍ଡ ଉପରେ ରହିଥାଏ, ଏହି ପ୍ରକ୍ରିୟାରେ ଆଇସିସି ଚେୟାରମ୍ୟାନ୍‌ଙ୍କ ପରାମର୍ଶ ଏବଂ ଅନୁମୋଦନ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ।

ସୁରକ୍ଷା, ରାଜନୈତିକ ଅସ୍ଥିରତା କିମ୍ବା ପ୍ରାକୃତିକ ବିପର୍ଯ୍ୟୟ ପରି କୌଣସି ଅସାଧାରଣ ପରିସ୍ଥିତି ହେତୁ ଆଇସିସି ସଭାପତି ସଦସ୍ୟ ବୋର୍ଡର ପରାମର୍ଶ କ୍ରମେ ମ୍ୟାଚ୍ ସ୍ଥାନ ପରିବର୍ତ୍ତନ କରିବାକୁ ନିଷ୍ପତ୍ତି ନେଇପାରନ୍ତି। ଏହାର ଅର୍ଥ ଯଦି ଜୟ ଶାହା ଚାହାଁନ୍ତି, ତେବେ ସେ ମ୍ୟାଚର ସ୍ଥାନ ପରିବର୍ତ୍ତନ କରିପାରିବେ । ବର୍ତ୍ତମାନ ଏହାକୁ ମଧ୍ୟ ଏହି ଉପାୟରେ ବୁଝିହେବ, ବର୍ତ୍ତମାନ ଜୟ ଶାହା ବିସିସିଆଇ ସଚିବ ଅଟନ୍ତି ।କିନ୍ତୁ ଯେତେବେଳେ ସେ ବିସିସିଆଇ ସଚିବଙ୍କ ସହ ଏସୀୟ କ୍ରିକେଟ୍ ପରିଷଦ (ଏସିସି) ର ସଭାପତି ଭାବରେ କାର୍ଯ୍ୟ କରିଥିଲେ ସେତେବେଳେ ସେ ସ୍ପଷ୍ଟ କରିଦେଇଥିଲେ ଯେ ଭାରତୀୟ ଦଳ କୌଣସି ମୂଲ୍ୟରେ ପାକିସ୍ତାନ ଯିବେ ନାହିଁ। ପରେ ମଧ୍ୟ ସମାନ ଘଟଣା ଘଟିଥିଲା ଏବଂ ଭାରତୀୟ ଦଳ ହାଇବ୍ରିଡ ମଡେଲ ଅଧୀନରେ ପାକିସ୍ତାନରେ ଏସିଆ। କପ୍ ୨୦୨୩ର ମ୍ୟାଚ୍ ଖେଳିଥିଲା ।

ସୂଚନା ଥାଉକି, ଜୟ ଶାହା ଆଇସିସି ଚେୟାରମ୍ୟାନ୍ ହେବା ବିଷୟରେ ଘୋଷଣା ହେବା ମାତ୍ରେ ଅନେକ ପାକିସ୍ତାନୀ କ୍ରିକେଟରଙ୍କ ବିବୃତ୍ତି ନିକଟରେ ଆସିଛି। ପାକିସ୍ତାନର ପୂର୍ବତନ ଅଧିନାୟକ ୟୁନିସ୍ ଖାନ୍ ଖେଳର ଆତ୍ମାକୁ ବଜାୟ ରଖିବା ପାଇଁ ଶାହାଙ୍କୁ ଅନୁରୋଧ କରିଛନ୍ତି ଏବଂ ଚାମ୍ପିଅନ୍ସ ଟ୍ରଫି ପାଇଁ ଭାରତୀୟ କ୍ରିକେଟ୍ ଦଳ ପାଇଁ ଯାତ୍ରା ଅନୁମୋଦନ ପାଇବାରେ ନୂତନ ଆଇସିସି ଅଧ୍ୟକ୍ଷ ସାହାଯ୍ୟ କରିବେ ବୋଲି ପରାମର୍ଶ ଦେଇଛନ୍ତି।

# ୧୯ ତମ ରାଜ୍ୟସ୍ତରୀୟ ସ୍କଏ ମାର୍ଶାଲ ଆର୍ଟ

## ବାଳକ ଓ ବାଳିକା ବିଭାଗରେ କଟକ ଚମ୍ପିୟାନ, ଅନୁଗୁଳ ରନରସ ଅପ୍

ଅନୁଗୁଳ,୧।୯: ଗତ ୩୦ ତାରିଖରୁ ସ୍ଥାନୀୟ ଇଣ୍ଡୋର୍ ହଲ୍ ରେ ଆୟୋଜିତ ତିନି ଦିନ ବ୍ୟାପି ରାଜ୍ୟସ୍ତରୀୟ ସ୍କଏ ମାର୍ଶାଲ ଆର୍ଟ ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି। ଅନୁଗୁଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ସମାରୋହରେ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ରାଜ୍ୟରେ ମାର୍ଶାଲ ଆର୍ଟ ର ଲୋକପ୍ରିୟତା ଏବଂ ଆଦୃତି ବଢୁଥିବା ପ୍ରକାଶ କରିଥିଲେ। ଏହି ଖେଳ ବିଶେଷ କରି ମହିଳା ମାନଙ୍କ ଆତ୍ମରକ୍ଷା କ୍ଷେତ୍ର ରେ ବିଶେଷ ସହାୟକ ହୋଇଥାଏ ଜିଲ୍ଲାରେ କ୍ରୀଡା ର ବିକାଶ ପାଇଁ ସେ ସବୁମନ୍ତେ ଉଦ୍ୟମ କରିବେ ବୋଲି ଶ୍ରୀ ପ୍ରଧାନ ପ୍ରକାଶ କରିଥିଲେ।



ସମ୍ମାନିତ ଅତିଥି ରୂପେ ରାଜ୍ୟ ସ୍କଏ ଆସୋସିଏସନ୍ ଉପ ସଭାପତି ସୁଧୀର ବିଶ୍ୱାସ, ଫରହା ସମିମ ସମ୍ପାଦକ ଏସ କେ ସଲାଉଦିନ, ଜିଲ୍ଲା କ୍ରୀଡା ଅଧିକାରୀ ଅକ୍ଷୟ କୁମାର୍ ସିଠ, ଜିଲ୍ଲା ସଂଘ ସଭାପତି ବରିଷ୍ଠ ଆଇନଜୀବୀ ଦ୍ୱାରିକା ପ୍ରସାଦ ନନ୍ଦ, ଆଇନଜୀବୀ ପ୍ରଦୀପ ଦେବତା, ସଞ୍ଜୟ ମହାପାତ୍ର, ପର୍ଶୁରାମ ଦାଶ, ନିର୍ମଳ ଅଗ୍ରାଲ, ଆନ୍ତର୍ଜାତିକ ଖେଳାଳୀ ପ୍ରକାଶ ଗଡ଼ନାୟକ, ନୀଳମଣି ଦାସ ପ୍ରମୁଖ ଯୋଗ ଦେଇଥିଲେସମସ୍ତଙ୍କୁ ପୁଷ୍ପ ଗୁଚ୍ଛ ଓ ଉତ୍ତରୀୟ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଗୁଳ ଜିଲ୍ଲା ସ୍କଏ ଆସୋସିଏସନ୍ ର ସାଧାରଣ ସମ୍ପାଦକ ଦୁଷ୍ୟନ୍ତ କୁମାର୍ ନାଥ ଅତିଥି ମାନଙ୍କୁ ସ୍ୱାଗତ କରିବା ସହ ଜିଲ୍ଲାରେ ବିଭିନ୍ନ ସାମରିକ ଖେଳ ର ପ୍ରଶିକ୍ଷଣ ଏବଂ ପ୍ରଚାର ପ୍ରସାର ନେଇ ବିବରଣୀ ରଖିଥିଲେ ସହଯୋଗ ମିଳିଲେ ଅନୁଗୁଳ ରେ ଜାତୀୟ ସ୍କଏ ପ୍ରତିଯୋଗିତା କରାଯିବ ବୋଲି ଶ୍ରୀ ନାଥ ସୂଚନା ପ୍ରଦାନ କରିଥିଲେ ।ପ୍ରତିଯୋଗିତାରେ ଉଭୟ ବାଳକ ଓ ବାଳିକା ବିଭାଗରେ କଟକ ଚମ୍ପିୟାନ ହୋଇଥିବା ବେଳେ ଅନୁଗୁଳ ରନରସ୍ ଅପ୍ ହୋଇଥିଲାପ୍ରତିଯୋଗିତାରେ ୪ ଶହ ରୁ ଊର୍ଦ୍ଧ୍ୱ ଖେଳାଳୀ ଓ ଅଫିସିଆଲ୍ ଯୋଗ ଦେଇଥିଲେ। ରାଜ୍ୟ ସ୍କଏ ଆସୋସିଏସନ୍, ରାଜ୍ୟ ସରକାର ଏବଂ ଅନୁଗୁଳ ଜିଲ୍ଲା ପ୍ରଶାସନ ର ସହଯୋଗ କରିଥିଲେ।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ